

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଶନିବାର ୦୨ ନଭେମ୍ବର ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 02 November 2024

Vol.No. 35 ■ No.290 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଲା ପୂଜା ସଂଖ୍ୟା...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ଦୀର୍ଘ ବର୍ଷ ପରେ ପୁଣି ଓଡ଼ିଶା ଫେରୁଛି 'ପୋସ୍କୋ'

### ମୁଖ୍ୟମନ୍ତ୍ରୀଙ୍କ ଜିଲ୍ଲାରେ ହେବ ମେଗା ଷ୍ଟିଲ୍ ପ୍ଲାଣ୍ଟ





ଭୁବନେଶ୍ୱର, ୦୧/୧୧ (ନି.ପ୍ର): ସବୁ କଳ୍ପନାଜଳ୍ପନାର ଅବସାନ ଘଟାଇ ପୋସ୍କୋ ଓ ଜେଏସଡବ୍ଲୁ ମିଳିତ ଭାବେ କେନ୍ଦୁଝରରେ ମେଗା ଷ୍ଟିଲ୍ ପ୍ଲାଣ୍ଟ କରିବାକୁ ଯାଉଥିବା ସୂଚନା ଦେଇଛନ୍ତି ଖୋଦ୍ ମୁଖ୍ୟମନ୍ତ୍ରୀ। ଜେଏସଡବ୍ଲୁ ହାତ ଧରି ଓଡ଼ିଶା ଫେରୁଛି ପୋସ୍କୋ। ସବୁ କଳ୍ପନାଜଳ୍ପନାର ଅବସାନ ଘଟାଇ ପୋସ୍କୋ ଓ ଜେଏସଡବ୍ଲୁ ମିଳିତ ଭାବେ କେନ୍ଦୁଝରରେ ମେଗା ଷ୍ଟିଲ୍ ପ୍ଲାଣ୍ଟ କରିବାକୁ ଯାଉଥିବା ସୂଚନା ଦେଇଛନ୍ତି ଖୋଦ୍ ମୁଖ୍ୟମନ୍ତ୍ରୀ । ତେବେ ପ୍ରସ୍ତାବିତ ୫ ନିୟୁତ ଟନ୍ କ୍ଷମତା ବିଶିଷ୍ଟ ଏଇ ମେଗା ପ୍ଲାଣ୍ଟ ପାଇଁ କେତେ ପୁଞ୍ଜିନିବେଶ ରହିବ, କେନ୍ଦୁଝରର କେଉଁଠି ପ୍ଲାଣ୍ଟ ବସିବ ତାକୁ ନେଇ ବଢିଛି ଉତ୍କଣ୍ଠା। ପୁଣି ଓଡ଼ିଶା ଫେରୁଛି ପୋସ୍କୋ । ଏଥର ପାରାଦୀପ ନୁହେଁ ମୁଖ୍ୟମନ୍ତ୍ରୀଙ୍କ ଜିଲ୍ଲା କେନ୍ଦୁଝରରେ ହେବ ମେଗା ଷ୍ଟିଲ୍ ପାଣ୍ଟ୍ ହେଲେ ଏକା ନୁହେଁ ଔଝଡ-ପୋସ୍କୋ ମିଳିତ ଭାବେ କରିବେ ଏ ପ୍ଲାଣ୍ଟ୍ ଜାତୀୟ ଓ ଅନ୍ତର୍ଜାତୀୟ ଗଣମାଧ୍ୟମରେ ଗତ କିଛି ଦିନ ଧରି ପ୍ରକାଶ ପାଉଥିବା ଏ ଖବର ଉପରେ ମୋହର ମାରି ଆଜି ଏନେଇ ବଡ଼ ସୂଚନା ଦେଇଛନ୍ତି ଖୋଦ୍ ମୁଖ୍ୟମନ୍ତ୍ରୀ ମୋହନ ମାଝୀ। କେନ୍ଦୁଝର ଗସ୍ତ ଅବସରରେ କହିଛନ୍ତି- ଦିଲ୍ଲୀ ଓ ମୁମ୍ବାଇରେ ଉତ୍କର୍ଷ ଓଡ଼ିଶା ରୋଡ୍ ସୋ' ବେଳେ ଏନେଇ ଉଭୟ ଔଝଡ ଓ ପୋସ୍କୋ ସହ ଆଲୋଚନା ହୋଇଥିଲା।

▶▶ପୃଷ୍ଠା ୭

## ବିଜେଡି ଛାଡ଼ିଥିବା ସୁନନ୍ଦା ୬ରେ ବିଜେପିରେ ମିଶିବେ

ଭୁବନେଶ୍ୱର, ୦୧/୧୧ (ନି.ପ୍ର): ଗତ ଅକ୍ଟୋବର ୨୯ ତାରିଖରେ ବିଜେଡିରୁ ଇସ୍ତଫା ଦେଇଥିବା ବରୀର ପୂର୍ବତନ ବିଧାୟକ ସୁନନ୍ଦା ଦାସ ନଭେମ୍ବର ୬ ତାରିଖରେ ବିଜେପିରେ ଯୋଗ ଦେବେ। ୬ ତାରିଖ ପୂର୍ବାହ୍ନରେ ସେ ଭୁବନେଶ୍ୱର ସ୍ଥିତ ବିଜେପି ରାଜ୍ୟ କାର୍ଯ୍ୟାଳୟରେ ଦଳରେ ସାମିଲ ହେବେ। ତାଙ୍କ ସ୍ୱାମୀ ଦେବେନ୍ଦ୍ର ଦାସ ଏହି ସୂଚନା ଦେଇଛନ୍ତି। ଗତ ୫ ମାସ ହେଲେ ଅଣଦେଖା ହୋଇ ରହିଥିବା ଅଭିଯୋଗ ଆଣି ସୁନନ୍ଦା ଦାସ ବିଜେଡିରୁ ଇସ୍ତଫା ଦେଇଥିଲେ। ବିଜେଡି ଛାଡ଼ିବା ପରେ ସେ ଦଳର ଅନେକ ଗୁମର ଖୋଲିଥିଲେ। ପ୍ରଣବ ପ୍ରକାଶ ଦାସ (ବବି)ଙ୍କ ଉପରେ ମନଇଚ୍ଛା ବର୍ଷିଥିଲେ। ଗତ ନିର୍ବାଚନରେ ବିଜେଡିରେ ଅଫିସରମାନେ ଟିକେଟ ବାଣ୍ଟୁଥିଲେ ବୋଲି ସେ କହିଥିଲେ। ଟିକେଟ ପାଇଁ ଡିଏସ୍ କୁଚେ ଓ ଆଶିଷ ସିଂହଙ୍କୁ ଭେଟିବାକୁ ତାଙ୍କୁ କୁହାଯାଇଥିଲା ବୋଲି ସେ କହିଥିଲେ। ଏମିତିକି ସେ ଏହି ଦୁଇ ଅଧିକାରୀଙ୍କୁ ଭେଟିଥିଲେ। ଟିକେଟ ବଣ୍ଟନର ପୂର୍ବଦିନ ଏହି ଦୁଇ ଅଫିସର ତାଙ୍କୁ ଡାକି ଅଲ୍ ଦି ବେଷ୍ଟ କହିଥିଲେ। କିନ୍ତୁ ତା' ପରଦିନ ତାଲିକାରେ ତାଙ୍କ ନଥିଲା।

▶▶ପୃଷ୍ଠା ୭

## ଅଦିନିଆ ସ୍ନାନଯାତ୍ରା ବାତିଲ କଲା ଇସ୍କନ

ଭୁବନେଶ୍ୱର, ୦୧/୧୧ (ନି.ପ୍ର): ନଭେମ୍ବର ୩ରେ ସ୍ନାନ ଯାତ୍ରା, ୯ରେ ରଥଯାତ୍ରା କରିବାକୁ ଯୋଜନା କରିଥିଲା ଇସ୍କନର ହ୍ୟୁଷ୍ଟନ ଶାଖା। ଯାହାକୁ ନେଇ ତୀବ୍ର ପ୍ରତିକ୍ରିୟା ପରେ ଖୋଦ୍ ଗଜପତି ମହାରାଜ ଇସ୍କନର ଏଭଳି ଶ୍ରୀଜଗନ୍ନାଥ ସଂସ୍କୃତି ପରମ୍ପରା ବିରୋଧୀ କାର୍ଯ୍ୟକୁ ନେଇ ଉଦବେଗ ପ୍ରକାଶ କରିଥିଲେ । ହ୍ୟୁଷ୍ଟନ ମନ୍ଦିର କର୍ତ୍ତୃପକ୍ଷ ଓ ମାୟାପୁରୀ ମୁଖ୍ୟାଳୟ ଅଧ୍ୟକ୍ଷଙ୍କୁ ଚିଠି ଲେଖିଥିଲେ ଗଜପତି ମହାରାଜା । ଅନ୍ୟପଟେ ଚିଠିରେ ବଡ଼ ତାର୍କିକ ପ୍ରଶ୍ନ ଉଠାଇଥିଲେ ଗଜପତି ମହାରାଜା । ଅଦିନରେ ଜନ୍ମାଷ୍ଟମୀ ପାଳନ କରାଯାଏ କି ବୋଲି ପ୍ରଶ୍ନ କରିଥିଲେ । ଯଦି ଜନ୍ମାଷ୍ଟମୀ ଗୋଟିଏ ଦିନରେ, ତେବେ ରଥଯାତ୍ରା କାହିଁକି ଭିନ୍ନ । କାହିଁକି ଭିନ୍ନ ଭିନ୍ନ ଦିନରେ ରଥଯାତ୍ରା ପାଳନ ହେବ ବୋଲି ପଚାରି ବର୍ଷିଥିଲେ ଗଜପତି ମହାରାଜା । ଏପରିକି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପବିତ୍ର ରଥଯାତ୍ରା ନିର୍ଦ୍ଧାରିତ ପୁଣ୍ୟତିଥି ବ୍ୟତିତ ଅନ୍ୟ ସମୟରେ ନକରିବାକୁ ଗତ ୨୦୧୯ ସେପ୍ଟେମ୍ବରରେ ଏକ ବାର୍ତ୍ତା ଦେଇଥିଲେ। ଏହାପରେ ଇସ୍କନ ଇଣ୍ଡିଆ ପକ୍ଷରୁ ବି ଏକ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ଯେଉଁ ତିଥିରେ ରଥଯାତ୍ରା ପଡୁଛି ସେହି ତିଥି ବ୍ୟତିତ ଅନ୍ୟ ସମୟରେ ରଥଯାତ୍ରା ନକରିବାକୁ ସଂକଳ୍ପ କରାଯାଇଥିଲା।

▶▶ପୃଷ୍ଠା ୭

## ରତ୍ନଭଣ୍ଡାରରେ କୌଣସି ସୁଡ଼ଙ୍ଗ ବା ଗୁପ୍ତ କୋଠରୀ ନାହିଁ: ପୃଥ୍ୱୀରାଜ ହରିଚନ୍ଦନ

ଭୁବନେଶ୍ୱର, ୦୧/୧୧ (ନି.ପ୍ର):ରତ୍ନଭଣ୍ଡାର ଗଣତିମଣତି ନେଇ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ବଡ଼ ଘୋଷଣା କରିଛନ୍ତି। ସେ କହିଛନ୍ତି ନୂଆବର୍ଷରୁ ଆରମ୍ଭ ହେବ ରତ୍ନଭଣ୍ଡାର ଗଣତିମଣତି। ସେ ଆହୁରି କହିଛନ୍ତି ଯେ ପ୍ରାଥମିକ ଆଲୋଚନାରୁ ଜଣାପଡ଼ିଛି ଯେ ରତ୍ନଭଣ୍ଡାରରେ କୌଣସି ସୁଡ଼ଙ୍ଗ ବା ଗୁପ୍ତ କୋଠରୀ ନାହିଁ। କାର୍ତ୍ତିକ ମାସ ହେତୁ ଏବେ ଶ୍ରଦ୍ଧାଳୁଙ୍କ ଭିଡ଼ ରହୁଛି ଜଗନ୍ନାଥ ମନ୍ଦିରରେ। ଏଣୁ କାର୍ତ୍ତିକ ମାସ ପରେ ରତ୍ନଭଣ୍ଡାରରେ ଥିବା ଫାଟର ମରାମତି କାମ କରାଯିବ। ଏହାପରେ ରତ୍ନଭଣ୍ଡାର ଗଣତିମଣତି କାମ ଆରମ୍ଭ ହେବ। ନୂଆବର୍ଷରୁ ଆରମ୍ଭ ହେବ ରତ୍ନଭଣ୍ଡାର ଗଣତିମଣତି।

▶▶ପୃଷ୍ଠା ୭

## ଡିସେମ୍ବର ୬ରୁ ରାଜ୍ୟ ପୁସ୍ତକ ମହୋତ୍ସବ

ଭୁବନେଶ୍ୱର, ୦୧/୧୧ (ନି.ପ୍ର): ଆସନ୍ତା ଡିସେମ୍ବର ମାସ ୬ତାରିଖରୁ ଷଷ୍ଠ ରାଜ୍ୟ ପୁସ୍ତକ ମହୋତ୍ସବ ଅନୁଷ୍ଠିତ ହେବ । ରାଜଧାନୀ ଭୁବନେଶ୍ୱରର ଇଡକୋ ପ୍ରଦର୍ଶନୀ ପଡ଼ିଆରେ ରାଜ୍ୟ ଓଡ଼ିଆ ଭାଷା,ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଆୟୋଜିତ ଏହି ପୁସ୍ତକ ମେଳା ୧୨ଦିନ ଧରି ଚାଲିବ ବୋଲି ଜଣାପଡ଼ିଛି । ସୂଚନା ଅନୁସାରେ, ଚଳିତବର୍ଷ ରାଜ୍ୟ ସରକାରଙ୍କ ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ ପୁସ୍ତକ ମେଳା ପ୍ରତ୍ୟେହ ଦିନ ୧୧ଟାରୁ ରାତି ୯ଟା ପର୍ଯ୍ୟନ୍ତ ଚାଲିବ। ଏହି ପୁସ୍ତକ ମହୋତ୍ସବ ପାଇଁ ସରକାର ବିଭିନ୍ନ ସଂସ୍ଥାଠୁ ଷ୍ଟଲ ବୁକିଂ ପାଇଁ ଆବେଦନପତ୍ର ଆହ୍ୱାନ କରିଛନ୍ତି । ଏହି ପୁସ୍ତକ ମେଳାରେ ପ୍ଲାଷ୍ଟିକ ଓ ପଲିଥିନ ବ୍ୟାଗ୍ ବ୍ୟବହାର ନିଷିଦ୍ଧ କରାଯାଇଛି ।

## ବାଦ୍ ପଡ଼ିଥିବା 'ସୁଭଦ୍ରା' ହିତାଧିକାରୀଙ୍କ ପାଇଁ ଆସିବ ଗାଇଡଲାଇନ୍: ଖୁବଶୀଘ୍ର ମିଳିବ ପ୍ରଥମ କିସ୍ତିର ତୃତୀୟ ପର୍ଯ୍ୟାୟ ଟଙ୍କା




ଭୁବନେଶ୍ୱର, ୦୧/୧୧ (ନି.ପ୍ର): ସୁଭଦ୍ରା ଟଙ୍କା ପାଇଁ ଅପେକ୍ଷା କରିଥିବା ହିତାଧିକାରୀଙ୍କ ପାଇଁ ଖୁସି ଖବର। ଖୁବଶୀଘ୍ର ମିଳିବ ପ୍ରଥମ ପର୍ଯ୍ୟାୟର ତୃତୀୟ କିସ୍ତି। ଖୋଦ୍ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଏନେଇ ସ୍ପଷ୍ଟ କରିଛନ୍ତି। ଖୁବଶୀଘ୍ର ସୁଭଦ୍ରା ଯୋଜନା ପ୍ରଥମ କିସ୍ତିର ତୃତୀୟ ପର୍ଯ୍ୟାୟ ଟଙ୍କା, ଯୋଗ୍ୟ ହିତାଧିକାରୀଙ୍କ ଖାତାକୁ ଯିବ। ଏଥିସହ ଅଯୋଗ୍ୟ ହିତାଧିକାରୀ ବି କିପରି ସୁଭଦ୍ରା ଯୋଜନାରେ ସାମିଲ ହେବେ ସେନେଇ ମୋଡାଲିଟି ପ୍ରସ୍ତୁତ କରି ନୂଆ ଗାଇଡ ଲାଇନ୍ ଅଣାଯିବ ବୋଲି କହିଛନ୍ତି ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା । ଯାହାକୁ ନେଇ ଉତ୍ସାହିତ ହୋଇପଡିଛନ୍ତି ସୁଭଦ୍ରାରୁ ବଂଚିତ ମହିଳମାନେ। ଖୁବଶୀଘ୍ର ସୁଭଦ୍ରା ଯୋଜନାର ତୃତୀୟ କିସ୍ତି ଡିବିଟି ମାଧ୍ୟମରେ

▶▶ପୃଷ୍ଠା ୭

## ଆମ୍ବ ଟାକୁଆ ଖାଇ ୨ ମୃତ: ୬ ଗୁରୁତର

କନ୍ଧମାଳ, ୦୧/୧୧ (ନି.ପ୍ର): ଆମ୍ବ ଟାକୁଆ ଖାଇ ୨ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୬ ଜଣ ଗୁରୁତର ଆହତ ହୋଇଛନ୍ତି। କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡ଼ି ଥାନା ଅନ୍ତର୍ଗତ ଗଦାପୁର ମଣ୍ଡିପଙ୍କା ଗାଁରେ ଏହି ଘଟଣା ଘଟିଛି। ମୃତକମାନେ ହେଲେ ରମିତା ପାଟ ମାଝୀ (୨୭) ଓ ରୁନୁ ମାଝୀ। ଆହତ ୬ ଜଣଙ୍କୁ ବ୍ରହ୍ମପୁର ଗକଉଏ ରେ ଭର୍ତ୍ତି କରାଯାଇଛି। ରମିତା ଓ ରୁନୁ ଆମ୍ବ ଟାକୁଆରେ ଜାଉ ପ୍ରସ୍ତୁତ କରି ଖାଇଥିଲେ। ଏହା ପରେ ସେମାନଙ୍କର ପେଟବ୍ୟଥା ହେବା ସହ ଝାଡ଼ାବାନ୍ତି ହୋଇଥିଲା। ରମିତାଙ୍କ ଅବସ୍ଥା ଗୁରୁତର ହୋଇ ପଡ଼ିଥିଲା। ଗତ ୩୦ ତାରିଖରେ ତାଙ୍କୁ ବ୍ରାହ୍ମଣୀଗାଁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କ ଅବସ୍ଥା ଗୁରୁତର ହେବା ପରେ ତାଙ୍କୁ ଗତକାଲି ବ୍ରହ୍ମପୁର ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ଗତକାଲି ବିଳମ୍ବିତ ରାତିରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ସେହିଭଳି ଦିବ୍ୟାଙ୍ଗ ଯୁବତୀ ରୁନୁ ମାଝୀଙ୍କୁ ମଧ୍ୟ ପ୍ରଥମେ ବ୍ରାହ୍ମଣୀ ଗାଁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ତାଙ୍କ ଅବସ୍ଥା ଗୁରୁତର ହେବାରୁ ଆଜି ସକାଳେ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ବ୍ରହ୍ମପୁର ବଡ଼ ମେଡିକାଲ ନିଆଯିବା ବେଳେ ସେ ପ୍ରାଣ ହରାଇଛନ୍ତି। ଦୁଇ ଜଣଙ୍କ ମୃତ୍ୟୁ ପରେ ଗାଁରେ ଶୋକାକୂଳ ପରିବେଶ ସୃଷ୍ଟି ହୋଇଛି। ଗଦାପୁର ସରପଞ୍ଚ କୁମାରୀ ମଲିକ କହିଛନ୍ତି, ସମସ୍ତେ ଆମ୍ବ ଟାକୁଆ ଖାଇଥିଲେ। ଖାଇବାର କିଛି ସମୟ ପରେ ସେମାନଙ୍କୁ ଝାଡ଼ାବାନ୍ତି ହୋଇଥିଲା। ପରେ ସେମାନଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ୨ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୬ ଜଣଙ୍କ ଅବସ୍ଥା ଗୁରୁତର ରହିଛି। ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ବିଜୟ ମହାପାତ୍ର କହିଛନ୍ତି, ମଣ୍ଡିପଙ୍କାଗାଁରେ ପହଞ୍ଚି ସ୍ୱାସ୍ଥ୍ୟ ବିଭାଗ ଟିମ୍ ଛାନଭିନ୍ କରୁଛନ୍ତି। ୭ରୁ ୮ ଜଣ ଅସୁସ୍ଥ ଅଛନ୍ତି, ଖାଦ୍ୟ ବିଷାକ୍ତ କିମ୍ବା ହଇଜା ହୋଇଥାଇପାରେ ବୋଲି ଅନୁମାନ କରାଯାଉଛି।

## ଉଦୟ ନାରାୟଣ ଦାସଙ୍କ ରଚିତ ଐତିହାସିକ ଉପନ୍ୟାସ 'ଶ୍ରୀଜଙ୍ଗ' ହେଲା ଉନ୍ମୋଚିତ



ବାଲେଶ୍ୱର , ୦୧/୧୧ (ନି.ପ୍ର): ବିଶିଷ୍ଟ ଗାଳ୍ପିକ ତଥା ଶ୍ରୀଜଙ୍ଗ ମାଟିର ସୁସନ୍ତାନ ଉଦୟନାରାଣ ଦାସଙ୍କ ସଦ୍ୟ ରଚିତ ସ୍ୱାଧୀନତା ସଂଗ୍ରମ ସମୟରେ ଶ୍ରୀଜଙ୍ଗ ମାଟିରେ ଘଟିଯାଇଥିବା ସେଦିନର ଲୋମହର୍ଷଣକାରୀ ଛାତିଥରା କାହାଣୀକୁ ଭିତ୍ତିକରି ଏକ ଐତିହାସିକ ଉପନ୍ୟାସ 'ଶ୍ରୀଜଙ୍ଗ'ର ଶୁଭଉନ୍ମୋଚନ ଗତ ୩୦ତାରିଖ ସନ୍ଧ୍ୟାରେ ବାଲେଶ୍ୱର ଷ୍ଟେସନକ୍ଲବ ପରିସରରେ ଅନୁଷ୍ଠିତ ହୋଇଯାଇଛି । 'ସୁବର୍ଣ୍ଣଶ୍ରୀ ପ୍ରକାଶିନୀ' ଦ୍ୱାରା ପ୍ରକାଶିତ ଏହି ଗ୍ରନ୍ଥର ଉନ୍ମୋଚନ ସଭାରେ ସଭାପତିତ୍ୱ କରିଥିଲେ କମଳାକାନ୍ତ ଦାଶ। ସେ ତାଙ୍କର ବକ୍ତବ୍ୟରେ ଶ୍ରୀଜଙ୍ଗ ମାଟିର ସ୍ୱାଧୀନତା ସଂଗ୍ରାମର ବିବରଣୀ ଉପସ୍ଥାପନାକରି ସମସ୍ତଙ୍କୁ ସ୍ୱାଗତ ଜଣାଇଥିଲେ। ଲେଖକ ଉଦୟନାରାଣ ଦାସ କୋହଭରା କଣ୍ଠରେ ତାଙ୍କ ଗାଁ ମାଟିର ସେହି କାଳରାତ୍ରି ମାନଙ୍କର କାହାଣୀକୁ ଉପଜୀବ୍ୟ କରି ଦୀର୍ଘଦିନ ଧରି ଲେଖିଥିବା ଉପନ୍ୟାସର ସୂଚନା ଦେବା ସହ ଏହି ଉପନ୍ୟାସ ରଚନା ଫଳରେ ମୋ ଗାଁମାଟିର ପରିଚୟ ଆଗମୀପିଢ଼ି ଅଧିକ ଜାଣିବାରେ ସହାୟକ ହେବେ ବୋଲି କହିଥିଲେ। ଉତ୍ସବକୁ ଉଦ୍‌ଘାଟନ କରିଥିଲେ ମାନନୀୟା ବସ୍ତାର ବିଧାୟିକା ତଥା ରେବତୀ ପତ୍ରିକାର ସଂପାଦିକା ଶ୍ରୀମତୀ ସୁବାସିନୀ ଜେନା। ଗ୍ରନ୍ଥଟକୁ ଉନ୍ମୋଚନ କରିଥିଲେ ବିଶିଷ୍ଟ କବୀ

▶▶ପୃଷ୍ଠା ୭


DADLS-45

VISION DOCUMENT 2036 | 2047

ଓଡ଼ିଶା ସରକାର

ଓଡ଼ିଶା ଭିଜନ
୨୦୩୬ ଓ ୨୦୪୭



ପ୍ରିୟ ଭାଇ ଓ ଭଉଣୀମାନେ,

ଆପଣମାନଙ୍କ ଆଶୀର୍ବାଦରେ ଗଠିତ ଲୋକଙ୍କ ସରକାର ଆମ ରାଜ୍ୟ ଗଠନର ଶତବାର୍ଷିକୀ ୨୦୩୬ ସୁଦ୍ଧା ଓଡ଼ିଶାକୁ ଏକ ଶକ୍ତିଶାଳୀ, ସମୃଦ୍ଧ ଓ ବିକଶିତ ରାଜ୍ୟରେ ପରିଣତ କରିବା ପାଇଁ ମହତ୍ୱାକାଂକ୍ଷୀ ଯାତ୍ରା ଆରମ୍ଭ କରିଛନ୍ତି ।

ସ୍ୱାଧୀନତାର ଶତବାର୍ଷିକୀ ୨୦୪୭ ସୁଦ୍ଧା ଆମ ଦେଶକୁ ବିକଶିତ ଭାରତରେ ପରିଣତ କରିବା ଲକ୍ଷ୍ୟ ସହିତ ଏହା ଜଡ଼ିତ । ଏଥିପାଇଁ ଭିଜନ ଡକ୍ୟୁମେଣ୍ଟର ପ୍ରସ୍ତୁତି ନିମନ୍ତେ ମୁଁ ଆପଣମାନଙ୍କୁ ସୁଚିନ୍ତିତ ମତାମତ ପ୍ରଦାନ କରିବାକୁ ଅନୁରୋଧ କରୁଛି ।

ଆଗାମୀ ଦିନରେ ଓଡ଼ିଶାର ସବୁବର୍ଗର ଲୋକଙ୍କ ଉନ୍ନତି ଆମର ଲକ୍ଷ୍ୟ । ସବୁ ଅଞ୍ଚଳର ଦ୍ରୁତ ବିକାଶ ଆମ ପାଇଁ ଗୁରୁତ୍ୱପୂର୍ଣ୍ଣ । ରାଜ୍ୟର ସବୁ ନାଗରିକଙ୍କୁ ମୌଳିକ ସୁବିଧା ପ୍ରଦାନ କରିବା ସହିତ ପ୍ରତ୍ୟେକ କ୍ଷେତ୍ରରେ ବ୍ୟାପକ ଉନ୍ନତି ଆଣିବା ପାଇଁ ସରକାର ଉଦ୍ୟମ ଆରମ୍ଭ କରିଛନ୍ତି । ଏକ ସମୃଦ୍ଧ ଓଡ଼ିଶା ଗଠନ ପାଇଁ ଦ୍ରୁତ ଅର୍ଥନୈତିକ ଅଭିବୃଦ୍ଧିର ଆବଶ୍ୟକତା ରହିଛି । ଏହି ବିଶାଳ ଲକ୍ଷ୍ୟ ପୂରଣ ଦିଗରେ ଆପଣମାନଙ୍କ ଅଭିନବ ଚିନ୍ତାଧାରା ଓ ସୁଚିନ୍ତିତ ମତାମତ ଖୁବ୍ ସହାୟକ ହେବ ।

ବିକଶିତ ଓଡ଼ିଶା ଗଠନ ପାଇଁ ଆପଣଙ୍କର ମୂଲ୍ୟବାନ ମତାମତ ପ୍ରଦାନ କରିବାକୁ ମୋର ଅନୁରୋଧ ।

(ମୋହନ ଚରଣ ମାଝୀ)
ମାନ୍ୟବର ମୁଖ୍ୟମନ୍ତ୍ରୀ, ଓଡ଼ିଶା

ବିକଶିତ ଭାରତ ପାଇଁ ବିକଶିତ ଓଡ଼ିଶା
ଓଡ଼ିଶାର ଭବିଷ୍ୟତ ଗଡ଼ିବାରେ ସାମିଲ ହୁଅନ୍ତୁ ।

ଓଡ଼ିଶା ଭିଜନ ୨୦୩୬ ଓ ୨୦୪୭ ପ୍ରସ୍ତୁତିରେ ଆମକୁ ସହଯୋଗ କରନ୍ତୁ ।
ଆମେ ପରସ୍ପରକୁ ସହଯୋଗର ହାତ ବଢ଼ାଇଲେ ସମସ୍ତେ ମିଳିମିଶି ଏକ ଉଜ୍ଜ୍ୱଳ,
ଶକ୍ତିଶାଳୀ ଓ ସମୃଦ୍ଧ ଓଡ଼ିଶା ଗଠନ କରିପାରିବା ।
ଆସନ୍ତୁ ଆମେ ଓଡ଼ଶା ପାଇଁ ଯେଉଁ ଭବିଷ୍ୟତର ସ୍ୱପ୍ନ ଦେଖୁଛେ, ତାହା ମିଳିମିଶି ସାକାର କରିବା ।

vision.odisha.gov.in +91 6370951920 vision@odisha.gov.in

OIPR: 15001/13/0255/2425

# ରୁଷ-ୟୁକ୍ରେନ ଯୁଦ୍ଧରେ ଉତ୍ତରକୋରିଆର ଏଣ୍ଟ୍ରି: ପଠାଇଲା ୮ହଜାର ମିସାଇଲ



ନୂଆଦିଲ୍ଲୀ, ୦୧/୧୧ : ରୁଷ-ୟୁକ୍ରେନ ଯୁଦ୍ଧ । ଆହୁରି ହେବ କି ଉଗ୍ର ? ଆହୁରି ହେବ କି ଭୟଙ୍କର । କାରଣ ଏଥରକ ରୁଷ-ୟୁକ୍ରେନ ଯୁଦ୍ଧ ଭିତରେ ଆଉ କେହି ନୁହେଁ ଉତ୍ତରକୋରିଆ ବଡ ଏଣ୍ଟ୍ରି ନେଇଛି । ନାଟୋ ଓ ୟୁକ୍ରେନର ଦାବିକୁ କିଛି ଦିନ ନପୁରୁଣୁ ମସ୍କୋରେ ପହଁଚିଲେଣି ୧୦ହଜାରରୁ ଅଧିକ ସୈନ୍ୟ । ତାଲିମ ନେବା ସହ ୟୁକ୍ରେନ ସେନାରେ ମୁତୟନ ହୋଇଥିବା ସୂଚନା ମିଳିଛି । ଦକ୍ଷିଣ କୋରିଆ ଓ ନାଟୋ ଉଭୟ ଏହି ଦାବି କରୁଥିଲେ । ଏବେ ଏହାର ସ୍ପଷ୍ଟ ଚିତ୍ର ସାମ୍ନାକୁ ଆସିଛି । ଯୁଦ୍ଧରେ ରୁଷକୁ ସହାୟତା ପାଇଁ ଉତର କୋରିଆର ସୈନ୍ୟ ମାନଙ୍କୁ ପ୍ରଥମେ ମସ୍କୋକୁ ପଠାଯିବା ପରେ ସେମାନଙ୍କୁ ସ୍ୱତନ୍ତ୍ର ତାଲିମ ଦିଆଯାଇଛି । ନାଟୋ ସେକ୍ରେଟେରୀ ଜେନେରାଲ ମାର୍କ ରୁର୍ଟେ ଗଣମାଧ୍ୟମକୁ ସୂଚନା ଦେବାର କିଛି ଘଣ୍ଟା ପରେ ଏବେ ଖବର ସ୍ପଷ୍ଟ ହୋଇସାରିଛି । ରୁଷ-ୟୁକ୍ରେନ ଯୁଦ୍ଧକୁ ନେଇ ସାରା ବିଶ୍ୱ ଚିନ୍ତାରେ । ଏହା ଭିତରେ ଘାତକ ଯୁଦ୍ଧାସ୍ତ୍ର ସମ୍ପନ୍ନ ଦେଶ ଉତରକୋରିଆ ରୁଷକୁ ସାହାଯ୍ୟ କରିବା ଆଗକୁ ଯୁଦ୍ଧର ରୂପରେଖରେ ବଦଳାଇପାରେ । କେବଳ ସେତିକି ନୁହେଁ ରୁଷ ଆଗରେ ଦମ୍ଭ ହୋଇ ଛିଡା ହୋଇଥିବା ୟୁକ୍ରେନ ପାଇଁ କଷ୍ଟକର ହୋଇପାରେ ଆଗାମୀ ଦିନର ଲଢ଼େଇ । ଦୀର୍ଘ ଦୁଇବର୍ଷ ହେବ ରୁଷ-ୟୁକ୍ରେନ ମଧ୍ୟରେ ଘମାଘୋଟ ଲଢ଼େଇ ଜାରି ରହିଛି । ପଶ୍ଚିମଦେଶ,ନାଟୋ ଓ ଆମେରିକା ୟୁକ୍ରେନ ସପକ୍ଷରେ ଥିବାବେଳେ ରୁଷକୁ ମଧ୍ୟ ଅନ୍ୟ କିଛି ଦେଶମାନଙ୍କ ସାହାଯ୍ୟ ମିଳୁଛି । ଏହା ଭିତରେ ପୁଟିନ ଓ କିମଜଙ୍ଗ ଉନଙ୍କ ବନ୍ଧୁତାକୁ ନେଇ ଚର୍ଚ୍ଚା ମଧ୍ୟ ହୋଇଥିଲା ଆଉ ଏବେ ରୁଷକୁ ଉତ୍ତରକୋରିଆର ସାମରିକ ସାହାଯ୍ୟ ଯୁଦ୍ଧକୁ ଅଧିକ ଉଗ୍ର କରିପାରେ । ସବୁଠୁ ବଡ କଥା ହେଉଛି ଚେତାବନୀ ସତ୍ତ୍ୱେ ଉତ୍ତରକୋରିଆ ରୁଷକୁ ସାହାଯ୍ୟ କରିବା ପରେ ଚିହିଁକି ଉଠିଛି ଆମେରିକା । ଧମକ ଦେଇ ଆମେରିକା କହିଥିଲା ଯଦି ରୁଷ ଯଦି ଉତ୍ତରକୋରିଆ ସାହାଯ୍ୟରେ ୟୁକ୍ରେନ ଉପରେ ଆକ୍ରମଣ କରେ ତେବେ ଏହାର ପରିଣାମ ଭୟଙ୍କର ହେବ ।ଏପରିକି ସୈନ୍ୟମାନଙ୍କ ଶବକୁ ବ୍ୟାଗରେ ଭର୍ତ୍ତି କରି ମସ୍କୋକୁ ପଠାଯିବ ବୋଲି ପେଂଟାଗନ ଧମକ ଦେଇଛି । ଜୁନ ମାସରେ ଉତ୍ତରକୋରିଆକୁ ସିକ୍ରେଟ ଭିଜିଟ କରିଥିଲେ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ । ଏହି ସମୟରେ ଉଭୟ ଦେଶଙ୍କ ମଧ୍ୟରେ ପ୍ରତିରକ୍ଷା ଚୁକ୍ତି ମଧ୍ୟ ହୋଇଥିଲା ।ତେବେ ଯୁଦ୍ଧ ଭିତରେ ବନ୍ଧୁ ସାଜି ପୁଟିନଙ୍କୁ ସାହାଯ୍ୟ ପାଇଁ କିମଜଙ୍ଗ ଆଗେଇ ଆସିବା ବିଶ୍ୱ ପାଇଁ ବଡ ବିପଦ ଆଣିପାରେ ।

# ଭାରତକୁ 'ଶତ୍ରୁ ଦେଶ' ତାଲିକାରେ ରଖିଲା କାନାଡା



ନୂଆଦିଲ୍ଲୀ, ୦୧/୧୧ : କାନାଡାର ଜଷ୍ଟିନ ଟ୍ରୁଡୋ ସରକାର ପ୍ରଥମ ଥର ପାଇଁ ଏକ ସରକାରୀ ଡକ୍ୟୁମେଣ୍ଟରେ ଭାରତକୁ 'ଶତ୍ରୁ ଦେଶ' ତାଲିକାରେ ଅନ୍ତର୍ଭୁକ୍ତ କରିଛନ୍ତି। କାନାଡା ପାଇଁ ଜାତୀୟ ସାଇବର ଧମକ ମୂଲ୍ୟାଙ୍କନ ୨୦୨୫-୨୬ ରିପୋର୍ଟରେ ବିପଦ ଥିବା ଦେଶମାନଙ୍କ ତାଲିକାରେ ଭାରତକୁ ରଖାଯାଇଛି। ଏହି ରିପୋର୍ଟ କାନାଡାର ସାଇବର ସୁରକ୍ଷା କେନ୍ଦ୍ର ଦ୍ୱାରା ପ୍ରକାଶ ପାଇଛି। ଚୀନ୍, ରୁଷିଆ, ଇରାନ ଏବଂ ଉତ୍ତର କୋରିଆ ସହିତ ଭାରତକୁ 'ଶତ୍ରୁ ଦେଶ' ଭାବରେ ତାଲିକାଭୁକ୍ତ କରାଯାଇଛି। ଏଥିରେ ଭାରତକୁ ପ୍ରତିଦ୍ୱନ୍ଦ୍ୱୀ ଦେଶ କୁହାଯାଇଛି। ରିପୋର୍ଟରେ କୁହାଯାଇଛି, ଆମେ ଆକଳନ କରୁଛୁ ଯେ ଭାରତ ସରକାରଙ୍କ ଦ୍ୱାରା ପ୍ରାୟୋଜିତ ସାଇବର ଧମକ ଲୋକମାନେ ଗୁପ୍ତଚର ଉଦ୍ଦେଶ୍ୟରେ କାନାଡା ସରକାରଙ୍କ ନେଟୱାର୍କ ବିରୋଧରେ ସାଇବର ବିପଦ କାର୍ଯ୍ୟକଳାପ କରିପାରନ୍ତି। ଏଥିରେ ଆହୁରି କୁହାଯାଇଛି, କାନାଡା ଏବଂ ଭାରତ ମଧ୍ୟରେ ସରକାରୀ ଦ୍ୱିପାକ୍ଷିକ ସମ୍ପର୍କ କାନାଡା ବିରୋଧରେ ଭାରତ ସରକାରଙ୍କ ଦ୍ୱାରା ପ୍ରାୟୋଜିତ ସାଇବର ଧମକ କାର୍ଯ୍ୟକଳାପକୁ ଆଗେଇ ନେବାର ଆଶଙ୍କା ରହିଛି। ଏହି ରିପୋର୍ଟରେ କୁହାଯାଇଛି, ଭାରତର ନେତୃତ୍ୱ ଘରୋଇ ସାଇବର କ୍ଷମତା ସହିତ ଏକ ଆଧୁନିକ ସାଇବର ପ୍ରୋଗ୍ରାମ ନିର୍ମାଣ କରିବାକୁ ଇଚ୍ଛା କରୁଛନ୍ତି ଏବଂ ଭାରତର ସାଇବର ପ୍ରୋଗ୍ରାମକୁ ଜାତୀୟ ସୁରକ୍ଷା ଆବଶ୍ୟକତା ବଢ଼ାଇବା ପାଇଁ ବ୍ୟବହାର କରିବାର ସମ୍ଭାବନା ରହିଛି। ସେଥି ମଧ୍ୟରେ ଗୁପ୍ତଚର, ଆତଙ୍କବାଦକୁ ମୁକାବିଲା କରିବା, ନିଜର ବିଶ୍ୱ ସ୍ଥିତିକୁ ପ୍ରୋତ୍ସାହିତ କରିବା ପାଇଁ ଉଦ୍ୟମ ଆଦି ରହିଥିବା ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଭାରତ ବିରୋଧରେ ଟ୍ରୁଡୋ ସରକାରଙ୍କ ଏହା ଏକ ନୂଆ ଆକ୍ରମଣ। ଏହାପୂର୍ବରୁ ଅକ୍ଟୋବରରେ କାନାଡା ଭାରତୀୟ ହାଇ କମିଶନର ସଞ୍ଜୟ କୁମାର ବର୍ମାଙ୍କୁ ହରଦୀପ ସିଂ ନିଜ୍ଜାର ହତ୍ୟା ମାମଲାରେ 'ପର୍ସନ ଅଫ୍ ଇଣ୍ଟ୍ରେଷ୍ଟ' ଭାବରେ ଘୋଷଣା କରିଥିଲା, ଏହା ପରେ ଭାରତ ବର୍ମାଙ୍କ ସମେତ ୬ଜଣ କୂଟନୀତିଜ୍ଞଙ୍କୁ ଫେରାଇ ଆଣିଥିଲା। ଏହା ସହିତ ନୂଆଦିଲ୍ଲୀ ୬ ଜଣ କାନାଡିଆନ କୂଟନୀତିଜ୍ଞଙ୍କୁ ମଧ୍ୟ ବହିଷ୍କାର କରିଥିଲା। ଭାରତ ଏହି ଅଭିଯୋଗକୁ ଅବୈଧ ବୋଲି କହିଛି ଏବଂ ଜଷ୍ଟିନ ଟ୍ରୁଡୋଙ୍କ ପକ୍ଷରୁ ଘରୋଇ ଭୋଟ୍ ବ୍ୟାଙ୍କକୁ ଖୁସି କରିବା ପାଇଁ ନିଆଯାଇଥିବା ଏହା ଏକ ପଦକ୍ଷେପ ବୋଲି କହିଛି।

## ଜୟପୁର ବ୍ଲକ ସ୍ତରୀୟ ପରବ ନେଇ ପ୍ରସ୍ତୁତି ବୈଠକ

ଜୟପୁର, ୦୧/୧୧ (ନି.ପ୍ର):- ଜୟପୁର ବ୍ଲକ ସ୍ତରୀୟ ପରବ ପାଳନ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି । ବ୍ଲକ ସଭାଗୃହରେ ଆୟୋଜିତ ବୈଠକରେ ବ୍ଲକ ଅଧ୍ୟକ୍ଷା ତିଳୋତମା ମୁଦୁଲି, ଉପାଧ୍ୟକ୍ଷ ଗଣେଷ ପାଡ଼ୀ, ସାଂସଦ ପ୍ରତିନିଧି କୃଷ୍ଣ ଚନ୍ଦ୍ର ନେପାକ, ବିଡିଓ ଶକ୍ତି ମହାପାତ୍ର, ଏବିଡିଓ ମନୋଜ ନାୟକ, ବ୍ଲକ ସମାଜିକ ସୁରକ୍ଷା ଅଧିକାରି କେ.ଏସ ନିଶା, ରାବଣାଗୁଡା ଗୋଷ୍ଠି ଅଧିକାରି ଡାକ୍ତର ସ୍ୱାସ୍ତିକ ମହଲ, ସିଏଚଇଓ ଧରିତ୍ରି ମୁଦୁଲିଙ୍କ ସହ ୨୨ଟି ପଂଚାୟତର ସରପଂଚ, ସମିତି ସଭ୍ୟ ଓ ବ୍ଲକର କର୍ମଚାରି ମାନେ ଉପସ୍ଥିତ ଥିଲେ । ପରବ ପାଳନ ନେଇ କମିଟି ଗଠନ କରାଯାଇଛି।

# ଦୟନୀୟ ସ୍ଥିତିରେ ତୁଆଗୁଡା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ

କନ୍ଧମାଳ, ୦୧/୧୧ (ନି.ପ୍ର): ସମସ୍ୟା ଘେରରେ କନ୍ଧମାଳ ଜିଲ୍ଲା ସୀମାନ୍ତ ଅଂଚଳର ତୁଆଗୁଡା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ। କନ୍ଧମାଳ ଜିଲ୍ଲାର ଦୁର୍ଗମ ଓ ମାଓ ପ୍ରବଣ ଅଂଚଳ କୋଟଗଡ ବ୍ଲକର ଗୁମୁରମାହା ପଂଚାୟତର ରାୟଗଡା ସୀମାନ୍ତ ଓ କନ୍ଧମାଳର ସୀମାନ୍ତରେ ରହିଛି ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ତୁଆଗୁଡା। ଏହି ବିଦ୍ୟାଳୟ ଜଙ୍ଗଲ, ପାହାଡ଼, ପର୍ବତ ଘେରରେ ଅବସ୍ଥିତ। ବିଦ୍ୟାଳୟଟି ୧୯୬୫ ମସିହାର ଏତେ ପୁରୁଣା ବିଦ୍ୟାଳୟ ହେଲେ ସୁଦ୍ଧା ଅତି ଦୁଃଖ ଓ ପରିତାପର ବିଷୟ ଯେ ବହୁ ସମସ୍ୟା ମଧ୍ୟରେ ଗତି କରୁଛି। ରାଜ୍ୟ ସରକାର ଓ କେନ୍ଦ୍ର ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରି ଡିଣ୍ଡିମ ପିଟୁଛନ୍ତି ଯେ ସର୍ବ ଶିକ୍ଷା ଅଭିଯାନ ସଭିଏଁ ପଢିବେ ସଭିଏଁ ବଢ଼ିବେ ବୋଲି ନାରା ଦେଉଛନ୍ତି। ହେଲେ ଏଠାକାର ବାସ୍ତବ ଚିତ୍ର ସମ୍ପୂର୍ଣ୍ଣ ଅଲଗା। ହେଲେ ଏହି ଗୁମୁରୁମାହା ପଂଚାୟତର ତୁଆଗୁଡା ବିଦ୍ୟାଳୟକୁ ଯିଏ ଯାଇ ଦେଖିଛି ସେହିଁ ପ୍ରକୃତ ବିଶ୍ୱାସ କରିବ। ଏତେ ପୁରୁଣା ବିଦ୍ୟାଳୟ କିନ୍ତୁ ବହୁତ ସମସ୍ୟା ମଧ୍ୟରେ ଗତି କରୁଛି। ଏଥିପ୍ରତି ପ୍ରଶାସନର ଏହି ବିଦ୍ୟାଳୟ ପ୍ରତି ଦୃଷ୍ଟି ଆକର୍ଷଣ ହେଉନଥିବା ଅଭିଭାବକ ଓ ଗ୍ରାମବାସୀ ମାନେ ଅଭିଯୋଗ କରିଛନ୍ତି। ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ତୁଆଗୁଡା ଠାରେ ଗରଡ଼ ମାହା, ଭୁଟାଡି, ମ୍ଲାଉଗୁଡା, କୁଚିମିଲା, ଶ୍ରୀରାମପୁର, ବଣ୍ଡାଙ୍ଗ ପାଦେର, ଲିମଡା ମାହା, ପଣ୍ଡାମାହା ଭଳି ଅନ୍ୟ ପଂଚାୟତରୁ ମଧ୍ୟ ଛାତ୍ର ଛାତ୍ରୀ ମାନେ ଆସି ଶିକ୍ଷା ଅଧ୍ୟନ କରନ୍ତି। ହେଲେ ଦୁଃଖ ଓ ପରିତାପର ବିଷୟ ଯେ ଏତେ ପୁରୁଣା ବିଦ୍ୟାଳୟ କିନ୍ତୁ ବିଦ୍ୟାଳୟର ମେନ ଗେଟ ମଧ୍ୟ ନାହିଁ। ନା ଅଛି ଛାତ୍ରାବାସ ନା ଅଛି ଛାତ୍ରୀବାସ ହଷ୍ଟେଲର କୌଣସି ସୁବିଧା ନାହିଁ। ଫଳରେ ୧୩ କି.ମି. ଦୂର ଦୂରନ୍ତରୁ ପିଲା ମାନେ ଆସି ଏହି ତୁଆଗୁଡା ଗ୍ରାମରେ ରହି କିଛି ଘର ଭଡା ନେଇ ପାଠ ପଢନ୍ତି। ଆଉ ବିଶେଷ କରି ପ୍ରଥମ ଶ୍ରେଣୀ ଠାରୁ ଆରମ୍ଭ କରି ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀ ମାନେ ଗୋଟିଏ ମାର୍କେଟ କମ୍ପ୍ଲେସ ଘରେ ବସି ପାଠ ପଢନ୍ତି। ବିପଦ ସଂକୁଳ ଅବସ୍ଥାରେ ସେହି ଘରେ ବିଦ୍ୟୁତ ଆଲୋକ ନାହିଁ କି ପାନୀୟ ଜଳର କୌଣସି ସୁବିଧା ନାହିଁ ତଥାପି ଜୀବନକୁ ବାଜି ଲଗାଇ ସେଠାରେ ରହି ଡିବିରୀ ଆଲୁଅରେ ପାଠ ପଢନ୍ତି। ଘର ଭଡା ନେଇ ପ୍ରାୟ ୪୦ ରୁ ଉର୍ଦ୍ଧ ପିଲାମାନେ ରହି ପାଠ ପଢନ୍ତି। ବିଦ୍ୟାଳୟର ସମୁଦାୟ ଛାତ୍ର ଛାତ୍ରୀ ସଂଖ୍ୟା ୧୨୧ ଜଣ ଅଧ୍ୟୟନ କରନ୍ତି। ଏଠାରେ ସମୁଦାୟ ୮ ଜଣ ଶିକ୍ଷକ, ଶିକ୍ଷୟତ୍ରୀ ଓ ପ୍ରଧାନ ଶିକ୍ଷୟତ୍ରୀ ଶ୍ରୀମତୀ ମାନିନୀ ସାହାଣୀ ଅଛନ୍ତି। ବିଦ୍ୟାଳୟରେ ପ୍ରଥମ ଶ୍ରେଣୀ ଠାରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ର ଛାତ୍ରୀ ଶିକ୍ଷା ଅଧ୍ୟୟନ କରନ୍ତି। ପ୍ରଥମ ଶ୍ରେଣୀରୁ ଦଶମ ଶ୍ରେଣୀକୁ ଶ୍ରେଣୀ କକ୍ଷ ୨ ଗୋଟି ଏହି ଶ୍ରେଣୀକକ୍ଷରେ କିଭଳି ଛାତ୍ର ଛାତ୍ରୀ ଅତି ଦୟନୀୟ ପରିସ୍ଥିତିରେ ପାଠ ପଢୁଛନ୍ତି । ଯାଗା ଅଭାବରୁ ବାରଣ୍ଡାରେ, ଗଛ ମୂଳରେ ମଧ୍ୟ ପିଲାମାନେ ବସି ପାଠ ପଢନ୍ତି। ନୂଆରୁ ଯେଉଁ ବିଦ୍ୟାଳୟ ଗୃହ ହୋଇଛି ତାହାବି ବର୍ଷା ହେଲେ କାନ୍ଥରୁ ପାଣି ଗଳୁଛି, ସିମେଂଟ ଖଣ୍ଡ ଖଣ୍ଡ ପଡୁଛି ଓ ପାଣି ଲିକ ହେଉଛି ଘରସାରା ଆଣ୍ଠୁଏ ଲେଖାଏଁ ପାଣି ପଶିଯାଏ ପିଲାଙ୍କ ପାଠପଢ଼ା ବାଧାପ୍ରାପ୍ତ ହୁଏ। ବିପଦ ସଂକୁଳ ଅବସ୍ଥାରେ ପିଲାମାନେ ବସି ପାଠ ପଢନ୍ତି। କେତେବେଳେ ଯେ କଣ ହେବ କିଛି କହି ହେଉନି। ଉକ୍ତ ସମସ୍ୟା ବିଷୟରେ ପ୍ରଶାସନକୁ ଜଣାଇବା ପରେ ମଧ୍ୟ କିଛି ସମାଧାନ ହୋଇପାରିଲା ନାହିଁ। ଶ୍ରେଣୀ ଗୃହ ନାହିଁ ସରକାର ଫାଇଭ-ଟି ସ୍କୁଲ କରିଦେଲେ ସତ କିନ୍ତୁ ନା ଅଛି ବିଦ୍ୟାଳୟ ଗୃହ ନା ଅଛି ଛାତ୍ରାବାସ, ଶହେ ବାଳିକା ରହି ପାଠ ପଢିବେ ବୋଲି ପ୍ରତିଶ୍ରୁତି ଦେଇ ଫାଇଭ-ଟି କରିଥିଲେ। ହେଲେ ଏଠାରେ ନା ଅଛି ପାନୀୟ ଜଳର ସୁବିଧା ନା ଅଛି ପଢିବା ପାଇଁ ଭଲ ଗୃହ କିଛି ବି ସୁବିଧା ନାହିଁ। ଉକ୍ତ ବିଦ୍ୟାଳୟରେ ଶ୍ରେଣୀ ଗୃହ ଅଭାବ, ଦଶଟି ଶ୍ରେଣୀକୁ ୨ ଗୋଟି ଶ୍ରେଣୀ ଗୃହ, ଶ୍ରେଣୀ ଗୃହ ଅଭାବ, ଦଶଟି ଶ୍ରେଣୀକୁ ୮ ଶିକ୍ଷକ, ଶିକ୍ଷୟତ୍ରୀ, ଶିକ୍ଷକ ଅଭାବ, ରୋଷେଇ ଗୃହ ନାହିଁ, ବିଜ୍ଞାନ ପାଠାଗାର ନାହିଁ, ଶୌଚାଳୟ ଅଛି କିନ୍ତୁ ଅଚଳ ଅବସ୍ଥାରେ ପଡି ରହିଛି। ନଳକୂପ ଅଛି ସତ କଳଙ୍କି ପାଣି ବାହାରୁଛି ଯାହା ବ୍ୟବହାର କରିବା ସମ୍ଭବ ନୁହେଁ। ରୋଷେଇ କରିବା ପାଇଁ ରୋଷେୟା ମା ମାନେ ଚୁଆ ପାଣିକୁ ଛାଣି ଆଣି ରୋଷେଇ କରିଥାନ୍ତି ଓ ପିଲାଙ୍କୁ ମଧ୍ୟାହ୍ନ ଭୋଜନ ଦେଇଥାନ୍ତି। ଷ୍ଟାଫ ଗୃହ ନାହିଁ, ଅଫିସ ଗୃହ ନାହିଁ, ଖେଳ ପଡିଆ ନାହିଁ, ପାଚେରୀ ନାହିଁ, ବିଦ୍ୟାଳୟ ମେନ ଗେଟ ନାହିଁ ଯାହା ଫଳରେ ଗାଈ, ଗୋରୁ, ମଇଁଷି, କୁକୁର, ଛେଳି, ବାଛୁରୀ, ଘୁଷୁରୀ ବିଦ୍ୟାଳୟ ଭିତରେ ପଶି ରହିଥାନ୍ତି। ଅନଲାଇନ କାମ ପାଇଁ ଶିକ୍ଷକ, ଶିକ୍ଷୟତ୍ରୀ ମାନେ ୩୦ କି.ମି. ଦୂରତାକୁ ଆସନ୍ତି।

# ପୁରୀ ଜିଲ୍ଲା ସ୍ତରୀୟ ଦୁର୍ନୀତି ନିବାରଣ ସପ୍ତାହ ପାଳିତ

ପୁରୀ, ୦୧/୧୧ (ନି.ପ୍ର): ଆଜି ଅପରାହ୍ନ ରେ ସଂସ୍କୃତି ଭବନ ଠାରେ ଜିଲ୍ଲା ପ୍ରଶାସନ, ଦୁର୍ନୀତି ନିବାରଣ ଶାଖା ଓ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ର ମିଳିତ ଆନୁକୂଲ୍ୟରେ ଜିଲ୍ଲା ସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳିତ ହୋଇଥିଲା ।ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା ଦୁର୍ନୀତି ଏକ ମହାମାରୀ ।ଏହା ବିକାଶକୁ ନଷ୍ଟ କରିବା ସହ ସାମାଜିକ ଉନ୍ନତି କୁ କ୍ଷତି ପହଂଚାଇଥାଏ। ଦୁର୍ନୀତି ନିବାରଣ ବିଭାଗ କେବଳ ଏହାକୁ ରୋକି ପାରିବ ନାହିଁ ବୋଲି କହିଥିଲେ। ଏଥିପାଇଁ ଜନ ସହଯୋଗ ଓ ସଚେତନତା ଜରୁରୀ ।କେବଳ ଗୋଟିଏ ଦିନ ପାଇଁ ନୁହେଁ ବରଂ ପ୍ରତିଟି ଦିନ ପ୍ରତ୍ୟେକ ଦୁର୍ନୀତି ନିବାରଣ ପାଇଁ ଚେଷ୍ଟିତ ହେବାକୁ ସେ ଆହ୍ୱାନ ଦେଇଥିଲେ ।ପୁରୀ ପୌରପାଳିକା ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା ପୂର୍ବାପେକ୍ଷା ଦୁର୍ନୀତି ର ମାତ୍ରା କମିଛି। ବର୍ତ୍ତମାନ ଡିଜିଟାଲ ମାଧ୍ୟମରେ ଅର୍ଥ ପ୍ରଦାନ କୁ ପ୍ରୋତ୍ସାହିତ କରାଯାଉଥିବାରୁ ଏହା ଦୁର୍ନୀତି କୁ ହ୍ରାସ ଦିଗରେ ଏକ ବଡ ସଫଳତା ବୋଲି ସେ ମତ ଦେଇଥିଲେ। ବିଶିଷ୍ଟ ଗାନ୍ଧୀବାଦି ଲେଖକ ତଥା ସମାଜସେବୀ ଗୌରାଙ୍ଗ ଚରଣ ପରିଡ଼ା ଓ ଦୁର୍ନୀତି ନିବାରଣ ବିଭାଗର ଆଇନ ପରାମର୍ଶଦାତା ସତ୍ୟବାଦୀ ଦାସ ଦୁର୍ନୀତି ବିକାଶର ମୁଖ୍ୟ ପ୍ରତବନ୍ଧକ ବୋଲି କହିବା ସହ ପ୍ରତ୍ୟେକ ନିଜ ବିବେକାନୁମୋଦିତ କାର୍ଯ୍ୟ, ଉନ୍ନତ ଚରିତ୍ର ଗଠନ,ଆତ୍ମ ସଂଯମତା ଓ ଶୃଙ୍ଖଳା ରଖିଲେ ଦୁର୍ନୀତି ନିବାରଣ ସହଜ ହୋଇ ପାରିବ ବୋଲି କହିଥିଲେ। ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଏହି କାର୍ଯ୍ୟକ୍ରମ ରେ ସଂଯୋଜନା କରିବା ସହ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ନୀତି ବିରୋଧୀ ଯେ କୌଣସି କାର୍ଯ୍ୟ ଦୁର୍ନୀତି ପଦବାଚ୍ୟ। ଦୁର୍ନୀତି ରୂପକ ସାମାଜିକ ବ୍ୟାଧି କୁ ବ୍ୟାପକ ସଚେତନତା ମାଧ୍ୟମରେ ପ୍ରତିହତ କରାଯାଇ ପାରିବ ବୋଲି ଶ୍ରୀ ସେଠୀ ମତ ଦେବା ସହ ସମସ୍ତ ଙ୍କୁ ଦୁର୍ନୀତି ନିବାରଣ ସଚେତନତା ଶପଥ ପାଠ କରାଇଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ଅବକାରୀ ଅଧିକ୍ଷକ ଜଗଦୀଶ ସାମଲ ଜିଲ୍ଲା ସମାଜିକ ସୁରକ୍ଷା ଅଧିକାରୀ ଶୁଭ୍ରାଂଶୁ ଶେଖର ମହାରଣା, ଜିଲ୍ଲା ମଙ୍ଗଳ ଅଧିକାରୀ ବିକାଶ କୁମାର ମହାନ୍ତି, ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ,ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ହିମାଂଶୁ ସମରଥ, ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ, ବିଭିନ୍ନ ଶିକ୍ଷାନୁଷ୍ଠାନ ର ପ୍ରତିନିଧି, ବରିଷ୍ଠ ନାଗରିକ, ଅବସରପ୍ରାପ୍ତ ଅଧିକାରୀ, କର୍ମଚାରୀ, ଗଣମାଧ୍ୟମ ପ୍ରତିନିଧି ,ସ୍ୱେଚ୍ଛାସେବୀ, ଛାତ୍ରଛାତ୍ରୀ ପ୍ରମୁଖ ଯୋଗ ଦେଇଥିଲେ। ଅତିଥି ମାନେ ପୂର୍ବରୁ ଅନୁଷ୍ଠିତ ବିବିଧ ପ୍ରତିଯୋଗିତା ର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଶେଷରେ ପୁରୀ ଜିଲ୍ଲା ଦୁର୍ନୀତି ନିବାରଣ ଶାଖାର ଉପ ଆରକ୍ଷୀ ଅଧିକ୍ଷକ ସୋମନାଥ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। ଦୁର୍ନୀତି ନିବାରଣ ବିଭାଗର କର୍ମଚାରୀ ମାନେ କାର୍ଯ୍ୟ ପରିଚାଳନା ରେ ସହଯୋଗ କରିଥିଲେ।


## ଦକ୍ଷିଣପୂର୍ବ ରେଳପଥ ଟେଣ୍ଡର

ଟେଣ୍ଡର ନୋଟିସ୍ ନଂ: TRD-KGP-W-2024- 25-14, ତାରିଖ: ୩୦.୧୦.୨୦୨୪ । ଭାରତର ରାଷ୍ଟ୍ରପତିଙ୍କ ତରଫରୁ ଶ୍ରୀଯୁକ୍ତ DEE / TRD, ଦକ୍ଷିଣ ପୂର୍ବ ରେଳ, ଖଡ଼ଗପୁର -୭୨୧୩୦୧ ୧୫.୦୦ ଘଣ୍ଟା ପୂର୍ବରୁ ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡରକୁ ଆମନ୍ତ୍ରଣ କରିଥାଏ । ଆଇଟମ୍ ବିରୁଦ୍ଧରେ ଉଲ୍ଲେଖ କରାଯାଇଥିବା ତାରିଖ ଏବଂ ୧୫.୩୦ ଘଣ୍ଟାରେ ଖୋଲାଯିବ । କାର୍ଯ୍ୟଗୁଡ଼ିକର ବର୍ଣ୍ଣନା: ୧୨୬ ନଂ ସ୍ଥାପନ ଏବଂ ସ୍ଥାପନ ଖଡ଼ଗପୁର-ଭଦ୍ରକ ବିଭାଗରେ ଅଟୋ-ସିଗନାଲିଂ କାର୍ଯ୍ୟ ଏବଂ ଷ୍ଟେସନ୍ କାର୍ଯ୍ୟ ନିୟମ (SWR)ର ପରିଶିଷ୍ଟ- "ଏ" ର ପ୍ରସ୍ତୁତି ଏବଂ ଯୋଗାଣ, ଖଡ଼ଗପୁର-ଭଦ୍ରକ ବିଭାଗ ସ୍ୱୟଂଚାଳିତ ସିଗନାଲ୍ ସହିତ ସିଗମା ବୋର୍ଡର ୨୫କଠଇ ସହାୟକ ଟ୍ରାନ୍ସଫର୍ମର । ଟେଣ୍ଡର ମୂଲ୍ୟ: ୨,୨୨, ୭୩,୭୩୪.୬୦ EMD: ୨,୬୧,୪୦୦ ଟେଣ୍ଡର ଡକ୍ୟୁମେଣ୍ଟର ମୂଲ୍ୟ: ନିଲ୍ । ଖୋଲିବାର ତାରିଖ: ୨୭.୧୧.୨୦୨୪ । ସମାପ୍ତି ଅବଧି: ୧୮ (ଅଷ୍ଟାଦଶ) ମାସ। ଦାଖଲ ତାରିଖ: ୧୫.୦୦ ଘଣ୍ଟା ପର୍ଯ୍ୟନ୍ତ । ୨୭.୧୧.୨୦୨୪ ର ଇଚ୍ଛୁକ ଟେଣ୍ଡରକାରୀମାନେ ସମ୍ପୂର୍ଣ୍ଣ ବିବରଣୀ, ବର୍ଣ୍ଣନା, ଟେଣ୍ଡରର ନିର୍ଦ୍ଦିଷ୍ଟକରଣ ପାଇଁ ୱେବସାଇଟ୍ www.ireps.gov.in ପରିଦର୍ଶନ କରିପାରିବେ ଏବଂ ଅନଲାଇନରେ ସେମାନଙ୍କର ବିଡ୍ ଦାଖଲ କରିପାରିବେ । କୌଣସି କ୍ଷେତ୍ରରେ ଏହି କାର୍ଯ୍ୟ ପାଇଁ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ । ଟିପନ୍ନୁ: ସମସ୍ତ ଟେଣ୍ଡରରେ ଭାଗ ନେବାକୁ ଆଶାକର୍ମୀମାନେ ନିୟମିତ ଭାବରେ www.ireps.gov.in ପରିଦର୍ଶନ କରିପାରିବେ ।

(PR-754)


# ହୀରାକୁଦ ଜଳଭଣ୍ଡାରରେ ବିଷାକ୍ତ ପଦାର୍ଥ ମିଶିବା ଘଟଣାର ତଦନ୍ତ ନେଇ ରାଜସ୍ୱ ମନ୍ତ୍ରୀଙ୍କ ସୂଚନା

ସମ୍ବଲପୁର, ୦୧/୧୧ (ନି.ପ୍ର): ସମ୍ବଲପୁର ହୀରାକୁଦ ଜଳଭଣ୍ଡାରର ପଟୁମାଟିରେ ବିଷାକ୍ତ ପଦାର୍ଥ ଜମା ହେବା ଘଟଣାର ତଦନ୍ତ ହେବ ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ସମ୍ବଲପୁରରେ କହିଛନ୍ତି । ସମ୍ବଲପୁର ଗସ୍ତରେ ଆସି ମନ୍ତ୍ରୀ ନିଜର ପ୍ରତିକ୍ରିୟା ରଖିଛନ୍ତି । ଏ ବାବଦରେ ଅଧିକାରୀ ମାନଙ୍କ ସହ କଥା ହୋଇ ରିପୋର୍ଟ ତଲବ କରିଥିବା କହିଛନ୍ତି । କେବଳ ହୀରାକୁଦ ଡ୍ୟାମ ନୁହଁ ହୀରାକୁଦ ଜଳଭଣ୍ଡାରରେ ମଧ୍ୟ ଯେଉଁ ବିଷାକ୍ତ ଧାତୁ ହ୍ୟୁମାନ ଚେନରେ ଆସି ମଣିଷର କ୍ଷତି କରୁଛି, ଏ ବାବଦରେ ମଧ୍ୟ ସତ୍ୟାସତ୍ୟ ଯାଂଚ୍ ସହ ରିପୋର୍ଟ ଦେବା ପାଇଁ କୁହାଯାଇଥିବା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି । ଏହାସହ କଳକାରଖାନାରୁ ନିର୍ଗତ ପଦାର୍ଥ ମଧ୍ୟ ଜଳଭଣ୍ଡାରକୁ ଛାଡି ଦିଆଯାଉଛି ତାର ମଧ୍ୟ ତର୍ଜମା ହେବ । ଏହା ସହ ଅନ୍ୟ ପ୍ରଦୂଷଣ ରୋକିବା ପାଇଁ ଝାରସୁଗୁଡା, ବରଗଡ, ସମ୍ବଲପୁର, ସୁନ୍ଦରଗଡ ଓ ଅନୁଗୁଳ ଜିଲ୍ଲାର ଜିଲ୍ଲାପାଳ ଓ ଏସପିଙ୍କୁ ନେଇ ରାଜସ୍ୱ କମିଶନରଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ହେବ ବୋଲି ଶ୍ରୀ ପୂଜାରୀ କହିଛନ୍ତି । ବାତ୍ୟା 'ଦାନା'ର ସଫଳ ମୁକାବିଲା ପରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଆଜି ମା ସମଲେଇଙ୍କ ଦର୍ଶନ କରିଛନ୍ତି । ବାତ୍ୟା ମୁକାବିଲାରେ ତାଙ୍କ ବିଭାଗ ସଫଳ ହେଉ ବୋଲି ସେ ମାଙ୍କୁ ପୂର୍ବରୁ ସ୍ମରଣ କରିଥିବା କହିଛନ୍ତି । ଜିରୋ କାଜୁଆଲଟି ହେବାରୁ ଆଜି ମାଙ୍କୁ ଦର୍ଶନ କରିଛନ୍ତି । ଏହା ସହ ସମସ୍ତ ବିଭାଗ, ଅଗ୍ନିଶମ, ଓଡ୍ରାଫ୍ଟ, ଏନଡିଆରଫ ସମସ୍ତ ସଫଳତାର ସହ କାମ କରିଛନ୍ତି । ଏହା ସହ ଆଶାଦିଦି ଶିବାନୀ ମଣ୍ଡଳ ଓ ଆମ୍ବୁଲାନ୍ସ କର୍ମଚାରୀ ମାନସ ମଲ୍ଲିକଙ୍କ ସେବା କାର୍ଯ୍ୟ ପ୍ରଶଂସନୀୟ ବୋଲି ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି । ଏହା ନୂଆ ସରକାର ପାଇଁ ଚ୍ୟାଲେଂଜ ଥିଲା ଓ ମା ସମଲେଇଙ୍କ ଆଶୀର୍ବାଦରୁ ତାହା ସଫଳ ହୋଇଥିବା କହିଛନ୍ତି । ଏପରିକି କ୍ଷୟକ୍ଷତି ମଧ୍ୟ ବିଶେଷ ହୋଇନଥିବା ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି ।

# ଆଂଚଳିକ ଶିକ୍ଷା ପ୍ରତିଷ୍ଠାନରେ ଦୁର୍ନୀତି ନିବାରଣ ସପ୍ତାହ ଉଦ୍ଯାପିତ

ଭୁବନେଶ୍ୱର, ୦୧/୧୧ (ନି.ପ୍ର): ଶିକ୍ଷକମାନେ ଦେଶ ଓ ଜାତିର ନିର୍ମାତା ହୋଇଥିବାରୁ ଦେଶରୁ ଦୁର୍ନୀତିର ମୂଳୋତ୍ପାଟନରେ ସେମାନଙ୍କର ଭୂମିକା ସର୍ବଦା ଅଗ୍ରଗଣ୍ୟ ବୋଲି ମତପ୍ରକାଶ କରିଛନ୍ତି ବରିଷ୍ଠ ପୋଲିସ ପ୍ରଶାସକ ତଥା ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ ଶ୍ରୀ ସୌମେନ୍ଦ୍ର କୁମାର ପ୍ରିୟଦର୍ଶୀ, ଆଜି ଆଂଚଳିକ ଶିକ୍ଷା ପ୍ରତିଷ୍ଠାନର ପ୍ରେକ୍ଷାଳୟରେ ଅନୁଷ୍ଠିତ ଦୁର୍ନୀତି ନିବାରଣ ସପ୍ତାହର ଉଦ୍ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଶ୍ରୀ ପ୍ରିୟଦର୍ଶୀ ସାଲିଆସାହିରୁ ସିଙ୍ଗାପୁର ପର୍ଯ୍ୟନ୍ତ ଅନେକ ଦୃଷ୍ଟାନ୍ତ ଦେଇ ସାମାଜିକ ସନ୍ତୁଳନ କିଭଳି ପରିଚୟକୁ ପରିବ୍ୟାପ୍ତ କରେ ତାହା ଦର୍ଶାଇଥିଲେ । ସେ କହିଲେ ଯେ, ଉଚ୍ଚାରଣ ଓ ଆଚରଣରେ ସମତା ନ ରହିଲେ ଆମ ମାନସିକତାରେ ପରିବର୍ତ୍ତନ ନ ଆସିଲେ ଦୁର୍ନୀତିର ଦୂରୀକରଣ ସମ୍ଭବ ନୁହେଁ । ବ୍ୟକ୍ତିଗତ ସ୍ୱାର୍ଥସାଧନ ସର୍ବଦା ଦୁର୍ନୀତିର ମୂଳ କାରଣ ହୋଇଥିବାରୁ ଛାତ୍ରଛାତ୍ରୀଗଣ ବ୍ୟକ୍ତିର ଊର୍ଦ୍ଧ୍ୱରେ ଦେଶ, ଜାତି, ଗୋଷ୍ଠୀ ପାଇଁ କାର୍ଯ୍ୟ କରିବାକୁ ସେ ଆହ୍ୱାନ ଦେଇଥିଲେ । ଆଂଚଳିକ ଶିକ୍ଷା ପ୍ରତିଷ୍ଠାନର ଅଧ୍ୟକ୍ଷ ପ୍ରଫେସର ପ୍ରକାଶ ଚନ୍ଦ୍ର ଅଗ୍ରୱାଲ ଏଥିରେ ଅଧ୍ୟକ୍ଷତା କରି ବିକାଶଶୀଳ ପରିଚୟକୁ ବିକଶିତରେ ପରିବର୍ତ୍ତନ କରିବାକୁ ହେଲେ ଆମେ ସମସ୍ତେ ସଙ୍କଳ୍ପବଦ୍ଧ ହୋଇ ଦୁର୍ନୀତିକୁ ଦୂରେଇବାକୁ ପଡ଼ିବ ବୋଲି ମତବ୍ୟକ୍ତ କରିଥିଲେ, ପ୍ରଫେସର ଲକ୍ଷ୍ମୀଧର ବେହେରାଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ଉତ୍ସବର ପ୍ରାରମ୍ଭରେ ପ୍ରତିଷ୍ଠାନର ଡିନ୍ ପ୍ରଫେସର ମାନସୀ ଗୋସ୍ୱାମୀ ସ୍ୱାଗତ ସମ୍ଭାଷଣ ପ୍ରଦାନ କରିଥିବା ବେଳେ ପରିଶେଷରେ ଡକ୍ଟର କଳିଙ୍ଗ କେତକୀ ଧନ୍ୟବାଦାର୍ପଣ କରିଥିଲେ । ଏହି ଅବସରରେ ପ୍ରତିଷ୍ଠାନର ଛାତ୍ରବୃନ୍ଦ ସରସ୍ୱତୀ ବନ୍ଦନା ପରିବେଷଣ କରିଥିଲେ, ପ୍ରକାଶଥାଉକି ପ୍ରତିଷ୍ଠାନ ପକ୍ଷରୁ ଦୁର୍ନୀତି ନିବାରଣ ସପ୍ତାହ ପାଳନ ଅବସରରେ ଦୁର୍ନୀତିମୁକ୍ତ ପାଇଁ ଶପଥପାଠ, ଗଣଦୌଡ଼ ଆଦି ବିଭିନ୍ନ କାର୍ଯ୍ୟକ୍ରମରେ ଅଧ୍ୟାପକ ଅଧ୍ୟାପିକା, କର୍ମଚାରୀବୃନ୍ଦ ଓ ଛାତ୍ରଛାତ୍ରୀ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ । ଏହି ଦୁର୍ନୀତି ନିବାରଣ ସପ୍ତାହ କାର୍ଯ୍ୟକ୍ରମକୁ ଅନୁଭାଗ ଅଧିକାରୀ ଶ୍ରୀ ଅଶୋକ କୁମାର ବଳିଆରସିଂ ସହାୟତା କରିଥିଲେ ।

# ମୋ ସେବାକେନ୍ଦ୍ର ମାଧ୍ୟମରେ ଲାଇଫ ସାର୍ଟିଫିକେଟ ପାଇଲେ ପେନସନଧାରୀ

କନ୍ଧମାଳ, ୦୧/୧୧ (ନି.ପ୍ର): ବାଲିଗୁଡା ଉପ କୋଷାଗାର କାର୍ଯ୍ୟାଳୟଠାରେ ବିନା ଶୁଳ୍କରେ ପେନସନ ଉପଭୋକ୍ତାଙ୍କ ବାର୍ଷିକ ଜୀବନ ପ୍ରମାଣପତ୍ର ଦାଖଲ ପାଇଁ ମୋ ସେବା କେନ୍ଦ୍ରରେ ସହାୟତାରେ କାର୍ଯ୍ୟ ଆରମ୍ଭ ହୋଇଛି ଓ ଏହି ଅବସରରେ ଉପକୋଷାଗାର ଅଧିକାରୀ ସୁଧାକର କହଁର, ମିନତି କୁମାରୀ ମିଶ୍ର,ତପନ କୁମାର ଦିଗାଳ, ପ୍ରଦୀପ କୁମାର ବେହେରା, ଶରତ କୁମାର ପୂଜାରୀ, ମୋ ସେବା କେନ୍ଦ୍ରର ଜିଲ୍ଲା ପରିଚାଳକ ରାଜେଶ ପାଣିଗ୍ରାହିଙ୍କ ସମେତ କାର୍ଯ୍ୟାଳୟରେ କାର୍ଯ୍ୟରତ ସମସ୍ତ କର୍ମଚାରି ଉପସ୍ଥିତ ଥିଲେ ଓ ବାଲିଗୁଡା ଅଂଚଳର ବହୁ ପେନସନ ଉପଭୋକ୍ତା ନିଜର ଆଧାର କାର୍ଡ, ପେନସନ ବହି, ବ୍ୟାଙ୍କ ପାସବୁକ ଏବଂ ମୋବାଇଲ ନମ୍ବର ସଂଯୋଗ କରି ବିନା ଶୁଳ୍କରେ ସେମାନଙ୍କ ଜୀବନ ପ୍ରମାଣପତ୍ର ହାତ ପାଆନ୍ତାରେ ପାଇପାରିବେ ଓ ମୋ ସେବା କେନ୍ଦ୍ର ମାଧ୍ୟମରେ ପେନସନ ଉପଭୋକ୍ତାଙ୍କ ଘରକୁ ଯାଇ ସେବା ଦେବାର ବ୍ୟବସ୍ଥା ମଧ୍ୟ ରହିଛି । ଏହି ସେବା ପାଇ ନିଜେ ଖୁସିଥିବା କହିଛନ୍ତି ପେନସନଧାରୀ ମାନେ ଓ ଏହି ସେବା ପାଇବା ଦ୍ୱାରା ନିଜର ସମୟ ବଂଚିବା ସହିତ ସହଜରେ ବୃଦ୍ଧ, ବୃଦ୍ଧା ମାନେ ଘରେବସି ଏହି ସେବା ପାଇପାରିବେ ବୋଲି କହିଛନ୍ତି ସମ୍ପର୍କୀୟ ମାନେ ।

# ମୁଖ୍ୟମନ୍ତ୍ରୀଙ୍କ ବଲାଙ୍ଗିର ଗସ୍ତକୁ ନେଇ ୬ ଦଫା ଦାବିପତ୍ର ପ୍ରଦାନ

ବଲାଙ୍ଗିର, ୦୧/୧୧ (ନି.ପ୍ର): ବଲାଙ୍ଗିର ସରକାରୀ ବେସରକାରୀ କାର୍ଯ୍ୟକ୍ରମ ପ୍ରଥମ କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆସୁଥିବା ବେଳେ ଏହି ଉଦ୍ଦେଶ୍ୟରେ ଦାବୀପତ୍ରପ୍ରଦାନ କରାଯାଇଛି । ଐତିହ୍ୟ ସମ୍ପନ୍ନ ବଲାଙ୍ଗିର ଜିଲ୍ଲାର ବିଭିନ୍ନ ପ୍ରକଳ୍ପ ଅସଂମ୍ପୂର୍ଣ୍ଣ ହୋଇ ପଡି ରହିଥିବା । ବଲାଙ୍ଗିର ସହରର ସର୍ବ ପୁରାତନ ଦେବାଦେବୀ ମନ୍ଦିର ମାଁ ପାଟଣେଶ୍ୱରୀ ମନ୍ଦିର, ସମଲେଶ୍ୱରୀ ମନ୍ଦିର, ଗୋପାଳଜୀ ମନ୍ଦିର, ଲୋକନାଥ ମନ୍ଦିର ଦୀର୍ଘ ୧ ବର୍ଷରୁ କାମ ଆସି ଅଧାପନ୍ତରିଆ ହୋଇ ପଡି ରହିଥିବାରୁ ଶିଘ୍ରକାମ ଚଳେଇବା । ୧୯୧୩ ମସିହା ପାଟଣା ଶାସନ ସମୟର ପ୍ରେସ୍ ବଲାଙ୍ଗିର ଦଳଗଞ୍ଜନ ପ୍ରେସ ୧୧୧ ବର୍ଷ ପୂର୍ତି ଏହା ରାଜ୍ୟ ସରକାରଙ୍କ ପରିବହନ ବିଭାଗ ଦ୍ୱାରା ପରିଚାଳନା ହେଉଥିବା ବେଳେ ଏହାର ରକ୍ଷଣାବେକ୍ଷଣା ଓ ଏହାର ମରାମତି, କାରଣ ଦୀର୍ଘ ୨ ବର୍ଷ ହେଲାଣି ଏହି ପ୍ରେସର ୭ ଜଣ କର୍ମ ଚାରୀ ରହିଥିବା ବେଳେ ପ୍ରେସର ମୁଖ୍ୟ ଜାଗାଟି ଭୁଷୁଡି ପଡିଛି । ଏହାର ପୁନଃ ଉଦ୍ଧାର କାର୍ଯ୍ୟ । ବଲାଙ୍ଗିର ଜିଲ୍ଲା ଚାଷିଙ୍କ ପାଇଁ ଏବଂ ଆଖପାଖ ଅଂଚଳର ଚାଷୀ ଭାଇମାନଙ୍କୁ ପେଟପାଟଣା ଯୋଗାଉଥିବା ବିଜୟାନନ୍ଦ ଚିନି କଳ ଚାଷିଙ୍କ ହକ ପାଇଁ ପୁନଃ ଉଦ୍ଧାର । ବଲାଙ୍ଗିର ସହରରେ ପାଟଣା ଶାସନ ସମୟରେ ୧୭ ଗୋଟି ଜଳାଶୟ ଏବେ ପ୍ରଦୂଷଣ ଏବଂ ବିଷାକ୍ତ ହୋଇଯାଇଛି । ଏହାର ପୁନଃଉଦ୍ଧାର କରିବା ଏବଂ ବଲାଙ୍ଗିର ଜିଲ୍ଲାରେ କୌଣସି ଶିଳ୍ପ କାରକାନା ନ ଥିବାରୁ ସେ ଦୃଷ୍ଟିରୁ ବଲାଙ୍ଗିର ଜିଲ୍ଲାର ବହୁ ମାତ୍ରାରେ ବେକାରୀ ସମସ୍ୟା ଉପୁଜିଛି ଯାହା ଫଳରେ ସହରାଂଚଳ ତଥା ଗ୍ରାମାଂଚଳ ବ୍ୟକ୍ତି ଦାଦନ ଖଟିବାକୁ ଯାଉଛନ୍ତି । ତେଣୁ ବଲାଙ୍ଗିର ସହରରେ କୃଷକଙ୍କ ଉନ୍ନତି ପାଇଁ କୃଷି ବିଶ୍ୱ ବିଦ୍ୟାଳୟ ପାଇଁ କୋଶଳ କଳାମଣ୍ଡଳ କଳାସଂସ୍କୃତିର ଉନ୍ନତି ପାଇଁ ଓଡିଟୋରିୟମ ନିର୍ମାଣ ପାଇଁ ଆଜି ଦାବୀପତ୍ର ପ୍ରଦାନ କଲାଗଲା । କମିଟି ସଭାପତି ଜୟକୃଷ୍ଣ ମିଶ୍ର, ସଂପାଦକ ନରେନ୍ଦ୍ର କବାଟ, ପ୍ରଶାନ୍ତ ମହାକୁର, ସୁରେନ୍ଦ୍ର ନେଗୀ, ଶମ୍ଭୁ ପ୍ରସାଦ ଶତପଥୀ ଦାବି ପ୍ରଦାନ କରିଥିଲେ ।

# କେବେ ଖାଇଛନ୍ତି 'ରାବିଡ଼ି ମାଲପୁଆ' ! ଆଜି ହିଁ ଘରେ ବନାନ୍ତୁ

*ଆବଶ୍ୟକ ସାମଗ୍ରୀ:*
ମଇଦା, ଖୁଆ, କ୍ଷୀର, ଚିନି, କେସର, ଗୁଜୁରାତି ଗୁଣ୍ଡ, କଟା ପେସ୍ତା ବାଦାମ, କଟା ଆଲମଣ୍ଡ, ଚିନି, ପାନମଧୁରୀ
ପ୍ରସ୍ତୁତି ପ୍ରଣାଳୀ:
ପ୍ରଥମେ ରାବିଡ଼ି ତିଆରି କରିବା ପାଇଁ ଏକ ପ୍ୟାନ୍‌ରେ କ୍ଷୀର ଗରମ କରନ୍ତୁ।
ଏହାକୁ ହାଲକା ଆଞ୍ଚରେ ଫୁଟାନ୍ତୁ। ଏବେ ଏଥିରେ ଚିନି, କେସର, ଗୁଜୁରାତି ଗୁଣ୍ଡ, କଟା ପେସ୍ତା ଏବଂ କଟା ଆଲମଣ୍ଡ ପକାଇ ଭଲ ଭାବେ ମିଶାଇ ଫୁଟାନ୍ତୁ।
କ୍ଷୀର ମରି ରାବିଡ଼ି ବହଳିଆ ହୋଇଆସିଲେ ଏହାକୁ ଏକ ପାତ୍ରରେ ବାହାର କରି ଫ୍ରିଜ୍‌ରେ ଥଣ୍ଡା ହେବା ପାଇଁ ଘଣ୍ଟାଏ ଛାଡ଼ି ଦିଅନ୍ତୁ।
ଏବେ ପ୍ରସ୍ତୁତ କରିବା ମାଲପୁଆ। ଏଥିପାଇଁ ପ୍ରଥମେ ଏକ ପାତ୍ରରେ ମଇଦା, ଖୁଆ, ଚିନି ଓ ପାନମଧୁରୀକୁ ମିଶାନ୍ତୁ।



ଏଥିରେ ପାଣି ଗୋଳାଇ ଭଲ ଭାବେ ନରମ କରି ଚକଟି ଦିଅନ୍ତୁ।
ଏହି ମିଶ୍ରଣରୁ ଛୋଟ ଛୋଟ ଗୋଳା ପ୍ରସ୍ତୁତ କରି ରୁଟି ବେଲିଲା ପରି ବେଲି ଦିଅନ୍ତୁ।
ଏହାପରେ ଏକ କଡ଼େଇରେ ଘିଅ କିମ୍ବା ତେଲ ଗରମ କରି ସେଥିରେ ମାଲପୁଆଗୁଡ଼ିକୁ ପକାଇ ଛାଣନ୍ତୁ।
ମାଲପୁଆର ରଙ୍ଗ ଗୋଲଡେନ୍ ରେଡ୍ ହେବା ଯାଏ କମ୍ ଆଞ୍ଚରେ ଛାଣନ୍ତୁ।
ଛାଣିବା ପରେ ଏହାକୁ ଏକ ପ୍ଲେଟ୍‌କୁ ବାହାର କରି ରଖନ୍ତୁ।
ଶିରା ପ୍ରସ୍ତୁତ କରିବା ପାଇଁ ଚିନିରେ ଅଳ୍ପ ପାଣି ମିଶାନ୍ତୁ।
ଏବେ ଏଥିରେ ଅଳ୍ପ କେସର ଏବଂ ଗୁଜୁରାତି ଗୁଣ୍ଡ ପକାଇ ମିଶାନ୍ତୁ।
ଏହାକୁ ଭଲଭାବେ ଫୁଟାନ୍ତୁ। ପ୍ରସ୍ତୁତ ହୋଇଗଲା ଶିରା।
ଏହାପରେ ଏହି ଶିରାରେ ମାଲପୁଆ ଗୁଡ଼ିକୁ ପକାନ୍ତୁ। ମାଲପୁଆ ନରମ ହୋଇଗଲେ ଏକ ପ୍ଲେଟ୍‌କୁ କାଢ଼ି ଆଣନ୍ତୁ।
ଏବେ ଏହା ଉପରେ ରାବିଡ଼ି ଢାଳନ୍ତୁ। କଟା ଆଲମଣ୍ଡ୍ ଏବଂ କଟା ପେସ୍ତାରେ ଏହାକୁ ସଜାନ୍ତୁ
ବର୍ତ୍ତମାନ ପ୍ରସ୍ତୁତ ହୋଇଯାଇଛି ଆପଣଙ୍କ 'ରାବିଡ଼ି ମାଲପୁଆ'। ଏବେ ଏହି ସୁଆଦିଆ ମିଠାକୁ ଅତିଥିମାନଙ୍କୁ ପରଷନ୍ତୁ।

# ଫ୍ରିଜ ପାଣି ପିଇବା ଅଭ୍ୟାସରେ ପରିଣତ ହେଲାଣି କି ? ହୋଇପାରେ ଘାତକ

ଅସହ୍ୟ ତାତିରେ ମଣିଷ କଲବଲ ହେଉଥିବା ବେଳେ ଘରେ ପଶିଗଲେ ସେଥିରୁ ମିଳିଥାଏ ମୁକ୍ତି। ଆଉ ଘରେ ଫ୍ରିଜ ଖୋଲି ଥଣ୍ଡା ପାଣି ପିଇ ଦେଲେ ମିଳିଥାଏ ପରମ ତୃପ୍ତି। ଥଣ୍ଡା ପାଣି ସଙ୍ଗେସଙ୍ଗେ ଆପଣଙ୍କୁ ଖୁବ୍ ଭଲ ଲାଗିଥାଇପାରେ ମାତ୍ର ଏହାର ପରିଣାମ ହୋଇପାରେ ଘାତକ । ଆପଣଙ୍କୁ ମାଡ଼ି ବସିପାରେ ବହୁ ସାଂଘାତିକ ରୋଗ।
ଫ୍ରିଜରେ ସିଧା ଥଣ୍ଡା ପାଣି ବାହର କରି ପିଇଲେ କେବଳ ଯେ ମେଦବହୁଳତା ବୃଦ୍ଧି ପାଇଥାଏ ତା' ନୁହେଁ, ଏହାକୁ ବାଦ ଦେଲେ ଆହୁରି ବହୁ ରୋଗରେ ପଡ଼ିବାର ଆଶଙ୍କା ସୃଷ୍ଟି ହୋଇଥାଏ। ଏହାଦ୍ୱାରା ଅଚାନକ ଶରୀରର ତାପମାତ୍ରା ବଦଳୁଥିବାରୁ ବହୁତ କ୍ଷତି ହୋଇଥାଏ। ଅତ୍ୟଧିକ ଥଣ୍ଡା ପାଣି କିମ୍ବା ଅନ୍ୟ କୌଣସି ତରଳ ପଦାର୍ଥ ପିଇବା ଦ୍ୱାରା ରକ୍ତ ନଳୀ ସଙ୍କୁଚିତ ହୋଇ ଯାଇଥାଏ। ଏପରି ସ୍ଥିତିରେ ଆମ ଶରୀର ପାଚନ ପ୍ରକ୍ରିୟା କରି ନ ପାରି ତାପମାତ୍ରକୁ ନିୟନ୍ତ୍ରଣ କରିବାକୁ ଲାଗିଥାଏ।

*ହୃଦଘାତ ଆଶଙ୍କା*

ଥଣ୍ଡା ପାଣି ଶରୀର ପାଇଁ ଘାତକ ସାବ୍ୟସ୍ତ ହୋଇଥାଏ। ଏହାଦ୍ୱାରା ରକ୍ତ ଧିମା ଗତିରେ ଶରୀରରେ ପ୍ରବାହିତ ହେବା ସହ ଶୀରା ପ୍ରଶିରା ସଙ୍କୁଚିତ ହୋଇ ଯାଇଥାଏ। ଏପରିକି ନିୟମିତ ଭାବେ ଥଣ୍ଡା ପାଣି ପିଇବା ଦ୍ୱାରା ବେଳେ ବେଳେ ଶୀରା ପ୍ରଶିରା କଠୋର ହୋଇ ଯାଇଥାଏ। ଫଳରେ ଦୃଦଘାତର ଆଶଙ୍କା ବଢ଼ିଯାଏ ।

*ମେଦ ବହୁଳତା ବୃଦ୍ଧି*

ଥଣ୍ଡା ପାଣି ଅତ୍ୟଧିକ ପିଇଲେ ଚର୍ବି ଜମା ହୋଇ ଯାଇଥାଏ। ଏଥିସହ ଏହା ତରଳିବା କଷ୍ଟକର ହୋଇ ପଡ଼ିଥାଏ। ଏହାଦ୍ୱାରା ମୋଟାପଣ କମାଇବା ତଥା ଚର୍ବିକୁ ତରଳାଇବା କାଠିକର ପାଠ ହୋଇ ପଡ଼ିଥାଏ।



ଯଦି ଆପଣ ନିଜ ମେହବହୁଳତା ହ୍ରାସ କରିବାକୁ ଚାହୁଁଛନ୍ତି ତା' ହେଲେ ଥଣ୍ଡା ପାଣିକୁ ବାଏ ବାଏ କୁହନ୍ତୁ । ଆଉ ନର୍ମାଲ କିମ୍ବା ହାଲକା ଉଷୁମ ପାଣି ପିଇବା ଆରମ୍ଭ କରନ୍ତୁ।

*ପ୍ରଭାବିତ ହୁଏ ପାଚନ ପ୍ରକ୍ରିୟା*

ଥଣ୍ଡା ପାଣି ପିଇବା ଦ୍ୱାରା ପାଚନ ପ୍ରକ୍ରିୟା ବାଧାପ୍ରାପ୍ତ ହୋଇଥାଏ। ଏହାଦ୍ୱାରା ବଡ଼ ଅନ୍ତନଳୀ ସଙ୍କୁଚିତ ହେବାକୁ ଲାଗିଥାଏ। ଫଳରେ କବଜ ସମସ୍ୟା ଦେଖାଦିଏ । ପାଚନ ପ୍ରକ୍ରିୟା ଠିକ୍ ଭାବେ ନ ହୋଇ ପାରିଲେ ଗ୍ୟାସ୍ ? ଓ ଏସିଡିଟି ସମସ୍ୟା ଦେଖା ଦେଇଥାଏ।

# ଉଠ୍ ବସହେବା ଉପକାରୀ

ସ୍କୁଲ ସମୟରେ କିଛି ଭୁଲ ହେଲେ ଦଣ୍ଡସ୍ୱରୂପ ଉଠବସ ହେବା ଅନେକଙ୍କ କ୍ଷେତ୍ରରେ ଘଟିଥାଏ । ସ୍କୁଲ ଜୀବନରେ ଏହା ଏକ ସାଧାରଣ ଦଣ୍ଡ। ତେବେ ଶ୍ରେଣୀରେ ସମସ୍ତଙ୍କ ଆଗରେ ଉଠବସ୍ ହେବାକୁ ନିଶ୍ଚୟ ଲାଜ ଲାଗେ । ଏପରି ଦଣ୍ଡ କିନ୍ତୁ ଶରୀର ଓ ମସ୍ତିଷ୍କ ପାଇଁ ଉପକାରୀ ହୋଇଥାଏ ନିକଟରେ କରାଯାଇଥିବା ଗବେଷଣାରେ ମଧ୍ୟ ଏହା ପ୍ରମାଣିତ ହୋଇଛି । କାନ ଧରି ଉଠବସ ହେବା କୌଣସି ଯୋଗାଭ୍ୟାସଠାରୁ କମ ନୁହେଁ । ଉଠବସ ହେବା ସମୟରେ କାନର ତଳଭାଗକୁ ଧରିଥାନ୍ତି । ଏହି ସ୍ଥାନରେ କେତେକ ସ୍ୱତନ୍ତ୍ର ଆକ୍ୟୁପଏଣ୍ଟ ରହିଛି । କାନ ଧରିବା ଦ୍ୱାରା ସେସବୁ ବିନ୍ଦୁରେ ଚାପ ପଡ଼ିଲେ ମସ୍ତିଷ୍କର କେତେକ ବିଶେଷ ତନ୍ତ୍ରିତକା ଅଧିକ ସକ୍ରିୟ ହୋଇଯାନ୍ତି ଏବଂ ମସ୍ତିଷ୍କର କାର୍ଯ୍ୟଦକ୍ଷତା ବଢ଼େ । ଉଠବସ୍ ହେବା ସମୟରେ ସ୍ମୃତିଶକ୍ତି ବାମ ଓ ଡାହାଣ ଭାଗର କାର୍ଯ୍ୟପ୍ରଣାଳୀରେ ସାମଞ୍ଜସ୍ୟ ଆସେ ।

# ଏପରି ପ୍ରସ୍ତୁତ କରନ୍ତୁ ଛତୁ ପୋସ୍ତ ବରା



ଆବଶ୍ୟକ ସାମଗ୍ରୀ: ଛତୁ, ବେସନ, ମସଲା ଗୁଣ୍ଡ, ରସୁଣ କଟା, ପୋସ୍ତ ବଟା, ଜୀରା ବଟା, ପିଆଜ, ଅଦା, ଲଙ୍କା, ଲୁଣ, ଆଳୁ ଓ ତେଲ
ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ଛତୁକୁ ଛୋଟ ଛୋଟ କାଟି ତାକୁ ଭଲ ଭାବରେ ଧୋଇ ଦିଅନ୍ତୁ। ପରେ ତାକୁ ପାଣିରେ ସିଝାଇ ଦିଅନ୍ତୁ। ଏହା ସିଝି ଗଲା ପରେ ତାକୁ ଥଣ୍ଡା ହେବା ପାଇଁ ଏକ ପାତ୍ରକୁ କାଢ଼ି ଦିଅନ୍ତୁ। ଏହା ଥଣ୍ଡା ହୋଇଗଲା ପରେ ସେଥିରେ ବେସନ, ମସଲା ଗୁଣ୍ଡ, ରସୁଣ କଟା, ପୋସ୍ତ ବଟା, ଜିରା ବଟା, କଟା ପିଆଜ, କଟା ଅଦା, କଞ୍ଚା ଲଙ୍କା, ସ୍ୱାଦ ଅନୁସାରେ ଲୁଣ, ସିଝା ଆଳୁ ଓ ତେଲ ପକାଇ ଭଲ ଭାବେ ଚକଡି ଦିଅନ୍ତୁ। ପରେ କରେଇରେ ତେଲ ଗରମ କରନ୍ତୁ। ତେଲ ଗରମ ହେବା ପରେ ପୂର୍ବରୁ ପ୍ରସ୍ତୁତ କରି ରଖିଥିବା ପେଷ୍ଟରୁ ବରା ଆକାରରେ ଗଢନ୍ତୁ। ପରେ ତାକୁ ତେଲରେ ଛାଣନ୍ତୁ। ବରାର ଦୁଇ ପାଖ ହୋଇଗଲା ପରେ ତାକୁ ଏକ ପାତ୍ରକୁ କାଢ଼ି ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା ଗରମ ଗରମ ଛତୁ ପୋସ୍ତ ବରା।

# ସ୍ୱାସ୍ଥ୍ୟ ମନ୍ତ୍ର: ଦୃଷ୍ଟି ହରଣକାରୀ ଗ୍ଲୁକୋମା

ଗ୍ଲୁକୋମା ବା କଳା ମୋତିଆବିନ୍ଦୁ ଏକ ଲକ୍ଷଣବିହୀନ ମାରାତ୍ମକ ଚକ୍ଷୁରୋଗ, ଯାହା ମନୁଷ୍ୟକୁ ସମ୍ପୂର୍ଣ୍ଣ ଅନ୍ଧ କରିଦେଇଥାଏ। ତେଣୁ ସମସ୍ତେ ଏହାର କାରଣ, ଆଶଙ୍କା ଓ ଚିକିତ୍ସା ସମ୍ପର୍କରେ ଜାଣିବା ଗୁରୁତ୍ୱପୂର୍ଣ୍ଣ। ଆମ ଶରୀରରେ ରକ୍ତଚାପ ପରି ଚକ୍ଷୁର ମଧ୍ୟ ଚାପ ଥାଏ। ଏହି ଚାପ ସାଧାରଣ ସ୍ତରଠାରୁ ଅଧିକ ହେଲେ ଚକ୍ଷୁ ଭିତରେ ଥିବା ଦୃଷ୍ଟି ସ୍ନାୟୁର କ୍ଷତି ଘଟାଇ ମନୁଷ୍ୟକୁ ଅନ୍ଧ କରିଦେଇଥାଏ। ଗ୍ଲୁକୋମା ରୋଗର ଆରମ୍ଭରୁ ଯନ୍ତ୍ରଣା ପରି ଲକ୍ଷଣ ଦେଖାଦିଏ ନାହିଁ, ତେଣୁ ସାଧାରଣଲୋକ ଏଥିପାଇଁ ସଚେତନ ହୋଇପାରି ନ ଥାନ୍ତି। ତେଣୁ ସେମାନଙ୍କ ରୋଗ ନିରୂପଣ କଲାବେଳକୁ ସେମାନେ କିଛିମାତ୍ରାରେ ଦୃଷ୍ଟିଶକ୍ତି ହରାଇ ସାରିଥାନ୍ତି। ୪୦ ବର୍ଷ ବୟସରୁ ଅଧିକ ବୟସ୍କ ଲୋକଙ୍କ ଠାରେ



ଏହି ରୋଗର ଆଶଙ୍କା ଅଧିକ। ମଧୁମେହ ରୋଗୀ, ପରିବାରରେ ଗ୍ଲୁକୋମାର ଇତିହାସ, ଦୀର୍ଘ ସମୟ ଷ୍ଟେରଏଡ୍ ଔଷଧ ସେବନ, ଚକ୍ଷୁରେ ଆଘାତ, ଉଚ୍ଚ ରକ୍ତଚାପ, ମୋତିଆବିନ୍ଦୁ ଅସ୍ତ୍ରୋପଚାରରେ ଅବହେଳା ଆଦି ଗ୍ଲୁକୋମାର ଆଶଙ୍କାକୁ ବଢ଼ାଇଦେଇଥାଏ। ଆଖିର ନିୟମିତ ପରୀକ୍ଷଣ ମାଧ୍ୟମରେ ଗ୍ଲୁକୋମା ନିରୂପଣ ସମ୍ଭବ। ଏଥିପାଇଁ ଚକ୍ଷୁ ବିଶେଷଜ୍ଞ ଆଖିର ଆଭ୍ୟନ୍ତରୀଣ ଚାପକୁ ମାପିଥାନ୍ତି; ଆଖିର ସ୍ନାୟୁ ପରୀକ୍ଷା କରି କେନ୍ଦ୍ରୀୟ ଏବଂ ପାର୍ଶ୍ୱ ତଥା ପରିପାର୍ଶ୍ୱ ଦୃଷ୍ଟିରୁ ମୂଲ୍ୟାଙ୍କନ କରିଥାନ୍ତି। ରୋଗ ନିରୂପଣ ହେବା ପରେ ଯଥାଶୀଘ୍ର ଚିକିତ୍ସା ଆରମ୍ଭ କରିବା ଗୁରୁତ୍ୱପୂର୍ଣ୍ଣ। ଗ୍ଲୁକୋମା ଚିକିତ୍ସା ପାଇଁ, ଉଭୟ ରୋଗୀ ଓ ଡାକ୍ତରଙ୍କ ମିଳିତ ସହଯୋଗ ଆବଶ୍ୟକ। ଚିକିତ୍ସାର ଉଦ୍ଦେଶ୍ୟ ହେଉଛି ଆଗକୁ ଅଧିକ ଦୃଷ୍ଟିଶକ୍ତି ହ୍ରାସ ନ ପାଇବା। ରୋଗୀଙ୍କୁ ନିୟମିତ ଭାବେ ଆଖିରେ ଔଷଧ ପକାଇବାକୁ ପଡ଼ିଥାଏ। ଚକ୍ଷୁ ବିଶେଷଜ୍ଞଙ୍କ ପରାମର୍ଶ ବିନା, ଆଖିରେ ଔଷଧ ପକାଇବା ବନ୍ଦ କରିବେ ନାହିଁ କିମ୍ବା ଔଷଧ ବଦଳାଇବେ ନାହିଁ। ସରକାର ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳର ପ୍ରାଥମିକ ଓ ସାମୂହିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ମାଗଣା ଚକ୍ଷୁ ଶିବିର ଆୟୋଜନ କରି ବିଶେଷଜ୍ଞମାନଙ୍କୁ ନିଯୁକ୍ତ କରିଛନ୍ତି ଯଦ୍ୱାରା ଯଥାଶୀଘ୍ର କଳା ମୋତିଆବିନ୍ଦୁ ନିରାକରଣ ସମ୍ଭବ ହେବ।

# ଚୁଟିରେ ଏହି ଉପାୟରେ ଲଗାନ୍ତୁ ରସୁଣ ରସ: ପାଚିବ ନାହିଁ କି ଝଡ଼ିବ ନାହିଁ

ସୁସ୍ଥ ଏବଂ ପ୍ରାକୃତିକ ଉପାୟରେ ଚୁଟିର ବୃଦ୍ଧି କରିବାକୁ ଚାହୁଁଛନ୍ତି କି ? ଯଦି ଆପଣ କେଶର ସ୍ୱାସ୍ଥ୍ୟରେ ପ୍ରକୃତ ଉନ୍ନତି ଆଣିବାକୁ ଚାହାଁନ୍ତି, ତେବେ ଆମେ ଆପଣଙ୍କୁ ରସୁଣ ସହିତ କେଶର ଯତ୍ନ ନେବା ପାଇଁ କିଛି ଟିପ୍ସ କହିବୁ। ଜାଣନ୍ତୁ...
ଆଜିର ଖରାପ ଜୀବନଶୈଳୀ ଯୋଗୁଁ ଉଭୟ ପୁରୁଷ ଏବଂ ମହିଳା ସମସ୍ତେ କେଶ ସମ୍ବନ୍ଧୀୟ ସମସ୍ୟାରେ ପଡୁଛନ୍ତି। କାହାର କମ ବୟସରୁ ଚୁଟି ପାଚିଯାଉଛି ତ ଆଉ କାହାର ଚୁଟି ଉପୁଡୁଛି, କାହାର ଅଧାରୁ ଛିଡି ଯାଉଛି। ଏହାକୁ ଦୃଷ୍ଟିରେ ରଖି କେଶ ସମ୍ବନ୍ଧୀୟ ସମସ୍ୟା ପାଇଁ ବଜାରରେ ଏକରୁ ଅଧିକ ଚିକିତ୍ସା ଉପଲବ୍ଧ ହେଉଛି। କିନ୍ତୁ ଏହା କିଛି ମହଙ୍ଗା ହୋଇଥିବା ବେଳେ ଆଉ କିଛି କ୍ଷତିକାରକ ହୋଇଥାଏ।
ଏପରି ପରିସ୍ଥିତିରେ ଆପଣ ସୁସ୍ଥ ଏବଂ ପ୍ରାକୃତିକ ଉପାୟରେ ଚୁଟିର ବୃଦ୍ଧି କରିବାକୁ ଚାହୁଁଛନ୍ତି କି ? ଯଦି ଆପଣ କେଶର ସ୍ୱାସ୍ଥ୍ୟରେ ପ୍ରକୃତ ଉନ୍ନତି ଆଣିବାକୁ ଚାହାଁନ୍ତି, ତେବେ ଆମେ ଆପଣଙ୍କୁ ରସୁଣ ସହିତ କେଶର ଯତ୍ନ ନେବା ପାଇଁ କିଛି ଟିପ୍ସ କହିବୁ। ଏଥିରୁ ଅନେକ ଲାଭ ମିଳିପାରିବ। ରସୁଣରେ ଭିଟାମିନ୍ ବି, ଭିଟାମିନ୍ ସି,






ସେଲେନିୟମ୍ ଏବଂ ମାଙ୍ଗାନିଜ୍ ପରି ପର୍ଯ୍ୟାପ୍ତ ପରିମାଣର ପୋଷକ ତତ୍ତ୍ୱ ରହିଥାଏ, ଯାହା ଚୁଟିକୁ ଲମ୍ବା, ମୋଟା ଏବଂ ଶକ୍ତିଶାଳୀ କରିବାରେ ସାହାଯ୍ୟ କରେ।
ରସୁଣ ରସର ଉପକାର:
କେଶକୁ ମଜବୁତ କରେ - କେଶରେ ରସୁଣ ରସ ବ୍ୟବହାର କରିବା ଅତ୍ୟନ୍ତ ଉପଯୋଗୀ ହୋଇପାରେ। କେଶକୁ ମଜବୁତ କରିବା ସହିତ ଏହାକୁ ନମନୀୟ କରିବା ପାଇଁ ଏହା ଉପଯୋଗୀ ବୋଲି ବିବେଚନା କରାଯାଏ। ରସୁଣ ରସରେ ସେଲେନିୟମ୍ ଏବଂ ସଲଫର୍ ମିଳିଥାଏ ଯାହା କେଶର ଶକ୍ତିକୁ ବଢାଏ।
କେଶ ଝଡିବାକୁ ରୋକେ - ଯଦିଓ ଆପଣ ଅତ୍ୟଧିକ କେଶ ଝଡ଼ିବାରେ ଅସୁବିଧାରେ ପଡିଛନ୍ତି, ତେବେ ଆପଣ ନିଜ କେଶରେ ରସୁଣ ରସ ଲଗାଇ ପାରିବେ। ଏହା କେଶ ଝଡିବାରୁ ମୁକ୍ତି ଦିଏ।
ରୂପିରୁ ମୁକ୍ତି - ରସୁଣ ରସ ବ୍ୟବହାର କରିବା ଦ୍ୱାରା ରୂପି ସମସ୍ୟା ମଧ ଦୂର ହୁଏ। ଏହାକୁ ନିୟମିତ ଭାବରେ କେଶରେ ବ୍ୟବହାର କରିବା ଦ୍ୱାରା ରୂପି ଦୂର ହୁଏ, ଖପୁରୀ କୁଣ୍ଡେଇ ହେବା ମଧ ବନ୍ଦ ହୁଏ।
କ୍ଷତିରୁ ରକ୍ଷା କରନ୍ତୁ - ସୂର୍ଯ୍ୟଙ୍କ କ୍ଷତିକାରକ କିରଣ କେବଳ ଚର୍ମକୁ କ୍ଷତି ପହଞ୍ଚାଏ ନାହିଁ ବରଂ ଏହା କେଶର ପ୍ରାକୃତିକ କିରାଟିନ୍ ପ୍ରୋଟିନ୍ ?କୁ ମଧ ଧୀରେ ଧୀରେ କ୍ଷତି କରେ, ଫଳରେ କେଶ ପାଚିଯାଏ। ଏପରି ପରିସ୍ଥିତିରେ, ଆପଣ କେଶର ଯତ୍ନ ପାଇଁ ରସୁଣ ରସ ବ୍ୟବହାର କରିପାରିବେ। ଏହା କେଶକୁ ରକ୍ଷା କରିଥାଏ ଏବଂ ଏହା ନଷ୍ଟ ହେବାକୁ ରୋକିଥାଏ।
କେଶ ବୃଦ୍ଧି - ଏହିପରି ଅନେକ ଭିଟାମିନ୍ ଏବଂ ମିନେରାଲ୍ସ ରସୁଣରେ ମିଳିଥାଏ ଯାହା କେଶକୁ ଲମ୍ବା କରିବାରେ ସାହାଯ୍ୟ କରେ। ରସୁଣ ରସ କେଶରେ ଲଗାଇବା ଦ୍ୱାରା ଦ୍ରୁତ ଗତିରେ କେଶ ବଢେ।
କିପରି କରିବେ ପ୍ରସ୍ତୁତ:
କିଛି କୋଳା ରସୁଣ ନେଇ ଟିକି ଟିକି କରି କାଟିଦିଅନ୍ତୁ ଏବଂ ଏହାକୁ ଭଲ ଭାବେ ଗ୍ରାଇଣ୍ଡ୍ କରନ୍ତୁ। ବର୍ତ୍ତମାନ ଏହି ରସରେ ଏକ ଚାମଚ ନଡ଼ିଆ କିମ୍ବା ଅଲିଭ୍ ତେଲ ମିଶାନ୍ତୁ ଏବଂ ଏହାକୁ କେଶର ମୂଳରେ ଭଲ ଭାବରେ ଲଗାନ୍ତୁ। ଏହାକୁ ବ୍ୟବହାର କରିବାର କିଛି ଦିନ ମଧ୍ୟରେ ଆପଣ ପାର୍ଥକ୍ୟ ଦେଖିବା ଆରମ୍ଭ କରିବେ।

# ସାବଧାନ: ଏହି ସବୁ ଖାଦ୍ୟ ଓ ପାନୀୟ କାରଣରୁ ତ୍ୱଚା ହୋଇଥାଏ ରୁକ୍ଷ

ଆମେ ଦୈନନ୍ଦିନ ଜୀବନରେ ଏମିତି ଗୁଡ଼ାଏ ଖାଦ୍ୟ ଖାଇଥାଉ ଯାହାକି ଶରୀର ପାଇଁ ଖୁବ୍ କ୍ଷତିକାରକ ହୋଇଥାଏ। ଏମିତି ଅନେକ ଖାଦ୍ୟ ରହିଛି ଯାହା ଆମର ତ୍ୱଚାକୁ ରୁକ୍ଷ କରିଥାଏ। ଖାଦ୍ୟ ଖାଇବା ନେଇ ସତର୍କତା ଅବଲମ୍ବନ କଲେ ଆମେ କିଛି ମାତ୍ରାରେ ଆମ ତ୍ୱଚାର ଚମକ ବଜାୟ ରଖିପାରିବା।
ଜୁସ୍: ଅନେକ ଲୋକ ଭାବନ୍ତି ଜୁସ୍ ପିଇବା ଦ୍ୱାରା ତ୍ୱଚାର ଚମକ ବଢ଼ିଥାଏ। ଚମରେ ଉଜ୍ଜ୍ୱଳତା ଆସିଥାଏ। ମାତ୍ର ମନେ ରଖନ୍ତୁ ସିଧା ଫଳକୁ ରସ କରି ପିଇଲେ ଲାଭପ୍ରଦ ହୋଇଥାଏ। ମାତ୍ର ବଜାରରେ ଯେଉଁ ପ୍ୟାକେଟ ଜୁସ୍ ସବୁ ମିଳୁଛି ସେଥିରେ ଅତିରିକ୍ତ ପରିମାଣର ମିଠା ଭାଗ ରହିଥିବା ହେତୁ ତାହା ତ୍ୱଚା ପାଇଁ ହିତକାରକ ହୋଇନଥାଏ।
ଗାଈ ଛେନା: ଗାଈ ଛେନା ଅତ୍ୟନ୍ତ ସ୍ୱାଦିଷ୍ଟ ହୋଇଥିବାରୁ ତାହାକୁ ଲୋକେ ବିଭିନ୍ନ ଖାଦ୍ୟରେ ଖାଇଥାନ୍ତି। ମାତ୍ର ମନେ ରଖନ୍ତୁ ଏଥିରେ ତୈଳ ଭାଗ ରହୁଥିବା ହେତୁ ଏହା ବ୍ରଣର କାରଣ ପାଲଟିଥାଏ।
କଫି: କଫି ଶରୀର ପାଇଁ ଅନେକ ଭଲ ହୋଇଥାଏ। ମାତ୍ର କଫି ପିଇବା ଦ୍ୱାରା ଶରୀରରୁ ଜଳୀୟ ଅଂଶ ହ୍ରାସ ପାଇଥାଏ। ଫଳରେ ତ୍ୱଚା ଉପରେ ପ୍ରଭାବ ପକାଇଥାଏ।
ଥଣ୍ଡା: ଆପଣ ଯେତେ ବି ସ୍ୱାସ୍ଥ୍ୟକର ଖାଦ୍ୟ ଖାଆନ୍ତୁ ପଛେ ଯଦି ଆପଣ ବାରମ୍ବାର ଥଣ୍ଡା ପିଉଛନ୍ତି ତେବେ ଏହା ତାହାର ପ୍ରଭାବ କମ୍ କରିଥାଏ।
ଆଲ୍‌କହଲ: ମଦ୍ୟପାନ ରୁକ୍ଷ ତ୍ୱଚାର କାରଣ ହୋଇଥାଏ ଏହା ଆପଣ ଜାଣିଥିବେ ନିଶ୍ଚୟ। ଆପଣ ନିଜ ଶରୀର ଯେତେ ବି ଯତ୍ନ ନିଅନ୍ତୁ ପଛେ ଯଦି ଆଲ୍‌କହଲ ନେଉଛନ୍ତି ତେବେ ସବୁ ବୃଥା।



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ୯୯ ମହାବାତ୍ୟାର ସ୍ମୃତି...

ନିକଟରେ ବାତ୍ୟା ଦାନାକୁ ନେଇ ଗଣମାଧ୍ୟମରେ ଚର୍ଚ୍ଚା ଓ ଆଲୋଚନା ଲାଗି ରହିଥିଲା। ବାତ୍ୟା ଦାନାର ବିଭୀଷିକାକୁ ନେଇ ବିଭିନ୍ନ ସଂସ୍ଥା ତରଫରୁ କରାଯାଇଥିବା ଆକଳନଗୁଡ଼ିକ କେତେଦୂର ସଠିକ ଥିଲା, ତା’ ନେଇ ଆଲୋଚନା ଜାରି ରହିଥିଲା ବେଳେ, ୧୯୯୯ର ମହାବାତ୍ୟା, ଓଡିଶାବାସୀଙ୍କ ମନରେ ପୁଣି ଥରେ ସତେଜ ହୋଇଛି। ଉଲ୍ଲେଖଯୋଗ୍ୟ, ୨୯ ଅକ୍ଟୋବର ୧୯୯୯ରେ ଆସିଥିବା ମହାବାତ୍ୟା, ଆଜିର ଦିନରେ ପଚିଶ ବର୍ଷ ପୂର୍ତ୍ତି ହୋଇଛି। ୧୯୯୯ ମସିହା ଅକ୍ଟୋବର ମାସ ୨୯ ତାରିଖ, ଓଡ଼ିଶା ଇତିହାସର ଏକ ଅଭୁଲା ଦିନ। ମହାବାତ୍ୟାର କରାଳ ରୂପ ସମଗ୍ର ଉପକୂଳ ଓଡ଼ିଶାକୁ ଧ୍ୱସ୍ତବିଧ୍ୱସ୍ତ କରି ପକାଇଥିଲା। ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଅତି ଭୟଙ୍କର ସାମୁଦ୍ରିକ ଘୂର୍ଣ୍ଣିବାତ୍ୟା ପାରାଦୀପ ନିକଟରେ ଓଡିଶା ଉପକୂଳ ଅତିକ୍ରମ କରିବା ଯୋଗୁ ଜଗତସିଂପୁର ଓ କେନ୍ଦ୍ରାପଡା ଜିଲ୍ଲା ସମେତ ରାଜ୍ୟର ୧୧ଟି ଉପକୂଳ ଜିଲ୍ଲାକୁ ଏହା ପ୍ରଭାବିତ କରିଥିଲା। ଏହି ଖଣ୍ଡପ୍ରଳୟର ପ୍ରଭାବରେ ପାରାଦୀପ ଓ ତାହାର ଏକଶହ କିଲୋମିଟର ବ୍ୟାସାର୍ଦ୍ଧ ପରିମିତ ଅଞ୍ଚଳରେ ଘଣ୍ଟାକୁ ୧୫୦ରୁ ୨୩୦ କିଲୋମିଟର ବେଗରେ ପବନ ବହିଥିଲା, ଯାହାର ପ୍ରଭାବରେ ଏହି ଏଗାରଟି ଜିଲ୍ଲାରେ ନାହିଁ ନଥିବା କ୍ଷତି ଘଟିଥିଲା। ଏହି ମହାବାତ୍ୟାରେ ରାଜ୍ୟର ପ୍ରାୟ ଏକ କୋଟିରୁ ଉର୍ଦ୍ଧ ଲୋକ ଏଥିରେ ପ୍ରଭାବିତ ହୋଇଥିବା ବେଳେ ଦଶ ହଜାରରୁ ଉର୍ଦ୍ଧ୍ୱ ପ୍ରାଣ ହରାଇଥିଲେ। ଏହାକୁ ଶତାବ୍ଦୀର ସବୁଠାରୁ ଶକ୍ତିଶାଳୀ ସାମୁଦ୍ରିକ ଝଡ଼ ଭାବେ ଅଭିହିତ କରାଯାଇଥିଲା। ଦୈବ ଦୁର୍ବିପାକ ଓ ପ୍ରାକୃତିକ ବିପର୍ଯ୍ୟୟ ଓଡ଼ିଶା ରାଜ୍ୟ ପାଇଁ ନୂଆ କଥା ହୋଇ ନଥିଲେ ମଧ ଏହି ମହାବାତ୍ୟା ଓଡ଼ିଶା ସମ୍ମୁଖୀନ ହୋଇଥିବା ଅନେକ ବିପର୍ଯ୍ୟୟଗୁଡିକ ମଧ୍ୟରୁ ଏହି ମହାବାତ୍ୟା ଅତ୍ୟନ୍ତ ବିରଳ ଓ ବିନାଶକାରୀ ଥିଲା। ରାଜ୍ୟରେ ଘଟିଥିବା ଅନେକ ପ୍ରାକୃତିକ ବିପର୍ଯ୍ୟୟ ଭିତରୁ, ୧୮୬୬ ମସିହାରେ ରାଜ୍ୟରେ ଘଟିଥିବା ନଅଙ୍କ ଦୁର୍ଭିକ୍ଷ ପରେ, ୧୯୯୯ ମହାବାତ୍ୟା କଥା ମନେପଡେ। ଏହି ମହାବାତ୍ୟାର ପ୍ରଭାବରେ, ଉପକୂଳ ଓଡ଼ିଶାରେ ସଡ଼କ ପଥ ବିପର୍ଯ୍ୟସ୍ତ ହେବା ସଙ୍ଗେ ସଙ୍ଗେ ବିଦ୍ୟୁତ ଓ ଟେଲିଫୋନ ସେବା ସମ୍ପୂର୍ଣ୍ଣ ରୂପେ ବ୍ୟାଘାତ ହୋଇ ଯାଇଥିଲା। ଏପରିକି ରାଜ୍ୟର ରାଜଧାନୀ ଭୁବନେଶ୍ୱର ଓ କଟକ ସହରରେ ମଧ ବିଦ୍ୟୁତ ଓ ଟେଲିଫୋନ ସେବା ବାଧାପ୍ରାପ୍ତ ହୋଇଥିଲା। ବିଦ୍ୟୁତ ସେବା ବ୍ୟାଘାତ ହେବା କାରଣରୁ ଜଳ ଯୋଗାଣ ସେବା ମଧ ବ୍ୟାହତ ହୋଇଥିଲା। ସଡ଼କପଥ ବିପର୍ଯ୍ୟସ୍ତ ହୋଇ ପଡ଼ିଥିବା କାରଣରୁ ବିପନ୍ନ ଲୋକଙ୍କ ନିକଟରେ ପହଞ୍ଚି ସେମାନଙ୍କୁ ସହାୟତା ପ୍ରଦାନ କରିବା ସମ୍ଭବ ହୋଇପାରି ନଥିଲା। ସୈନ୍ୟବାହିନୀଙ୍କ ଦ୍ୱାରା ଅବରୁଦ୍ଧ ସଡ଼କପଥକୁ ପରିଷ୍କାର କରିବା ପରେ କ୍ଷତିଗ୍ରସ୍ତ ଅଞ୍ଚଳକୁ ରିଲିଫ ପଠାଇବା ସମ୍ଭବ ହୋଇ ପାରିଥିଲା। ସେହିପରି, ଅକ୍ଟୋବର ୨୯ ତାରିଖରେ ଆସିଥିବା ବିପର୍ଯ୍ୟୟକୁ ମୁକାବିଲା ପାଇଁ ଚାରୋଟି ହେଲିକପ୍ଟର ଓ ସୈନ୍ୟ ବାହିନୀକୁ ସଜାଗ ରଖାଯାଇଥିଲେ ମଧ ପରବର୍ତ୍ତୀ ଦୁଇଦିନ ଧରି ପ୍ରତିକୂଳ ପାଗ ଅବ୍ୟାହତ ରହିବାରୁ ଉଦ୍ଧାର କାର୍ଯ୍ୟରେ ବିଳମ୍ବ ଘଟିଥିଲା। ଭାରତ ସରକାର ଏହି ମହାବାତ୍ୟାକୁ ଜାତୀୟ ବିପତ୍ତି ଭାବେ ଘୋଷଣା କରିଥିଲେ। ଅନ୍ତର୍ଜାତୀୟ ସ୍ତରରେ ମଧ ଏହି ଘଟଣା ଚର୍ଚ୍ଚାର ବିଷୟ ପାଲଟିଥିଲା। ଅନେକ ବିକଶିତ ଦେଶ ମଧ ମହାବାତ୍ୟାର ବିପନ୍ନଙ୍କ ପାଇଁ ରିଲିଫ ସାମଗ୍ରୀ ପଠାଇବା ସହ ପୁନଃଥଇଥାନ ପାଇଁ ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ସରକାରଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଥିବା ଏକ ରିପୋର୍ଟରେ ଏହି ମହାବାତ୍ୟାରେ ୯୮୮୭ ଲୋକଙ୍କ ମୃତ୍ୟୁ ହୋଇଥିଲା ବୋଲି ଦର୍ଶାଯାଇଥିଲା ଯାହା ମଧ୍ୟରୁ କେବଳ ଜଗତସିଂପୁର ଜିଲ୍ଲାରେ ୮୦୦୦ରୁ ଉର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ହୋଇଛି ବୋଲି କୁହା ଯାଇଥିଲା। କିନ୍ତୁ, ସ୍ଥାନୀୟ ବାସିନ୍ଦାଙ୍କ କହିବା ଅନୁସାରେ ଏହି ମୃତ୍ୟୁ ସଂଖ୍ୟା ୩୦,୦୦୦ରୁ ଉର୍ଦ୍ଧ୍ୱ ହେବ ବୋଲି ଦାବି କରାଯାଏ। ସେହିପରି ରାଜ୍ୟରେ ପ୍ରାୟ ଷୋହଳ ଲକ୍ଷ ଘର ସମ୍ପୂର୍ଣ୍ଣ ଭାଙ୍ଗି ଯାଇଥିଲା ବୋଲି ଆକଳନ କରା ଯାଇଥିଲା ବେଳେ ପ୍ରାୟ ଚାରି ଲକ୍ଷ ପଚାଶ ହଜାରରୁ ଉର୍ଦ୍ଧ୍ୱ ଗାଈ ଗୋରୁ ଓ ଅନ୍ୟାନ୍ୟ ଗୃହପାଳିତ ପଶୁଙ୍କ ମୃତ୍ୟୁ ଘଟିଥିଲା ବୋଲି କୁହା ଯାଇଛି। ଏହି ମହାବାତ୍ୟାରେ ପ୍ରଭାବିତ ଏଗାରଟି ଉପକୂଳ ଜିଲ୍ଲାରେ ମହଜୁଦ ଥିବା ଉଦ୍ଭିଦସମୂହରୁ ପ୍ରାୟ ନବେ ପ୍ରତିଶତ ନଷ୍ଟ ହୋଇଯାଇଥିଲା। ଏହି ଉପକୂଳ ଅଞ୍ଚଳରେ ମତ୍ସ୍ୟଜୀବୀମାନେ ମଧ ବ୍ୟାପକ କ୍ଷତିର ସମ୍ମୁଖୀନ ହୋଇଥିଲେ। ପ୍ରାୟ ୯୦୮୫ଟି ମାଛ ଧରା ଡ଼ଙ୍ଗା ଓ ୨୨,୧୪୩ ଟି ମାଛଧରା ଜାଲ ବାତ୍ୟାରେ ଭାସିଯାଇ ସମୁଦ୍ରରେ ଲୀନ ହୋଇଯାଇଥିଲା। ଏହି ପ୍ରଳୟଙ୍କରି ମହାବାତ୍ୟାର ସମୁଦାୟ କ୍ଷୟକ୍ଷତି ପ୍ରାୟ ୪.୪୪ ବିଲିଅନ ଆମେରିକୀୟ ଡ଼ଲାର ବୋଲି ଆକଳନ କରାଯାଇଥିଲା, ଯାହାର ମୂଲ୍ୟ ଭାରତୀୟ ମୁଦ୍ରାରେ ପ୍ରାୟ ୩୬ ହଜାର କୋଟିରୁ ଉର୍ଦ୍ଧ୍ୱ ହେବ। ମହାବାତ୍ୟାର କ୍ଷୟକ୍ଷତି ଓଡ଼ିଶାର ଆର୍ଥିକ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ଭାବେ ଦୋହଲାଇ ଦେଇଥିଲା। ଏହି ମହାବାତ୍ୟାରେ ହୋଇଥିବା କ୍ଷୟ କ୍ଷତିକୁ ଭରଣା କରିବା ରାଜ୍ୟ ସରକାରଙ୍କ ପାଇଁ ଏକ ବଡ଼ ଆହ୍ୱାନ ଥିଲା।

## ଅନ୍ନପୂର୍ଣ୍ଣା ମହାରଣାଙ୍କ ମହାତ୍ମା ଗାନ୍ଧୀଙ୍କ ସହ ସ୍ମରଣୀୟ ଅନୁଭୂତି



### ଡ଼ଃ. ଅରୁନ୍ଧତୀ ଦେବୀ

ଭାରତୀୟ ସ୍ୱାଧୀନତା ସଂଗ୍ରାମକୁ ନିଜର ସର୍ବସ୍ୱ ଦେଇଥିବା ଗୋପବନ୍ଧୁ ଚୌଧୁରୀ ଓ ରମାଦେବୀଙ୍କ ଏକମାତ୍ର କନ୍ୟା ଥିଲେ ଅନ୍ନପୂର୍ଣ୍ଣା ମହାରଣା, ଶ୍ରଦ୍ଧା ନାମ ଚୁନି । ସମସାମୟିକ ସମାଜରେ ଚୁନିଅପା ଭାବେ ସେ ଜଣାଶୁଣା ଥିଲେ । ଗୋପବନ୍ଧୁ ସପରିବାର ଗାନ୍ଧୀ ନୀତି ଗ୍ରହଣ କରିଥିବାରୁ, ଶୈଶବରେ ହିଁ ଏହାର ପ୍ରଭାବ ଚୁନିଙ୍କ ଉପରେ ପଡ଼ିଥିଲା। ମହାତ୍ମାଙ୍କ ଆଦର୍ଶରେ ସେ ଆଜୀବନ ବଞ୍ଚିଥିଲେ । ଗୋପବନ୍ଧୁ ସରକାରୀ ବିଦ୍ୟାଳୟରେ ନିଜର ସନ୍ତାନଙ୍କୁ ପଢ଼ାଇବାକୁ ଚାହୁଁ ନଥିଲେ । ତେଣୁ ଚୁନିଙ୍କର ଶିକ୍ଷା ଘର ମଧ୍ୟରେ ହୋଇଥିଲା। ଘରେ ସେ ପଢ଼ିଥିଲେ ଜ୍ଞାନାର୍ଜନ କରିଥିଲେ। ପିତା-ମାତାଙ୍କର ଶ୍ରେଷ୍ଠ ଗୁଣ ଗୁଡ଼ିକ ତାଙ୍କଠାରେ ବିକଶିତ ହୋଇଥିଲା ଏବଂ ସେ ଅତ୍ୟନ୍ତ ଶୃଙ୍ଖଳିତ ଓ ପାରଙ୍ଗମ ହୋଇପାରିଥିଲେ । ତେର ବର୍ଷ ବୟସରେ ସେ ସ୍ୱାଧୀନତା ସଂଗ୍ରାମରେ ଯୋଗ ଦେଇଥିଲେ ଏବଂ ୧୯୩୨ରେ ମାତ୍ର ପନ୍ଦର ବର୍ଷ ବୟସରେ ଜେଲ ଯାଇଥିଲେ । ୧୯୩୪ରେ ସେ ମହାତ୍ମାଙ୍କ ସହ ପୁରୀରୁ ଭଦ୍ରକ ହରିଜନ ପଦଯାତ୍ରାରେ ଯୋଗ ଦେଇଥିଲେ । ହରିଜନ ସେବାକୁ ସେ ଜୀବନର ଏକ ବ୍ରତ ଭାବେ ଗ୍ରହଣ କରିଥିଲେ । ୧୯୪୨ରେ ପିତାଙ୍କ ଇଚ୍ଛା ଅନୁଯାୟୀ ଚୁନି ଅସବର୍ଣ୍ଣ ବିବାହ କରିଥିଲେ । ପତି ଶରତ ଚନ୍ଦ୍ର ମହାରଣା ଥିଲେ ବୈଶ୍ୟ । ଭାରତ ଛାଡ଼ ଆନ୍ଦୋଳନ ସମୟରେ ତାଙ୍କୁ ପ୍ରାୟ ଅଢ଼େଇ ବର୍ଷ କାରାଗାରରେ ଅଟକ ରହିବାକୁ ପଡ଼ିଥିଲା । ୧୯୫୮ରେ ସନ୍ଥ ବିନୋବାଙ୍କ ଭୂଦାନ ଆନ୍ଦୋଳନରେ ସାମିଲ ହୋଇଥିଲେ । ଜୟପ୍ରକାଶ ନାରାୟଣଙ୍କ ସଂପୂର୍ଣ୍ଣ କ୍ରାନ୍ତି ଆନ୍ଦୋଳନରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ । ଜୟପ୍ରକାଶଙ୍କ ନେତୃତ୍ୱରେ ଚମ୍ବଲର ଦୁର୍ଦ୍ଧର୍ଷ ଡକାଏତମାନଙ୍କ ଆତ୍ମସମର୍ପଣ କାର୍ଯ୍ୟକ୍ରମରେ ସାମିଲ ହୋଇ ଜାତୀୟ ସ୍ତରରେ ଚର୍ଚ୍ଚିତ ହୋଇଥିଲେ । ଏହି ବିଷୟରେ ସେ ଲେଖିଥିଲେ ଦସ୍ୟୁ ହୃଦୟର ଦେବତା । ୧୯୧୭ ନଭେମ୍ବର ଆଜିର ଦିନରେ ସେ ଜନ୍ମ ହୋଇଥିଲେ ।

ଜନସାଧାରଣଙ୍କ ସହିତ ଏକ ରୂପ ହୋଇ ଗଠନମୂଳକ କାର୍ଯ୍ୟ ମାଧ୍ୟମରେ ଲୋକଙ୍କ ମଧ୍ୟରେ ଚେତନା ଆଣିବାର ପରଖ ସ୍ୱରୂପ ଜାତିର ଜନକ ମହାତ୍ମା ଗାନ୍ଧୀ ୧୯୩୪ ମସିହା ମେ ୮ରୁ ଓଡ଼ିଶାରେ ଆରମ୍ଭ କରିଥିଲେ ପଦଯାତ୍ରା । ଅସ୍ପୃଶ୍ୟତା ନିବାରଣ ଏହାର ମୂଳ ଉଦ୍ଦେଶ୍ୟ ଥିବାରୁ ଏହା ହରିଜନ ପଦଯାତ୍ରାଭାବେ ବେଶ୍ ଖ୍ୟାତ ଥିଲା । ଏ ପଦଯାତ୍ରାରେ ଗାନ୍ଧିଜୀଙ୍କ ସହିତ ଓଡ଼ିଶା, ଭାରତ ତଥା ସର୍ବୋପରି ଅନେକ ବିଦେଶୀ ଗାନ୍ଧୀ ଅନୁଗମୀ ଏଥିରେ ସାମିଲ ହୋଇଥିବାରୁ ଏ ପଦଯାତ୍ରାକୁ ନେଇ ସେତେବେଳେ ସମଗ୍ର ଭାରତ ଏପରିକି ବିଦେଶରେ ଭାରି ଚର୍ଚ୍ଚା ହୋଇଥିଲା । ଚିର ସତ୍ୟ ଓ ଅହିଂସାର ମୂର୍ତ୍ତିମନ୍ତ ଜୀବନ୍ତ ପ୍ରତୀକ ଗାନ୍ଧୀଙ୍କ ଭାଷାରେ ସ୍ୱାଧୀନତା ଅର୍ଜନ କରିବା ଯେତିକି ଗୁରୁତ୍ୱପୂର୍ଣ୍ଣ, ସ୍ୱାଧୀନ ଭାରତର ଉପଯୁକ୍ତ ନାଗରିକ ଗଢ଼ିବା ଥିଲା ତା’ଠାରୁ ତତୋଧିକ ଗୁରୁତ୍ୱପୂର୍ଣ୍ଣ । ପୁରୀରୁ ଆରମ୍ଭ ହୋଇଥିବା ଏହି ପଦଯାତ୍ରାରେ ଯେଉଁ ବିଶିଷ୍ଟ ବ୍ୟକ୍ତିତ୍ୱ ସାମିଲ ଥିଲେ ଓ ସେମାନଙ୍କ ଦାୟିତ୍ୱ ସମ୍ପର୍କରେ କହନ୍ତି । ମୀରାବେନ୍ ଗାନ୍ଧୀଙ୍କ ବ୍ୟକ୍ତିଗତ ଦାୟିତ୍ୱରେ, ଗାନ୍ଧୀଙ୍କ ହିନ୍ଦୀ ବକ୍ତବ୍ୟକୁ ଓଡ଼ିଆ ଅନୁବାଦକ ଦାୟିତ୍ୱରେ ଥିଲେ ରାଜକୃଷ୍ଣ ବୋଷ, ମନମୋହନ ଚୌଧୁରୀ, ଫଟୋଗ୍ରାଫର ଭାବେ ଓ ତତ୍‌କାଳୀନ ଓଡ଼ିଶାର ଏକମାତ୍ର ଖବରକାଗଜ “ସମାଜ”କୁ ପଦଯାତ୍ରାର ରିପୋର୍ଟ ପ୍ରଦାନ କରୁଥିଲେ ବିନୋଦ କାନୁନ୍‌ଗୋ । ଏତଦ୍‌ବ୍ୟତୀତ ଠକ୍‌କର ବାପା, ପୂର୍ବତନ ଉପରାଷ୍ଟ୍ରପତି କୃଷ୍ଣକାନ୍ତଙ୍କ ପିତା ଲାଲା ଅଚିନ୍ତ୍ୟରାମ, ପ୍ରଫେସର ମାଲ୍‌କାନି, ବାଲ୍ କାଲେକର, ଜମୁନାଲାଲ୍ ବଜାଜଙ୍କ ପତ୍ନୀ ଉମା ବଜାଜ୍, ଜୟପ୍ରକାଶ ନାରାୟଣଙ୍କ ଧର୍ମପତ୍ନୀ ପ୍ରଭାବତୀ ଦେବୀ, ଗୋପବନ୍ଧୁ ଚୌଧୁରୀ, ନାରାୟଣ ବୀରବର ସାମନ୍ତ ଏବଂ ଓଡ଼ିଶାର ଡଃ ରାଧାନାଥ ରଥ ଓ ହରେକୃଷ୍ଣ ମହତାବ୍ ପ୍ରମୁଖ । ତେବେ ଏଥିରେ ସୁଇଜରଲାଣ୍ଡ ଶାନ୍ତି ଆନ୍ଦୋଳନର ନେତା ନେତାଜୀ ସୋରିସେଲ୍, ଜର୍ମାନୀର ବିଶିଷ୍ଟ ସମାଜସେବୀ ମିଃ ବୁନ୍‌ଟା, ଇଂଲଣ୍ଡର ବିଶିଷ୍ଟ ନେତା ଅଗା ଖାଁ ହାରିସନ୍ ପ୍ରମୁଖ ସାମିଲ ଥିବାରୁ ପୃଥିବୀର ବଡ଼ ବଡ଼ ଖବର କାଗଜରେ ଏ ସଂକ୍ରାନ୍ତରେ ସବିଶେଷ ରିପୋର୍ଟ ବାହାରୁଥିଲା । ସେତେବେଳେ ୧୭ ବର୍ଷ ହୋଇଥିଲା କିଶୋରୀ ଅନ୍ନପୂର୍ଣ୍ଣାଙ୍କୁ। ପଦଯାତ୍ରାବେଳେ ହରିଜନ ମହିଳାମାନଙ୍କୁ ସେମାନଙ୍କ ଅଭାବ ଅସୁବିଧା ବୁଝି ରିପୋର୍ଟ ଦେବାକୁ ତାଙ୍କୁ କୁହାଯାଇଥିଲା । ପ୍ରତ୍ୟହ ସକାଳ ଓ ସନ୍ଧ୍ୟାରେ ଏହି ଯାତ୍ରା ଅନୁଷ୍ଠିତ ହେବା ସହ ପ୍ରାୟ ପ୍ରତିଦିନ ବିଭିନ୍ନ ସ୍ଥାନରେ ସାଧାରଣ ସଭା ଅନୁଷ୍ଠିତ ହେଉଥିଲା । ମେ ୧୭ ତାରିଖ ଦିନ କାଜିପାଟଣାଠାରେ ପଦଯାତ୍ରା ସମୟରେ ଗାନ୍ଧିଜୀ ହରିଜନ କାମ ପାଇଁ ଚାନ୍ଦା ମାଗିବାରୁ ଉପସ୍ଥିତ ଜନତାଙ୍କ ପାଖରେ ଯାହା ଥିଲା ତତ୍‌କ୍ଷଣାତ୍ ସବୁ ଗାନ୍ଧିଙ୍କ ଆଗରେ ଥୋଇଦେଲେ । ସେତେବେଳେ ଅନ୍ନପୂର୍ଣ୍ଣା ଦେବୀଙ୍କ ମା’ ସେଠାରେ ଉପସ୍ଥିତ ଥିଲେ। ଗାନ୍ଧିଜୀ ହସି ହସି ତାଙ୍କ ମା’କୁ କହିଲେ ତୁମେ ମୋତେ କ’ଣ ଦେବ ? ତାଙ୍କ ମା’ ଦୃପ୍ତ କଣ୍ଠରେ କହିଲେ, ମୋର ତ ତୁମେ ସର୍ବସ୍ୱ ନେଇସାରିଛ, ପୁଅ ନେଲ, ବୋହୂ ନେଲ, ନାତି, ନାତୁଣୀ ନେଲ । ମୋର ଆଉ କ’ଣ ବାକି ଅଛି ଯେ ତୁମକୁ ଦେବି ? ଗାନ୍ଧିଜୀ ହସି ଉଠି ଅଥି ଗମ୍ଭୀର ଭାବେ କହିଲେ ତୁମ ପରି ମା’ ତ ଏ ଦେଶ ପାଇଁ ଆଦର୍ଶ । ପଦଯାତ୍ରା ଜୁନ୍ ୮ରେ ଶେଷ ହେଲା ଭଦ୍ରଖରେ । ଗାନ୍ଧିଙ୍କ ଫେରିଲା ପରେ ୨୧ ଡିସେମ୍ବର ୧୯୩୪ରେ ସେ ଅନ୍ନପୂର୍ଣ୍ଣା ଦେବୀଙ୍କ ପାଖକୁ ସ୍ୱହସ୍ତ ଲିଖିତ ଖଣ୍ଡେ ଚିଠି ପଠାଇଥିଲେ । ସେଥିରେ ଲେଖିଥିଲେ ଆଦରର ଚୁନି, ଗାଁର ଉନ୍ନତି ପାଇଁ ଯଥାସମ୍ଭବ ସବୁ ମୂଳ ମଜୁରୀ ନିଜ ହାତରେ କରିବା ଭଲ । ତୁମମାନଙ୍କର ନିଷ୍ଠାପର ଅବଦାନ ନିଷ୍ଫଳ ହେବନାହିଁ । ଏତେ ବଡ଼ ମହାପୁରୁଷ, ବିଶ୍ୱ ଯାହାକୁ ଯୁଗସ୍ରଷ୍ଟା କହୁଛି, ସେହି ଲୋକଟି ସାଙ୍ଗରେ ଆମପରି ତୁଚ୍ଛ ଜନ ଯେ ବାଟ ଚାଲିଥିଲୁ, କଥା କହିଥିଲୁ, ବସିଥିଲୁ, ତାଙ୍କ ପାଖରେ ମନ କଥା କହିବାର ସୁଯୋଗ ପାଇଥିଲୁ, ଅବୋଧ ଶିଶୁ ପରି ତା’ର ସେବାଯତ୍ନ ମଧ ଗ୍ରହଣ କରିଥିଲୁ - ଏହି ସ୍ମରଣୀୟ ବକ୍ତବ୍ୟ ଅନ୍ନପୂର୍ଣ୍ଣା ମହାରଣା ତାଙ୍କ ଆତ୍ମଜୀବନୀରେ ବି ଲେଖିଛନ୍ତି। ତାଙ୍କ ଆତ୍ମଜୀବନୀରେ ସେ କଥା ମନେ ପକାଇଲାବେଳକୁ ତାହାକୁ ବିଶ୍ୱଗୁରୁ ରବୀନ୍ଦ୍ରନାଥଙ୍କ ଭାଷାରେ ହିଁ ଆବୃତ୍ତି କରିବାକୁ ମନ ଡାକେ – “ଆମି ବନଫୁଲ ତୋମାର ମଲାୟ, ଛିଲେମ ତୋମାର ଗଲେ, ଆଜି ଏ କ୍ଳାନ୍ତ ଦିବସର ଅବସାନେ, ଲୁପ୍ତ ଆଲୋୟ ପାଖୀର ସୁପ୍ତଗାନେ, ଧୂଲାୟ ଧୂଲାୟ ଦୀର୍ଣ୍ଣ ଜୀର୍ଣ୍ଣ, ନା ହୋକ ସେ ପଲେ ପଲେ ।” ମାତ୍ର ଚିତ୍ତଶୁଦ୍ଧିର ସାଧନା, ସମାଜ ପରିବର୍ତ୍ତନ ପାଇଁ ଆପ୍ରାଣ ଉଦ୍ୟମ ସର୍ବୋପରି ହରିକୃପା ବିନା ଏ ଉଚ୍ଚାଭିଳାଷ ପୂରଣ ହେବା ସମ୍ଭବ କି ?

ନିର୍ଦ୍ଦେଶିକା-ସମ୍ପାଦିକା,
ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ,
ମୋ: ୯୯୩୭୧୭୨୮୧୦

## ଆହାର ବ୍ୟାୟାମ ବିଶ୍ରାମ



### ଅନୁପମା ମହାରଣା

ସେଦିନ ଅଫିସରେ ପହଞ୍ଚୁ ପହଞ୍ଚୁ ରୋମାଙ୍କର ଡ଼େରି ହୋଇଗଲା । କାହାକୁ କିଛି ନ କହି ସେ ଚେୟାର ଉପରେ ବସି ପଡ଼ିଲେ । ତାଙ୍କର ବିଷର୍ଣ୍ଣ ବଦନ ଦେଖି ସହକର୍ମୀ ନୀତା ପଚାରିଲେ ଆରେ ତୋ’ର କ’ଣ ହୋଇଛି ? ତୋ ମୁହଁ କାହିଁକି ଶୁଖିଲା ଦେଖାଯାଉଛି । ଆରେ ଏମିତି କାମରେ ବ୍ୟସ୍ତ ରହିବା ସହ ଶରୀରର ବି ଯତ୍ନ ନେବା ଆବଶ୍ୟକ । ଏତକ ଶୁଣିବା ପରେ ରୋମା ଉତ୍ତର ଦେଲେ - କ’ଣ କରିବି କହିଲୁ ? ୩-୪ ଦିନ ହେବ ଦେହ ଭଲ ନାହିଁ । ଡାକ୍ତରଙ୍କ ପାଖକୁ ଯିବି ଯିବି ବୋଲି ଯାଇପାରୁନାହିଁ । ଗତ ସପ୍ତାହରେ କିଛି ଦିନ ମର୍ଣ୍ଣିଂ ୱାକ୍ କଲି । ହେଲେ ୪-୫ଦିନ ପରେ ଆଉ ଆଗ୍ରହ ହେଲା ନାହିଁ । ସତ କଥା କହିଲେ ଟାଇମ୍ ନାହିଁ । ନୀତା କହିଲେ ମୁଁ ତୋତେ ବୁଝାଇଲେ ତୁ ବୁଝିବୁ ନାହିଁ । ତୁ ଡାକ୍ତରଙ୍କ ପାଖକୁ ଚାଲ । ଡାକ୍ତରଙ୍କ ପାଖକୁ ଯାଇ ରୋମା ଯାହା ଶୁଣିଲେ ତାହା ତାଙ୍କ ମନରେ ଥିବା ଅନେକ ସନ୍ଦେହକୁ ଦୂର କରିଦେଲା । କେବଳ ରୋମା ନୁହଁନ୍ତି, ଏପରି ଅନେକ କର୍ମଜୀବୀ ମହିଳା ଅଛନ୍ତି ଯେଉଁମାନେ କାମକୁ ଗୁରୁତ୍ୱ ଦେଇ ନିଜ ସ୍ୱାସ୍ଥ୍ୟର ଯତ୍ନ ନେବାକୁ ସମୟ ପାଇନଥାନ୍ତି । ଯେତେବେଳେ ନେଡ଼ିଗୁଡ଼ କହୁଣିକୁ ବୋହିଯାଏ ସେତେବେଳେ ଡାକ୍ତରଙ୍କ ପାଖକୁ ଯାଇ ଅଯଥା ଟଙ୍କା ଖର୍ଚ୍ଚ କରିଥାନ୍ତି । ତେଣୁ ନିଜର ଦାୟିତ୍ୱ ସହ ଆଉ କେତୋଟି ବିଷୟ ପ୍ରତି ସଚେତନ ରହିଲେ ରୋମାଙ୍କ ପରି ସମସ୍ୟା ଆସିବାର ଆଶଙ୍କା ଅନେକାଂଶରେ କମ୍ ଥାଏ ।

ପ୍ରଥମ କଥା ହେଲା ସମୟ । ଏଣେ ଚାକିରିକୁ ତେଣେ ଘରକାମ । ଏସବୁ ଭିତରେ ଜଣେ କର୍ମଜୀବୀ ମହିଳାଙ୍କୁ ନିଜ ପାଇଁ କିଛି ସମୟ ବାହାର କରିବାକୁ ପଡ଼ିବ । ସକାଳୁ ଅଫିସ ଗଲେ ବି ବଡ଼ି ଭୋରରୁ ଉଠି କିଛି ସମୟ ବ୍ୟାୟାମ କଲେ କିଛି କ୍ଷତି ନାହିଁ । କିପରି ବ୍ୟାୟାମ କଲେ ତାହା ଆପଣଙ୍କ ଶରୀର ପାଇଁ ଯେ ଉପକାରୀ ଜାଣିବା ଦରକାର । ଏଥିନେଇ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ । କେବଳ ବ୍ୟାୟାମ ନୁହେଁ, ସକାଳୁ କିଛି ସମୟ ଯୋଗ କରିପାରନ୍ତି । ସକାଳୁ ଅତିକମ୍‌ରେ ୧୦ ମିନିଟ୍ ଯୋଗ କରିବାକୁ ଚେଷ୍ଟା କରନ୍ତୁ । ଯଦି ନିୟମିତ ଜିମ୍ ଯାଉଛନ୍ତି ତେବେ ସେଠାରେ ଏପରି ବ୍ୟାୟାମ କରନ୍ତୁ ଯାହାଦ୍ୱାରା ହୃଦ୍‌ସ୍ପନ୍ଦନ ସନ୍ତୁଳିତ ରହିବ । ଶରୀରକୁ ଝାଳ ନିର୍ଗତ ହେବା ପରେ ଅନ୍ତତଃ ଅଧ ଘଣ୍ଟାଏ ବିଶ୍ରାମ ନିଅନ୍ତୁ । ଲିଫ୍ଟରେ ନଯାଇ ଶିଡ଼ିରେ ଯାଆନ୍ତୁ । ଏହାଦ୍ୱାରା ମାଂସପେଶୀ ଆହୁରି ଚଳଚଞ୍ଚଳ ରହିଥାଏ । ଗୋଟିଏ ସ୍ଥାନରେ ଅଧିକ ସମୟ ବସି ରହି କାମ କରୁଥିଲେ ମଝିରେ କିଛି ସମୟ ଚାଲବୁଲ କରନ୍ତୁ ।

ହେଲେ କେଉଁ କାମ କେଉଁ ସମୟରେ କରିବେ ତାହାର ତାଲିକା ପ୍ରସ୍ତୁତ କରିବା ଦରକାର । ନ ହେଲେ ଏକାଥରେ ସବୁକାମ ଆବୋରି ହଇରାଣ ହେବା ହିଁ ସାର । ସପ୍ତାହରେ ସବୁଦିନେ ନ ହେଲା ନାହିଁ ଅତିକମ୍‌ରେ ପାଞ୍ଚଦିନ ବ୍ୟାୟାମ କଲେ ତାହା ଶରୀର ପାଇଁ ବେଶ୍ ଉପକାରୀ । ଦିନକୁ ଘଣ୍ଟାଏ ହେଉ ଅବା ଅଧଘଣ୍ଟାଏ ଏଥିପାଇଁ ରଖନ୍ତୁ । ନିଜକୁ ଫିଟ୍ ରଖିବାକୁ ଖାଲି ବ୍ୟାୟାମ କଲେ ହେବ ନାହିଁ, ଖାଦ୍ୟପେୟ ପ୍ରତି ବି ଧ୍ୟାନ ଦେବାକୁ ପଡ଼ିଥାଏ । ସବୁବେଳେ ଭିଟାମିନଯୁକ୍ତ ଖାଦ୍ୟ ଖାଆନ୍ତୁ । ସନ୍ତୁଳିତ ଆହାର ଯେ ଶରୀର ପାଇଁ ଉପକାରୀ ଏକଥା ଭୁଲି ଯାଆନ୍ତୁ ନାହିଁ । ଅଫିସ ଯିବା ପୂର୍ବରୁ ସବୁ କାମ ଠିକ୍ ସମୟରେ ଶେଷ କରନ୍ତୁ । ସକାଳ ଜଳଖିଆରେ ତଟକା ଫଳମୂଳ ସାମିଲ କରନ୍ତୁ । ଏହାଦ୍ୱାରା ଆପଣଙ୍କର ଓଜନ ସନ୍ତୁଳିତ ରହିବ । ଫାଷ୍ଟଫୁଡ଼ଜାତୀୟ ଖାଦ୍ୟ ଯେତେ କମ୍ ଖାଇବେ ତାହା ସେତେ ଭଲ। ପୁଷ୍ଟିକର ତଥା ଭିଟାମିନ୍‌ଯୁକ୍ତ ଖାଦ୍ୟ ଖାଆନ୍ତୁ ।

କର୍ମଜୀବୀ ମହିଳାଙ୍କ ପାଇଁ ସବୁଠାରୁ ଖାସ୍ କଥା ହେଲା ବିଶ୍ରାମ । ଦିନ ତମାମ ଅଫିସରେ କାମ ସହ ଘର ଦାୟିତ୍ୱ ବି ନେବାକୁ ପଡ଼ିଥାଏ । ତେଣୁ ଶରୀରକୁ ବିଶ୍ରାମ ଦରକାର । ପ୍ରତିଦିନ ଆବଶ୍ୟକ ମୁତାବକ ବିଶ୍ରାମ ନିଅନ୍ତୁ । ପରିଶ୍ରମ ଅନୁସାରେ ବିଶ୍ରାମ ନନେଲେ ତାହା କେତେକ ରୋଗର କାରଣ ହୋଇଥାଏ । ଏହାବ୍ୟତୀତ ନିୟମିତ ସମୟ ଅନ୍ତରାଳରେ ଡାକ୍ତରଙ୍କ ପାଖକୁ ଯାଇ ଶରୀର ଚେକ୍‌ଅପ୍ କରାଇ ନିଅନ୍ତୁ । ମୁଖ୍ୟତଃ ଆହାର, ବ୍ୟାୟାମ ଓ ବିଶ୍ରାମ ପ୍ରତି ଧ୍ୟାନ ଦେଲେ ଜଣେ କର୍ମଜୀବୀ ମହିଳା ସୁସ୍ଥ ଜୀବନଯାପନ କରିପାରିବେ - ଏକଥା ସେମାନେ ହୃଦୟଙ୍ଗମ କରିବା ଦରକାର।

ଶିଖରପୁର ଉପରସାହି, କଟକ,
ମୋ: ୯୪୩୮୫୮୩୨୮୯

## ଶୁଭମ୍ କରୋତି କଲ୍ୟାଣମ୍



### ମୁରଲୀଧର ସାମଲ

ଶୁଭମ୍ କରୋତି କଲ୍ୟାଣମ୍, ଆରୋଗ୍ୟ ଧନ ସମ୍ପଦମ୍। ଶତ୍ରୁବୃଦ୍ଧି ବିନାଶାୟ, ଦୀପଂ ଜ୍ୟୋତିଃ ନମସ୍ତୁତେ।। ଦୀପୋତ୍ସର୍ଗର ପ୍ରାଧାନ୍ୟ ହିଁ ଦୀପାବଳି ଉତ୍ସବର ସାର୍ଥକତା ବୋଲି ଏହା ‘ଦୀପାନ୍ୱିତା’ ନାମରେ ଆଖ୍ୟାୟିତ। ବେଦ, ପୁରାଣ ଓ ତନ୍ତ୍ର ଏଇ ତିନିଟିର ସମନ୍ୱୟରେ ସମଗ୍ର ଭାରତରେ ଦୀପାବଳି ଉତ୍ସବ ସମନ୍ୱିତ। ଭାରତରେ ସବୁଠାରୁ ପ୍ରାଚୀନ ଏହି ଲୋକୋତ୍ସବ ମହିମାନ୍ୱିତ ଜାତୀୟ ଉତ୍ସବ ଭାବେ ସ୍ମରଣାତୀତକାଳରୁ ଅନୁଷ୍ଠିତ ହୋଇଆସୁଛି। ଦୀପାନ୍ୱିତା ହୁଏ କାର୍ତ୍ତିକ ଅମାବାସ୍ୟାରେ। ଦେଶରେ ବିଭିନ୍ନ ପ୍ରାନ୍ତରେ ବିଭିନ୍ନ ଦେବତାଙ୍କ ନାମରେ ସଂଗଠିତ ହୋଇଥାଏ। ଦେଶର ସମସ୍ତ ମନ୍ଦିର ଓ ଘରେ ଘରେ ମାଳ ମାଳ ଦୀପ ଜଳାଇବା ମାଧ୍ୟମରେ ଏଇ ଜାତୀୟ ଉତ୍ସବ ପ୍ରକାଶିତ ହୁଏ। ଦୀପ ଦାନର ବିଧିଟି କାର୍ତ୍ତିକ ମାସରେ ପ୍ରଶସ୍ତ କାର୍ତ୍ତିକ ମାସର ଶ୍ରେଷ୍ଠତା ବିଷୟରେ ବ୍ରହ୍ମ ପୁରାଣରେ ଅଛି ‘ନ କାର୍ତ୍ତିକ ସମୋ ମାସୋ ନ କୃତେନ ସମଃ - ଯୁଗମ୍। ନ ବେଦଃ ସଦୃଶଃ ଶାସ୍ତ୍ରଃ ନ ତୀର୍ଥଃ ଗଙ୍ଗୟା ସମମ୍।।’ ଏଇ କାର୍ତ୍ତିକ ମାସରେ ଭାରତର ଗ୍ରାମ ଓ ସହରରେ ସର୍ବତ୍ର ଆକାଶ ଦୀପ ଦେବାର ରୀତି ଆଜି ମଧ ସମଧିକ ଭାବେ ପ୍ରଚଳିତ। ମାସ ସାରା ଦୀପଦାନ ଭଳି ପୁଣ୍ୟ କର୍ମ ଆଉ ନାହିଁ ବୋଲି ଧର୍ମପ୍ରାଣ ଭାରତବାସୀଙ୍କ ବିଶ୍ୱାସ। ଏଇ ଦୀପ ଉତ୍ସର୍ଗ ମନ୍ତ୍ର ଦ୍ୱାରା ନିଜ ନିଜ କ୍ଷୁଦ୍ର ଜୀବନ ଦୀପଟିକୁ ଦେବତାଙ୍କ ନିକଟରେ ଅର୍ପଣ କରିହୁଏ। ଦୀପଦାନର ଏଇ ଅନୁପମ ମନ୍ତ୍ରଟି ହେଲା ‘ଅଗ୍ନି ଜ୍ୟୋତିଃ ରବି ଜ୍ୟୋତିଃ ଶ୍ଚନ୍ଦ୍ର ଜ୍ୟୋତିସ୍ତଥୈବ ଚ। ଉତ୍ତମ ସର୍ବଜ୍ୟୋତିରାଃ ପ୍ରତି ଗୃହ୍ୟତାମ୍।। ଅର୍ଥାତ୍ ଅଗ୍ନି ଓ ଜ୍ୟୋତିଃ, ରବି ଓ ଜ୍ୟୋତିଃ, ଚନ୍ଦ୍ର ଓ ଜ୍ୟୋତିଃ, ଏସବୁ ଜ୍ୟୋତିଃନିଷ୍ଚୟ, କିନ୍ତୁ ସମସ୍ତ ଜ୍ୟୋତିଃର ଶ୍ରେଷ୍ଠ ଯେଉଁ ଜ୍ୟୋତିଃ ତାହା ହେଉଛି ମୋ ପ୍ରଦତ୍ତ ଏଇ ଦୀପ ତାହା ଗ୍ରହଣ କରନ୍ତୁ।

ଏଇ ଦୀପ, ଅନ୍ଧକାର ବିନାଶୀ ଜ୍ଞାନ ଦୀପର ପ୍ରତୀକ ଭାବେ ଜ୍ଞାନ ଜ୍ୟୋତିଃରେ, ଦେହ ମନରେ ଅଜ୍ଞାନ ଅନ୍ଧକାର ଦୂରକାର ଆଲୋକଙ୍କ ପଥରେ ନେଇଯିବାର ଭାବନା ହିଁ ଦୀପାବଳିର ଶ୍ରେଷ୍ଠତ୍ୱ। ‘ତମସୋ ମା ଜ୍ୟୋତିର୍ଗମୟ’ ବେଦମନ୍ତ୍ର ଦୀପାନ୍ୱିତାର ଅଧିଷ୍ଠାତ୍ରୀ ମା’କାଳିକାଙ୍କ ପ୍ରାଣମନ୍ତ୍ର ଓ ମାନବ କୁଳର ଚିର ଆକୁତି। ପୁରାଣର କାହାଣୀ ଅନୁଯାୟୀ ରାମଚନ୍ଦ୍ର ଲଙ୍କେଶ୍ୱର ରାବଣକୁ ଯୁଦ୍ଧରେ ନିହିତ କରି ଯେଉଁ ଦିନ ସୀତାଙ୍କୁ ଉଦ୍ଧାର କରି ଅଯୋଧ୍ୟାକୁ ଫେରି ଆସିଥିଲେ। ସେ ଦିନ ପ୍ରତ୍ୟାବର୍ତ୍ତନକୁ କେନ୍ଦ୍ରକରି ସମଗ୍ର ଅଯୋଧ୍ୟା ନଗରୀ ଆଲୋକମାଳାରେ ସଜ୍ଜିତ ହୋଇଥିଲା। ଘରେ ଘରେ ଜଳି ଉଠିଥିଲା ମଙ୍ଗଳଦୀପ। ସେ ଦିନ ଥିଲା କାର୍ତ୍ତିକ ଅମାବାସ୍ୟା। ପ୍ରଦୀପ ଜଳାଇ ଶ୍ରୀରାମ ବରଣ ସ୍ମୃତିକୁ ଉଜ୍ଜୀବିତକରି ସମଗ୍ର ଉତ୍ତର ଭାରତରେ ଏଇ ଉତ୍ସବ ପାଳନ ଆଜିଯାଏଁ ଚାଲିଛି। ଶ୍ରୀମଦ୍ ଭାଗବତ ପୁରାଣରେ ଦୀପାବଳିର ସୁସ୍ପଷ୍ଟ ବର୍ଣ୍ଣନା ରହିଛି। ବୃନ୍ଦାବନରେ ବ୍ରଜବାଳୀଗଣ ଏହି ଅମାବାସ୍ୟାରେ ଗିରିରାଜ ଗୋବର୍ଦ୍ଧନ ପୂଜା କରି ବୃନ୍ଦାବନକୁ ଦୀପମାଳାରେ ଶୋଭିତ କରିଥିଲେ।

ସ୍ମୃତି ଓ ତନ୍ତ୍ରଶାସ୍ତ୍ର ମତରେ ଏଇ ଅମାବାସ୍ୟା ତିଥିରେ ଦୁଇଟି ବିହିତ ହୋଇଛି। ଦୀପାନ୍ୱିତା ପାର୍ବଣାୟ ତଥା କାଲ୍ୟର୍ଚ୍ଚନାୟ ଚ। ଅପରାହ୍ଣରେ ପିତୃ ପୁରୁଷଗଣଙ୍କ ପାର୍ବଣ ଶ୍ରାଦ୍ଧ ବା ପୟା ଶ୍ରାଦ୍ଧ ଓ ମହାନିଶାରେ ମହାଳୟା ତ୍ରିଭୁବନ ଜନନୀ ମା’ କାଳୀଙ୍କ ଅର୍ଚ୍ଚନା ଦୀପାବଳି ଉତ୍ସବର ସମୀକରଣ। ଏଇ ତିଥିରେ ଦକ୍ଷିଣ ଭାରତରେ ଲକ୍ଷ୍ମୀ, ଗଣେଶ ଓ ଶ୍ରୀକୃଷ୍ଣଙ୍କ ପୂଜା ଏବଂ ହୋଲି ଉତ୍ସବ ପ୍ରଚଳିତ ହୋଇ ଆସୁଛି। ମହାରାଷ୍ଟ୍ର, ଗୁଜୁରାଟ ଓ ରାଜସ୍ଥାନର ମାରୱାଡ଼ି ବ୍ୟବସାୟୀ ହାଲଖାତା ବା ନୂଆ ଖାତା ପୂଜା କରନ୍ତି। ରୀତି ଅଛି, ଏହି ଦିନ ସେମାନେ ନୂତନ ବସ୍ତ୍ର ପରିଧାନ ଓ ବିତରଣ କରନ୍ତି।

ଜୈନଧର୍ମର ପ୍ରବର୍ତ୍ତକ ମହାବୀରଙ୍କ ତିରୋଧାନ ଏଇ ତିଥିରେ ହୋଇଥିବାରୁ ତାଙ୍କ ମହାନିର୍ବାଣକୁ ସ୍ମରଣ କରି ଜୈନମାନେ ଘରେ ଘରେ ଦୀପ ଜଳାଇ ବିଶେଷ ଉତ୍ସବ ଭାବେ ପାଳନ କରନ୍ତି। ଅମୃତସର ସ୍ୱର୍ଣ୍ଣମନ୍ଦିରରେ ବହ୍ୱାଡ଼ମ୍ବରରେ ପାଳିତ ହୁଏ ଦୀପାବଳି ଉତ୍ସବ। ସ୍ୱର୍ଣ୍ଣ ମନ୍ଦିର ଆଲୋକିତ ହୋଇଉଠେ ଏକ ଅପୂର୍ବ ବିକିରଣରେ। ଶିଖ ଧର୍ମଗୁରୁ ରାମତୀର୍ଥଙ୍କ ପବିତ୍ର ଜନ୍ମ ସନ୍ନ୍ୟାସ ଧର୍ମ ଗ୍ରହଣ ଓ ମୃତ୍ୟୁ ହିଁ ଦୀପାବଳି ଅମାବାସ୍ୟାରେ ହୋଇଥିଲା। ଆର୍ଯ୍ୟ ସମାଜର ପ୍ରତିଷ୍ଠାତା ସ୍ୱାମୀ ଦୟାନନ୍ଦ ସରସ୍ୱତୀଙ୍କ ତିରୋଧାନର ବିଶେଷ ଉତ୍ସବ ଏହି ଦିନ ଥିଲା। ରାଜା ବିକ୍ରମାଦିତ୍ୟଙ୍କ ବିଜୟୋତ୍ସବ ଓ ରାଜ୍ୟାଭିଷେକ ପର୍ବ ଏହି ଦିନ ସମ୍ପନ୍ନ ହୋଇଥିବାରୁ ରାଜସ୍ଥାନରେ ଦୀପାବଳି ଏକ ସ୍ମରଣୀୟ ତିଥିଭାବେ ପରିଗଣିତ। ମହାରାଷ୍ଟ୍ରରେ ଦୀପାବଳି ପର ଦିନ ମହାଦାନୀ ବଳିରାଜାଙ୍କ ପୂଜାକୁ ଗୁରୁତ୍ୱ ଦିଆଯାଏ। ସପ୍ତଦଶ ଶତାବ୍ଦୀର ଆରମ୍ଭରେ ଯେଉଁ ଇଉରୋପୀୟ ପର୍ଯ୍ୟଟକ ଭାରତ ଭ୍ରମଣରେ ଆସିଥିଲେ, ସେମାନେ ସମ୍ରାଟମାନଙ୍କ ଦୀପାବଳି ଉତ୍ସବ ଓ ନଦୀରେ ଦୀପ ଭସାଇବା ଦେଖିଥିଲେ। ଇତିହାସକୁ ମାନି ନେଇ କେତେକ ସ୍ଥାନରେ ପ୍ରଦୀପ ପ୍ରଜ୍ଜ୍ୱଳନ ଓ ନଦୀରେ ଦୀପ ଭସାଇବାର ଉତ୍ସବ ଚଳି ଆସୁଛି। ଦୀପାବଳି ଉତ୍ସବ ଜୀବନ୍ତ ହୋଇଉଠୁ ଏବଂ ଦୀପମାଳାର ଅନିର୍ବାଣ ଶିଖାରେ ଆସୁ ଶାନ୍ତି ଓ ଅଫୁରନ୍ତ ପୁଲକ।

ଜ୍ୟୋତି ବିହାର, ବିଡ଼ାନାସୀ,
କଟକ, ମୋ: ୭୯୭୮୮୪୧୭୪୧




## ତୁ କହି ଦେଲେ...

### କୁନା ସେଠୀ



ତୁ କହିଦେଲେ
ଜୀବନ କୋଳରେ
ଆସୁଥିଲା ମେଘ ଥିରି
ଟୁପ ଟାପ କରି
ଦେହରେ ରେ ମୋହର
ବରଷୁ ଥିଲା ସେ ବାରୀ ।
ଓଦା ହୋଇ ଯେବେ
ଚାହୁଁ ଥିଲି ତତେ
ହସୁଥିଲୁ ଖିଲିଖିଲି
ସେହି ହସ ମତେ
ବାସୁଥିଲା ସତେ
କବିତା କବିତା ବୋଲି ।
ତୁ କହିଦେଲେ
ଅଦିନେ ବସନ୍ତ
ଆସୁଥିଲା ହସିହସି
ପ୍ରେମର ସଙ୍ଗୀତ
ଗାଉଥିଲା ସିଏ
ଫୁଲ ର ରଙ୍ଗରେ ମିଶି ।
ଫୁଲ ପରି ଯେବେ
ବାସୁଥିଲୁ ତୁହି
ମଳୟ ସମୀର ତାନେ
ମନରେ ମୋହର
କୋଇଲିର ସ୍ୱର
ବାଜୁଥିଲା ପ୍ରତିଦିନେ ।
ତୁ କହିଦେଲେ
ପଦିଏ କଥା ଯେ
ହୃଦୟରେ ଲାଖୁଥିଲା
କଲମ ମୁନରେ
କବିତା ହୋଇ ସେ
ମନ କଥା କହୁଥିଲା ।
ତୁ ତୁ ହୋଇ ଯେ
ରହି ଜୀବନରେ
ଢାଳିବୁ ସଙ୍ଗୀତ ଧାରା
ସେ ଧାରା ରେ ବସି
ଭାସିବି ଗୋ ସଖୀ
ଏଇ ମୋ ଜୀବନ ସାରା ।

ଭୁତସରସିଙ୍ଗି, ପୁରୁଷୋତ୍ତମପୁର,
ଗଞ୍ଜାମ

## ଆମ ଚରିତ୍ର

### ଯୋଗାଚାର୍ଯ୍ୟ ଅନାମ ମହାମୁନି

ସତ୍ୟ ଆମ କର୍ମ, ସତ୍ୟ ଆମ ଧର୍ମ
ସତ୍ୟ ଆମରି ବଚନ ।
ସତ୍ୟ ଆମ ଲକ୍ଷ୍ୟ, ସତ୍ୟ ଆମ
ଆଦର୍ଶ।
ସତ୍ୟ ଆମ ଚିନ୍ତା, ସତ୍ୟ ଆମ
ଚେତନା
ସତ୍ୟ ଅଟେ ଆମ ସ୍ୱପ୍ନ ।
ସତ୍ୟ ଆମ ଜୀବନ, ସତ୍ୟ ଆମ
ଜୀବିକା
ସତ୍ୟ ଅଟେ ଆମ ଧ୍ୟାନ ।
ସତ୍ୟରେ ଚାଲୁଛୁ, ସତ୍ୟରେ ବଞ୍ଚୁଛୁ
ସତ୍ୟ ପାଇଁ ଦେବୁ ପ୍ରାଣ ।
ସତ୍ୟ ଏହି ବିଶ୍ୱ, ସତ୍ୟ ସନାତନ,
ସତ୍ୟ ଅଟେ ଭଗବାନ ।
ସତ୍ୟ ଆମ ତନ୍ତ୍ର, ସତ୍ୟ ଆମ ମନ୍ତ୍ର,
ସତ୍ୟ ଆମ ଜୀବନ ଧାରା ।
ସତ୍ୟ ଆମ ଯଜ୍ଞ, ସତ୍ୟ ଆମ ଲଗ୍ନ,
ଅହିଂସା ଆମର ନାରା ।
ସତ୍ୟ ଆମ ରୀତି, ସତ୍ୟ ଆମ ନୀତି
ସତ୍ୟ ଆମ ପ୍ରତିଶ୍ରୁତି।
ସତ୍ୟ ଆମ କୀର୍ତ୍ତି, ସତ୍ୟ ଆମ ବୃତ୍ତି
ସତ୍ୟ ଆମ ବିଶ୍ୱ ଗୀତି ।
ସତ୍ୟ ଆମ ବୁଦ୍ଧି, ସତ୍ୟ ଆମ ବିବେକ
ସତ୍ୟ ଆମ ମନବୃତ୍ତି ।
ସତ୍ୟ ଆମ ପ୍ରାଣ, ସତ୍ୟ ଆମ ଆତ୍ମା
ସତ୍ୟ ଆମ ଅନୁଭୂତି ।
ସତ୍ୟ ଆମ ଚିହ୍ନ, ସତ୍ୟ ଆମ ପତାକା
ସତ୍ୟ ଆମ ବିଚାରଧାରା ।
ସତ୍ୟ ଆମ ସାଧନା, ସତ୍ୟ ଆମ
କାମନା
ବିଶ୍ୱ ଶାନ୍ତି ଆମ ନାରା ।
ସତ୍ୟ ସନାତନ ପ୍ରତିଷ୍ଠା କରିବା
ସତ୍ୟ ପଥେ ଆମେ ରହି ।
ସତ୍ୟଯୁଗ ଆମେ ଧରାକୁ ଆଣିବା
ପ୍ରତିଜ୍ଞା ଆମର ଏହି ।

ପ୍ରତିଷ୍ଠାତା: ଅଧ୍ୟକ୍ଷ, ବିଶ୍ୱ ସନାତନ
ସତ୍ୟଯୁଗ ଫାଉଣ୍ଡେସନ୍ ଟ୍ରଷ୍ଟ
ମୋ: ୯୬୬୮୭୯୪୧୨୧



# ଫୁଲଝରି







## ହାତୀ ଓ ବାଣ କଥା



ସୁନନ୍ଦା ମହାନ୍ତି



ଗାଁରେ ମୁନା ରହୁଥାଏ। ଦୀପାବଳୀ ଦିନ ମୁନାର ମନ ଭଲନଥାଏ କାରଣ ଗାଁରେ ଥିବା ତାର ସବୁ ସାଙ୍ଗମାନଙ୍କ ଘରେ ଘରେ ଢେର ସାରା ବାଣ କିଣାହୋଇଥାଏ କିନ୍ତୁ ତାଙ୍କ ଘରେ ମାଆ ଦୀପରେ ତେଲ ଢାଳି ବଳିତା ସଜାଡୁ ଥାଆନ୍ତି। ଜେଜେ ଛାତ ଉପରେ ଚଉରା ସହ ପାଚେରୀ ଚାରିପଟେ ରଙ୍ଗ କରିଦେଇଥିଲେ ମଧ୍ୟ ବାଣ ଆଣିନାହାଁନ୍ତି । ପୁଣି ଜେଜେମା ଘରେ ଥିବା ମୁରୁଜ ଚିତା ପକାଇବା ସଙ୍ଗେ ସଙ୍ଗେ ନୂଆ ଶାଢ଼ୀ, ଧୋତି ଓ ଚାଦର କିଣି ଜୋର ଶୀତ ଆସିବା ପୂର୍ବରୁ ଗରୀବ ଲୋକମାନଙ୍କୁ ଦାନ କରିବାକୁ ଯୋଜନା କରିଥାନ୍ତି ତ ବାପା ପୟାଶ୍ରାଦ୍ଧ ପାଇଁ ସବୁ ଜିନିଷ କିଣି ଆୟୋଜନ କରୁଥାନ୍ତି ଶ୍ରଦ୍ଧାରୁ ଶ୍ରାଦ୍ଧ ବୋଲି କହୁଥାନ୍ତି । ଏତିକି ବେଳେ ମୁନାର ସାଙ୍ଗ ମୁନାକୁ କହିଲା, 'ଆରେ ମୁନା ତୁ ଆଜି ସନ୍ଧ୍ୟାରେ ଆମ ଘରକୁ ଆଗ ଆସିବୁ, ଆମେ ଦୁହେଁ ମିଶି ବାଣ ଫୁଟାଇ ବହୁତ ମଜା କରିବା। ଆଉ ତା' ପରେ ପୁଣି ତମ ଘରକୁ ଯିବା। 'ମୁନା ତା' ସାଙ୍ଗ ଘରକୁ ଯାଇ ଦେଖିଲା ରଙ୍ଗବେରଙ୍ଗ ଆଲୋକମାଳାରେ ସଜା ହୋଇଥାଏ ତାଙ୍କ ଦୁଇ ମହଲା କୋଠା। ବଜାରରୁ ବିଭିନ୍ନ ପ୍ରକାରର ଦାମି ମିଠାଇ ସହିତ ବର୍ଗର, ପିଜା, କପଡ଼ା ବାରୁଦରେ ତିଆରି ହୋଇଥିବା କେତେ ପ୍ରକାରର ବିଦେଶୀ ବାଣ, ଏମିତିକି ଫାଟିଲେ ବହୁତ ଜୋର ଜୋରରେ ଶବ୍ଦ କରୁଛି। ଭଲିଭଲିକା ରଙ୍ଗୀନ ଧୂଆଁ ବାହାରି ଅନେକ ଡିଜାଇନରେ ଖେଳି ଯାଉଛି, ଏମିତି ଆହୁରି କିଛି। ତାହା ସବୁ ଉପଭୋଗ କରିବା ପରେ ଦୁଇଜଣ ସାଙ୍ଗ ଫେରି ଆସିଲେ ମୁନାଙ୍କ ଘରକୁ। ଏବେ ମୁନାର ବାପା, ମା', ସମସ୍ତ ପରିବାର; ମୁନା ଏବଂ ତା' ସାଙ୍ଗ ମିଳିମିଶି ମହମବତୀ ଦୀପ ଲଗାଇ ଘଣ୍ଟ ଘଣ୍ଟା ବଜାଇ ଦିଅଁ ଦେବତାଙ୍କୁ ପୂଜା କରିବା ପରେ ଅଗଣାରେ ପିମ୍ପେଇ ଖାଡି ବା କାଉଁରିଆ କାଠି ଜଳାଇ ବଡ଼ବଡୁଆଙ୍କୁ ଡାକିଲେ। ଶେଷରେ ସମସ୍ତେ ଏକାଠି ବସି ଘରେ ତିଆରି ହୋଇଥିବା ସୁସ୍ୱାଦୁ ଭୋଜନ କରି ପରସ୍ପର ମଧ୍ୟରେ ସ୍ନେହ ସୌହାର୍ଦ୍ଦ୍ୟପୂର୍ଣ୍ଣ ପରିବେଶଟିଏ ସୃଷ୍ଟି କଲେ। ସବୁ ସରିବା ପରେ ମୁନା ପ୍ରଶ୍ନ କଲା ତା' ବାପାଙ୍କୁ, ଯାହା ଯାହା ଦେଖିକରି ଆସିଥିଲା ତା' ସାଙ୍ଗ ଘରୁ, ସବୁ କଥା କହିଲା। ଶୁଣି ସାରିବା ପରେ ମୁନାର ବାପା ମୁନାକୁ ଓ ତା' ସାଙ୍ଗକୁ ବୁଝାଇଲେ। ଦେଖ ପିଲାମାନେ ଦୀପାବଳି ଉତ୍ସବ ହେଉଛି ଆଲୋକର ପର୍ବ। ଆମେମାନେ ସମସ୍ତେ ଏହି ପର୍ବରେ ମହମବତୀ ଆଉ ଦୀପ ଜଳାଇ ଅନ୍ଧାର ଦୂର କରିଥାଉ। ସୁଖ ଓ ସମୃଦ୍ଧି ପାଇଁ ଆମକୁ ଦୁନିଆକୁ ଆଣିଥିବା ଆମ ପୂର୍ବପୁରୁଷମାନଙ୍କୁ ଏହି ପବିତ୍ର ଦିନରେ ସ୍ମରଣ କରିଥାଉ। ଏହା ବ୍ୟତିତ ଘରେ ତିଆରି ହୋଇଥିବା ଜିନିଷ ମା' ନିଜ ହାତରେ କରିଥିବା ପିଠା ପଣାରେ ଯେଉଁ ସ୍ୱାଦ ଥାଏ ତାହା ବଜାରରୁ ଆସିଥିବା କୌଣସି ଜିନିଷରେ ନଥାଏ। ଆଉ ବାକି ରହିଲା ବାଣ। ବାଣ ଫୁଟାଇବା ଦ୍ୱାରା ସେଥିରୁ ଯେଉଁ ବିଷାକ୍ତ ଧୂଆଁ ନିର୍ଗତ ହୁଏ ତାହା ଆମ ବାୟୁମଣ୍ଡଳକୁ ଦୂଷିତ କରିଥାଏ। ସେହି ବାୟୁକୁ ଆମେ ନିଶ୍ୱାସ ପ୍ରଶ୍ୱାସ ଆକାରରେ ଗ୍ରହଣ କରିଥାଉ ଯାହା ଆମ ଶ୍ୱାସ ନଳୀ ରନ୍ଧ୍ର ଉପରେ ପ୍ରଭାବ ପକାଇଥାଏ। ବେଳେବେଳେ ବାରୁଦ ଆମ ହାତରେ ଲାଗିଯାଇ ହାତ ଜଳିଯାଏ ଖଣ୍ଡିଆ ଖାବଡା ହୁଏ। ଆଖିରେ ପଡ଼ିଗଲେ ଆଖି ନଷ୍ଟ ହୋଇଯାଏ। ଆହୁରି ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଲା ବିଜୁଳି ହେଉଛି ଆମ ରାଷ୍ଟ୍ରୀୟ ସମ୍ପଦ, ତାକୁ କେବେ ନଷ୍ଟ କରିବା ନାହିଁ। ଆବଶ୍ୟକ ଅନୁଯାୟୀ ତାହା ବ୍ୟବହାର କରିବା ନଚେତ ନୁହେଁ। ଆମେ ବିଜୁଳି ସଞ୍ଚୟ କରି ରଖିଲେ ଆମ ଆଗାମୀ ପିଢ଼ୀଙ୍କ କାର୍ଯ୍ୟରେ ଲାଗିବ। ତେଣୁ, ଆମେ ସବୁବେଳେ ଏପରି ଅନୁଚିତ କାର୍ଯ୍ୟରୁ ଦୂରେଇ ରହିବା।

ଏଥର ମୁନା ଓ ତା' ସାଙ୍ଗ ଦୁହେଁ ବୁଝିପାରିଲେ। ନିଜେ ସଚେତନ ହେବା ସଙ୍ଗେ ସଙ୍ଗେ ସମାଜରେ ସମସ୍ତଙ୍କୁ ସଚେତନ କରାଇବା ପାଇଁ ପ୍ରତିଶ୍ରୁତି ଦେଲେ। ଆସନ୍ତାଥର ଦୀପାବଳିରେ ବାରୁଦ ବାଣ ବ୍ୟବହାର ନକରି ଦୀପ ଆଉ ମହମବତୀରେ ଆଲୋକର ପର୍ବ ଦୀପାବଳି ପାଳନ କରିବା ପାଇଁ ସ୍ଥିର କଲେ। ବଡ଼ବଡୁଆ ହେ ଅନ୍ଧାରେ ଆସି ଆଲୋକେ ଯାଅ ବୋଲି କାଉଁରିଆ ଜାଳି ସଂସ୍କୃତି ଓ ପରମ୍ପରା ବଜାୟ ରଖିବେ। ପରିବେଶ ସ୍ୱଚ୍ଛ ରଖିବା ସହ ସୁସ୍ଥ ରହିବା ନିହାତି ଆବଶ୍ୟକ ବୋଲି ବୁଝି ବୁଝାଇବେ ବୋଲି ଶପଥ ନେଇଥିଲେ। କିନ୍ତୁ ଗାଁକୁ ଆସିଥିବା ହାତୀପଲଙ୍କ ଦ୍ୱାରା ଚାଷବାସ ଓ ଘରଦ୍ୱାର ଉଜୁଡୁଥିବା ଦେଖି ରହିଯାଇଥିବା ବାଣ ମାରି ହାତୀଙ୍କୁ ଘଉଡ଼େଇ ଦେବାକୁ କେହି କେହି ବାଣ ମାରିଥିଲେ ତ ହାତୀପଲ ପଳେଇ ଯାଇଥିଲେ ସତ କିନ୍ତୁ ମୁନା ଓ ତା ସାଙ୍ଗମାନେ ଗ୍ରାମବାସୀମାନଙ୍କୁ ବୁଝେଇଥିଲେ କି ବାରୁଦ ପ୍ରୟୋଗରେ ଗାଁ ପରିବେଶ ଓ ହାତୀଙ୍କର ମଧ୍ୟ କ୍ଷତି ହୋଇପାରେ ତେଣୁ ଏଣିକି ହାତୀପଲ ଆସିଲେ ତାଙ୍କୁ ନିଆଁହୁଳା ଦେଖାଇ ଗାଁରୁ ତାଙ୍କ ବିସ୍ଥାପନ କରିବାକୁ ପଡିବ। ସମସ୍ତେ ଏ ପ୍ରସ୍ତାବରେ ରାଜି ହୋଇଥିଲେ ମଧ୍ୟ ହାତୀଙ୍କ ଉପଦ୍ରବରୁ ରକ୍ଷା ପାଇବା ପାଇଁ କିଛି ବାଣ ସରଂକ୍ଷଣ କରି ରଖିଥିଲେ।

+ସାକ୍ଷୀଗୋପାଳ, ପୁରୀ
ମୋ: ୯୦୪୦୯୭୭୩୨୭

## ଟିଲୁ ଠେକୁଆର ଜନମ ଦିନ

ନଗେନ୍ଦ୍ର ନାଥ ପଟ୍ଟନାୟକ





ଆଜି ଟିଲୁ ଠେକୁଆର ଜନମ ଦିନ । ସକାଳୁ ସକାଳୁ ଖୁସିରେ ଗୋଡ ତାର ତଳେ ଲାଗୁ ନଥାଏ । ମାମା ଠେକୁଆ ସବୁ ପ୍ରକାର ପ୍ରସ୍ତୁତି କରିଥିଲେ । ଟିଲୁର ମନମାଫିକ ହରକେ ପ୍ରକାର ଖାଇବା ଦରବ ବନେଇଥିଲେ । ଗାଜର ରାଇତା ମେଥି ଶାଗଭଜା, ଟମାଟର ସାଲାଡ୍ ,କନ୍ଦମୂଳ ହାଲୁଆ ,ଗାଜର ପଲାଉ ,ପାଳଙ୍ଗ ଆଉ ମଟରଛୁଇଁ ତରକାରି - ଏମିତି କେତେ କଣ ସୁଆଦିଆ ଦରବ । ଟିଲୁ ଠେକୁଆ ପାଖ ସହର ଯାଇ ତା ଆଖି ରୁଚିଲାଭଳି ଜନମ ଦିନର କେକ୍ କିଣିକି ନେଇ ଆଇଲା । ଯା ଆଗରୁ କୌତୁକିଆ ଟିଲୁ ଠେକୁଆ ତାର ସବୁ ସାଙ୍ଗମାନଙ୍କୁ ନମନ୍ତ୍ରଣ କରିଥିଲା ଜନମ ଦିନରେ ଯୋଗ ଦେବାପାଇଁ । ସେ ହରରଙ୍ଗୀ ବେଲୁନ ,ରଙ୍ଗବେରଙ୍ଗର ମହମବତି ସବୁକିଛି ପ୍ରସ୍ତୁତ କରି ସାରିଥିଲା । ସେ ଖାଲି ଜୁଳୁଜୁଳୁ ଆଖିରେ ଚାହିଁ ବସିଥିଲା ତାର ସବୁଠୁ ଭଲସାଙ୍ଗ ମିକୁ ଭାଲୁର ଆସିବା ବାଟକୁ । ଦୁହିଁଙ୍କ ମଧ୍ୟରେ ଗଢି ଉଠିଥିଲା ଗଭୀର ବନ୍ଧୁତ୍ୱ । ଦୁହେଁ ମିଳିମିଶି ଜନମ ଦିନର ବହୁତ ଗୁଡେ ଯୋଜନା ପ୍ରସ୍ତୁତ କରୁଥିଲେ । ଜନମ ଦିନରେ ସବୁ ସାଙ୍ଗମାନଙ୍କ ମେଳରେ ନୂଆ ନୂଆ ଖେଳ ଖେଳୁଥିଲେ । ମନ ଖୁସିରେ ନାଚି ଗାଇ ଦୁହେଁ ଖୁବ୍ ମଜାମସ୍ତିରେ ଜନମ ଦିନ ପାଳନ କରୁଥିଲେ । ଜିଫୁ ଜିରାଫ, ଡମରୁ ଗଧ , ଚକମ ମାଙ୍କଡ, ଗଜୁ ହାତୀ , ଚମ୍ପୁ ଗୁଣ୍ଡିଚିମୂଷା , ଡୁଡୋ ବିଲୁଆ, ଟିମ୍ ଟିମ୍ ଠେକୁଆ ହେରିକା ସବୁ ସାଙ୍ଗ ଆସିଥିଲେ ଟିଲୁ ଜନମ ଦିନକୁ । ଖାଇବା ଟେବୁଲ ଉପରେ କେକ୍ , ମହମବତି ଏବଂ ନାନା ରକମର ସୁଆଦିଆ ଟଫି ସଜିଳ ହୋଇ ଥୁଆ ହୋଇଥିଲା । ହରକେ ରଙ୍ଗର ବେଲୁନ ଖୁବ୍ ସୁନ୍ଦର ଭାବରେ ସଜାସଜି ହୋଇଥିଲା । ରଙ୍ଗ ବେରଙ୍ଗର ବେଲୁନ ଗୁଡିକୁ ହାତୀ ନିଜ ଶୁଣ୍ଢରେ ଫୁଲାଇ ଥିଲା । ଟିଲୁ ଠେକୁଆ ନୂଆ ପୋଷାକ ପିନ୍ଧି ଖୁବ୍ ଖୁସିବାସିରେ ଘୂରି ବୁଲୁଥିଲା । ଉପସ୍ଥିତ ସଭିଏଁ ଏକଜୁଟ ହୋଇ କେକ୍ ? କାଟିବା ସମୟକୁ ଚାହିଁ ବସି ବ୍ୟାକୁଳ ହୋଇ ଉଠୁଥିଲେ । କେତେବେଳୁ ଧୈର୍ଯ୍ୟର ସହିତ ଅନେଇ ବସିଥିଲେ । ହେଲେ ମଙ୍କୁ ଭାଲୁର ଏଯାଏ ଦେଖାନାଇଁ । କୁଆଡେ ଗଲା କେଜାଣି, କାହା ପାଖରେ ଖୋଜଖବର ନ ଥାଏ । ଅତି ବ୍ୟସ୍ତ ହେଇ ଟିଲୁ ଠେକୁଆ ଫୋନକଲା ମଙ୍କୁ ଭାଲୁକୁ । ଡେରିର କାରଣ ପଚାରିଲାରୁ ମଙ୍କୁର ମାଆ କହିଲା - ମଙ୍କୁ ତ ଡାକ୍ତର ହାତୀ ଦାଦାଙ୍କ ପାଖକୁ ଯାଇଚି । ସେଇଠୁ ସେ ଯାଇ ତୁମ ଜନମ ଦିନରେ ଯୋଗଦେବ । ମଙ୍କୁ ଦାନ୍ତ ଯନ୍ତ୍ରଣାରେ

ଖୁବ୍ ଛଟପଟ ହେଉଛି । ଏସବୁ କଥା ଜାଣିଲା ପରେ ଟିଲୁ ମୁହଁଟା ଟିକେ ଉଦାସ ଦିଶିଲା । ସେ ତାକୁ କେତେ ବୁଝାଇଥିଲା କମ୍ ମିଠା ଖାଇବାକୁ ,ହେଲେ ସେ ତ ହରଦମ୍ ମହୁ ଦେଖିଲେ ଚାଟିଚୁଟି ସଫା କରିଦିଏ । ବାପା ଭାଲୁ ସହର ଯାଇ ଯେଉଁ ଦାମିକା ଟଫି ସବୁ କିଣିକି ଆଣନ୍ତି ସେତକ ଦିନସାରା ଖାଉଥାଏ । ଏବେ ସେ ଭୋଗିବନି ତ ଆଉ କିଏ ତା ପାଇଁ ଭୋଗିବ ଯେ ...।

ସେତିକିବେଳକୁ ମଙ୍କୁ ଆସି ହାଜର । ଟିଲୁ ନସର ପସର ହେଇ ତା ପାଖକୁ ଛୁଟିଗଲା । ତାକୁ ପାଛୋଟି ଆଣି ଆଦର ସାଦର କଲା । ଜନମ ଦିନ ପାଟି ଧୂମ୍ ?ଧାମରେ ଆରମ୍ଭ ହେଲା । ପହିଲେ ସେ ମହମବତି ନିଭାଇଲା, ତା ପରେ କେକ୍ କାଟିବା ପରବ ଆରମ୍ଭ ହେଲା । ସାଙ୍ଗମାନେ ସଭିଏଁ ତାଳି ମାରିଲେ । ସଭିଏଁ ଖୁବ୍ ମଜାମସ୍ତିରେ କେକ୍ , ଟଫି, ସ୍ୱାଦିଷ୍ଟ ଖାଇବା ଦରବ ମନଭରି ପେଟେ ଲେଖାଁ ଗେଫି ପକାଇଲେ । ମଙ୍କୁ ଭାଲୁର ତ କେକ୍ ଆଉ ଟେଫି ଖୁବ୍ ମନ ପସନ୍ଦର । ହେଲେ ବିଚରା ସେ ସବୁରୁ କିଛି ବି ଖାଇ ପାରିଲା ନାଇଁ । ସାଙ୍ଗମାନେ ଟିଲୁ ଜନମ ଦିନରେ ଆଖି ଖୋସି ହେଲା ପରି ଖୁବ୍ ସୁନ୍ଦର ସୁନ୍ଦର ଉପହାର ଦେଇ ଯେ ଯାହା ବାଟଧରି ଘରମୁହାଁ ହେବାକୁ ଲାଗିଲେ । ଟିଲୁ ଠେକୁଆ କିଛିଟଫି ମଙ୍କୁ ହାତୀକୁ ଦେଇ କହିଲା -ଏତକ ଟଫି ପାଖରେ ରଖିଥିବୁ, ଦାନ୍ତ ଦରଜ ଟିକେ ଲାଘବ ହେଲେ ଖାଇନେବୁ । ମଙ୍କୁ ହାତୀକୁ ଜମା ଭଲ ଲାଗୁ ନଥିଲା । ସେ ତ ସାଙ୍ଗର ଜନମ ଦିନରେ ଭରପୂର ମଜା ଉଠେଇ ପାରିଲା ନାଇଁ । ସେ ମନ ସ୍ଥିରକଲା ଏଣିକି ଖୁବ୍ କମ୍ ଟଫି ଆଉ ମିଠା ଖାଇବ । ଦାନ୍ତ ଭାରିକ ଭଲ ଭାବରେ ପରିଷ୍କାର କରି ଘଷାଘଷି ଉପରେ ଧିଆନ ରଖିବ । ଯା ଭାବି ସେ ତା ବସାକୁ ବାହୁଡି ଆସିଲା ।

ଓସ୍କାର ସିଟି, ଲେନ ନଂ-୯,
ପ୍ଲଟ ନଂ-୪୫୬,
ଲକ୍ଷ୍ମୀସାଗର କେନାଲ ରୋଡ୍
,ଭୁବନେଶ୍ୱର
ମୋ-୯୪୩୮୩୩୨୧୩୮

## କବିତା
ତୁମ ପାଇଁ

### ଝରିଯାଉ ମିଠା ହସ

ପ୍ରଶାନ୍ତ କୁମାର ଦାଶ

ନାଲିଟୁକୁଟୁକୁ ନାଲିଆ ଓଠରୁ
ଝରିଯାଉ ମିଠାହସ
ଆଜିସିଏ ଛୋଟ ମାରନାହିଁ ଛାଟ
ବଢାଇବ ଦିନେ ଯଶ ।
ତା ହାତେ ଖେଳନା କଣ୍ଢେଇ ଧରାଅ
ପୋଛିଦିଅ ଆଖିଲୁହ
ସରଜିଛି ତାକୁ ବିଧାତା ଯତନେ
କିସୁନ୍ଦର ତାର ମୁହଁ ।
କରିଲେସେ ଅଳି ଦିଅନାହିଁ ଗାଳି
କୋଳେ ଧର ତାକୁ ଟେକି
ଦିଅ ମିଠାକୋଳି ଡାଳରେ ଝୁଲାଇ
ଖେଳାଇ ଦିଅରେ ଦୋଳି ?
ଶିଶୁ ଥିଲେ ଘରେ ସୁଧାଧାରା ଝରେ
ହସର କୁସୁମ ଫୁଟେ
ନାହିଁ ଯଦି ଘରେ ସବୁ ସୁଖସରେ
ହରଷ ପରଶ ତୁଟେ ।
କାଖେଇ କୋଳେଇ ଜହ୍ନକୁ ଦେଖାଇ
ତାକୁ କରିଦିଅ ଗେଲ
ସେତ ରଖିଦେବ ଦେଶ ଜାତି ଟେକ
କରି ନୂଆ କାମ ଭଲ ।
ନାଲି ଟୁକୁ ଟୁକୁ ସାଧବବୋହୁଟି
ପରି ଦିଶେ ଛୋଟ ଶିଶୁ
ଆଦର ଯତନ ଶରଧା ପାଇଲେ
ହେବସେ କହ୍ନେଇ ଯୀଶୁ ।

କୁଞ୍ଜର ସଙ୍ଗଳାଇ
ପିପିଲି -ପୁରୀ
ମୋ: ୯୬୬୮୮୨୨୧୯୦

### ଲୁଚିଛପି ଆସେ ଶୀତ

ଧ୍ରୁବ ଚରଣ ଘିବେଲା

ବାଘପରିକା ଲୁଚିଛପିକି
ଡରକି ଆସେ ଶୀତ
ଖାଲି ଆଖିକୁ ଦିଶେନି ଜମା
ଛୁଇଁ ଦିଏ ଅଳପ ।

ଦୂର ପାହାଡ଼ ବଣ ପର୍ବତ
ନଈ ନାଳକୁ ଡେଇଁ
କେତେ ଯେ ଗାଆଁ ସହର ଦେଇ
ସେ ଶୀତ ଆସିଥାଇ ।

ଶୀତ ଆସିଲେ ପାହାଡ଼ ତଳେ
ଆଗ କୁହୁଡ଼ି ଜମେ
ରାତି କୁହୁଡ଼ି ଆସଇ ମାଡ଼ି
ସହର ଗ୍ରାମେ ଗ୍ରାମେ ।

ଗାଆଁ ସହର ମୁହଁ ଦିଶେନି
ଶୀତ ସକାଳେ କେବେ
କୁହୁଡ଼ି ଘେର ଘନ ଅନ୍ଧାର
ସୃଷ୍ଟି କରେ ଯେବେ ।

ଖରା ପଡ଼ିଲେ ସେ ଅପସରେ
ରହେନାହିଁ କୁହୁଡ଼ି
କଅଁଳ ଖରା ଛୁଇଁଲେ ଧରା
ଶୀତ ବି ଯାଏ ଛାଡ଼ି ।

ବାଘ ଯେମିତି ଲୁଚିଛପିକି
ଶିକାର କରିଥାଏ
ଶୀତ ସେମିତି ପଛରୁ ଆସି
ଜାବୁଡ଼ି ଧରିଥାଏ ।

ଶୀତ ଆସିଲେ ସବାର ହୁଏ
ଆଉ ଓହ୍ଲାଏ ନାଇଁ
ତମାମ ଶୀତ ଋତୁଟା ଯାକ
ରହେ ସବାର ହୋଇ ।

କୁନି ଝିଅ କି ପୁଅ ପରିକା
କାନ୍ଧେଇ ହୋଇ ରହେ
ଶୀତକାଳରେ ଶୀତ ସେମିତି
ଦେହେ ଜଡ଼େଇ ରହେ ।

ବଉଦରାଜ, ଜି. ବୌଦ୍ଧ
ମୋ.୯୪୩୭୪୭୮୪୬୬

### ଓଡ଼ିଆ ଘରର ବଢିଆ ପିଠା

ଝରଣା ବାରିକ

ଆରିସା କାକରା ଚକୁଳି ଖାଇ
ପଲକ ଆମର ମାରୁଛି ହାଇ,
ଚିତାଉ, ଏଣ୍ଡୁରି ଛୁଞ୍ଚି ପତର
ପିଠା ଯାକରେ ସେ ଅଟଇ ସାର।

ପୋଡପିଠା ମଣ୍ଡା ପଲାଉ ଜାଉ
ସୁଆଦ ତାହାର କେକହେ ଆଉ,
ବୁଢ଼ା ଚକୁଳିର ସୁଆଦ ଚାଖି
ଆଇ କହୁଥାଏ ତରାଟି ଆଖି
ଶିଳ ଶିଳପୁଆ ନାହିଁ ତ ଘରେ
ଘିରି ଘିରି କରି ମିଶିନ୍ ଘୂରେ
ହେମଦସ୍ତା ଚକି ସପନ ହେଲା
ପରମ୍ପରା ଆମ ଚୁଲିକି ଗଲା।

ବରଗର ମୋମୋ ଦୋସା ପିଜାରେ
ଶସ୍ତାରେ ମିଳଇ ଆମ ବଜାରେ
ତାକୁ ଖାଇ ପିଲେ ମାରନ୍ତି ମଜା
ଚଉକି ରେ ବସି କୁହନ୍ତି ଅଜା।

ଓଡ଼ିଆ ଘରର ବଢିଆ ପିଠା
ଖାଇଲେ ଲାଗଇ ବହୁତ ମିଠା
ବାଟି କୁଟି ପିଠା କରି ପାରିଲେ
ନ ରୁଷି ଖାଇବେ ଖୁସିରେ ପିଲେ।

+ସମଲ, ତାଳଚେର, ଅନୁଗୁଳ
ମୋ: ୯୫୫୬୮୪୬୯୩୨

### ଆଗେ ଟିକେ ଗେଲ କରିଦିଅ

ଶରତ କୁମାର ଦାସ

କହିବାକୁ ଦିଅ ଗପଟିଏ
କହୁଥିବି ବସି ରାତି ସାରା ,
ମୋ' ଗପ ଶୁଣିକି ନିଦ ତ ଆସିବ
ଶୋଇଯିବେ ଯେତେ ଟିକି ତାରା ।

ଗାଇବାକୁ ଦିଅ ଗୀତଟିଏ
ଗାଉଥିବି ମନ ଖୁସି କରି,
ମୋ' ଗୀତ ସୁରର ମଧୁର ମହକ
ତମ ଓଠେ ଦେବ ହସ ଭରି ।

ହାତେ ଦିଅ ମୋର ତୂଳୀଟିଏ
ଆଙ୍କୁଥିବି ଛବି ରଙ୍ଗ ମାଖି,
ମୋ' ଛବି ଦେଖିକି ରହିବ ଘଡିଏ
ଆଖି ଟି ତମର ଯିବ ଲାଖି ।

ଖେଳିବାକୁ ଦିଅ ବାଲି ମୁଠେ
ଖେଳୁଥିବି ଗଢି ବାଲିଘର,
ଏଇଟା ମୋହର ଖେଳିବା ବୟସ
ମାଟି କାଦୁଅକୁ ନାହିଁ ଡର ।

ଲେଖିବାକୁ ଦିଅ ଖଡିଟିଏ
ଲେଖୁଥିବି ଏକ ଦୁଇ ତିନି,
ଅ...ଆ..ଯେତେ ଅକ୍ଷର ଲେଖିବି
ଲେଖି ତମ ମନନେବି କିଣି ।

ପଢିବାକୁ ଦିଅ ବହିଟିଏ
ବହି ଖୋଲି ପଢୁଥିବି ପାଠ,
ପାଠ ଦି'ଅକ୍ଷର ପଢିଲେ ଜାଣିବି
ଦୁନିଆର ଯେତେ ଭଲ ବାଟ ।

ମୋ' ହସରେ ତମେ ହସୁଥିବ
ହସି ହସି ଆଗେ ଯାଉଥିବ,
ସବୁରି ମନରେ ଭରିଲେ ପୁଲକ
ଭଲ ଫଳ ସିନା ପାଉଥିବ ।

ମୁଁ ପରା କଅଁଳ ଶିଶୁଟିଏ
ସେନେହେ ଆଦରେ କାଖେ ନିଅ,
କୋଳେଇ କାଖେଇ ଶରଧାରେ ମୋତେ
ଆଗେ ଟିକେ ଗେଲ କରିଦିଅ ।

+ରାଜନୀତି ବିଜ୍ଞାନ ବିଭାଗ
ବଡବିଲ ମହାବିଦ୍ୟାଳୟ, ବଡବିଲ
ଜିଲ୍ଲା-କେନ୍ଦୁଝର

### ଆଗେଇ ଯିବା କାମେ...

ରାମଚନ୍ଦ୍ର ବେହେରା

ମନ ଲଗାଇ ପଢିବା ପାଠ
କରିବା ନାହିଁ ହେଳା
ଭଲ ପଢିଲେ ଗାଆଁରେ ହେବା
ଭଲ ଚାଟରେ ଗଣା।

ପାଠ ପଢିଲେ ମିଳିବ ଜ୍ଞାନ
ମିଳିବ ସାରା ସୁଖ
ଆଜି ପାଠକୁ ଆଜି ପଢିଲେ
ରହିବ ନାହିଁ ଦୁଃଖ।

ପିତା ମାତାଂର ସେବା କରିବା
ଭାବି ଜୀବନ ଧର୍ମ
ତାଂକ ଆଶିଷ ବଳରେ ହେବ
ଜୀବନ ଆମ ଧନ୍ୟ।

ଖେଳିବା ବେଳେ ଖେଳିବା ଖେଳ
କରିବା ନାହିଁ କଳି
ଏକ ମନରେ ଖେଳିଲେ ଖେଳ
ବିଜୟୀ ହେବା ପୁଣି।

ମାନବ ସେବା ମାଧବ ସେବା
ମନେ ସାଇତି ଦେବା
ପଶୁ ପକ୍ଷୀଂକୁ ନିଜର ଭାବି
ତାଂକ ଯତନ ନେବା।

ଫୁଲଟେ ପରି ହେବା କୋମଳ
କହିବା ମିଠା କଥା
ନିଜ ସ୍ୱାର୍ଥରେ କାହା ପରାଣେ
ଦେବାନି କେବେ ବ୍ୟଥା।

ଗୁରୁଂକ କୁହା ନୀତି ନିୟମ
ରଖିବା ସଦା ମନେ
ଭଲ ଓ ମନ୍ଦ ନିଜେ ପରଖି
ଆଗେଇ ଯିବା କାମେ।

ତେନ୍ତୁଳିପଦା,ଜଗତସିଂହପୁର
ମୋ-୭୩୫୫୬୩୪୩୪୬ ?



# ସର୍ଦ୍ଦାରବଲ୍ଲଭ ଭାଇ ପଟେଲଙ୍କ ଜୟନ୍ତୀ ପାଳିତ




ବେତନଟୀ, ୦୧/୧୧ (ନି.ପ୍ର): ବେତନଟୀର କଙ୍କାକାଳିଆ ଛକରେ ଥିବା ଦମୟନ୍ତୀ ବିବାହ ମଣ୍ଡପ ପରିସରରେ ଶିବାଜୀ କ୍ଲବ ତରଫରୁ ଲୌହ ମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଛି । ବରିଷ୍ଠ ଆଇନଜୀବୀ କୃଷ୍ଣଚନ୍ଦ୍ର ମହାନ୍ତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଜୟନ୍ତୀ ପାଳନ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ବିଶିଷ୍ଟ କବି ପର୍ଶୁରାମ ସାହୁ ଯୋଗଦାନ କରି ଉଦଘାଟନ କରିଥିଲେ । ଏହି ଜୟନ୍ତୀ ପାଳନ ଉତ୍ସବରେ ମୁଖ୍ୟ ଅତିଥି କବି ପର୍ଶୁରାମ ସାହୁ, କ୍ଲବର ଉପସଭାପତି ସର୍ବେଶ୍ୱର ମହାନ୍ତ, କୋଷାଧକ୍ଷ ଉପେନ୍ଦ୍ରନାଥ ମହାନ୍ତ, ଶିକ୍ଷକ ଗଙ୍ଗାଧର ମହାନ୍ତ, ସାମ୍ବାଦିକ କମଳଲୋଚନ କର, ସଦସ୍ୟ କରୁଣାକର ମହାନ୍ତ ଓ ଦାମୋଦର ମହାନ୍ତ ପ୍ରମୁଖ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ବିଷୟରେ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । ଶେଷରେ ସମ୍ପାଦକ ଗତିକୃଷ୍ଣ ମହାନ୍ତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ବିପଦସଂକୁଳ ଅବସ୍ଥାରେ ମାଲକାନଗିରି ଜିଲ୍ଲାର ଶତାଧିକ ବିଦ୍ୟାଳୟ ଗୃହ

ମାଲକାନଗିରି, ୦୧/୧୧ (ନି.ପ୍ର): ମାଲକାନଗିରି ଜିଲ୍ଲା ସଦର ମହକୁମା ସମେତ ଜିଲ୍ଲାର ସାତୋଟି ବ୍ଲକରେ ଭୁଶୁଡି ପଡିଛି ଶିକ୍ଷା ବ୍ୟବସ୍ଥା । କେଉଁଠି ବିଦ୍ୟାଳୟ ଅଛି ତ ଛାତ୍ରଛାତ୍ରୀ ନାହାନ୍ତି ତ ଆଉ କେଉଁଠି ଭଙ୍ଗା ଦଦରା କୋଠାରେ ପାଠ ପଢୁଛନ୍ତି ଛାତ୍ରଛାତ୍ରୀ । ଅଧିକାଂଶ ସ୍କୁଲରେ ପ୍ରଥମରୁ ପଞ୍ଚମ ଯାଏଁ ଥିବା ବେଳେ ମାତ୍ର ରହିଛନ୍ତି ଜଣେ ମାତ୍ର ଶିକ୍ଷକ। ବିପଦସଂକୁଳ ଅବସ୍ଥାରେ ପାଠ ପଢୁଛନ୍ତି ଛାତ୍ରଛାତ୍ରୀ । ଜିଲ୍ଲା ଶିକ୍ଷାଧିକାରୀ କହିଛନ୍ତି ଏହା ଉପରେ ଅନୁଧ୍ୟାନ କରାଯାଇଛି ଓ ସରକାରଙ୍କୁ ଅବଗତ କରାଯାଇଛି । ଖୁବଶୀଘ୍ର ସମାଧାନ କରାଯିବ । ସଦର ମହକୁମାର ଭେଟେନାରୀ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷୟତ୍ରୀ ଅଛନ୍ତି କିନ୍ତୁ ନାହାନ୍ତି ଛାତ୍ରଛାତ୍ରୀ । କାରଣ ହେଲା ସ୍କୁଲ ଗୃହଗୁଡିକ ବିପଦ ସଂକୁଳ ଅବସ୍ଥାରେ ଥିବା ଯୋଗୁଁ ଜଣେ ପରେ ଜଣେ ଛାତ୍ରଛାତ୍ରୀ ଟିସି ନେଇ ଅନ୍ୟ ସ୍କୁଲକୁ ଚାଲିଯାଉଛନ୍ତି । ଗୋଟିଏ ଗୃହରେ ଅଫିସ କାର୍ଯ୍ୟ, ରୋଷେଇ କାର୍ଯ୍ୟ, ଗୋଦାମ ଗୃହ ସହ ଚାଲିଥିବା ପାଠ ପଢା । ସେହିପରି ଆଉ ଏକ ସ୍କୁଲ ହେଉଛି ରିକ୍ଲାମେସନ ପ୍ରାଥମିକ ବିଦ୍ୟାଳୟ । ଏଠି ନା ଅଛି ପାଚେରୀ ନା ଭିତ୍ତି ଭୂମୀ । ଖୋଲାମେଲା ଅବସ୍ଥାରେ ଛାତ୍ରଛାତ୍ରୀ ଭଙ୍ଗା ଦଦରା ଘରେ ପଢିଆସୁଛନ୍ତି ପାଠ । ଏଠି ମଧ୍ୟ ସେହି ଅବସ୍ଥା । ଜଣେ ମାତ୍ର ଶିକ୍ଷୟତ୍ରୀ ପଢାଉଛନ୍ତି ପ୍ରଥମରୁ ପଞ୍ଚମ ପର୍ଯ୍ୟନ୍ତ ପାଠ ।ପୁଣି ଆଶୀର୍ବାଦ କଲୋନିର ପ୍ରାଥମିକ ବିଦ୍ୟାଳୟର କଥା ନକହିବା ଭଲ । ଏଠି ମଧ୍ୟ ଜଣେ ଶିକ୍ଷୟତ୍ରୀ ଥିବା ବେଳେ ଭିତ୍ତିଭୂମି ନଥିବାରୁ ଗୋଟିଏ ଶ୍ରେଣୀ ଗୃହରେ ପଢା ଚାଲିଛି ପାଠ । ଆଉ ବର୍ଷା ଦିନ ଆସିଲେ ଅଧିକାଂଶ ସମୟରେ ସ୍କୁଲ ହୋଇଯାଏ ଛୁଟି । କାରଣ ଛାତରୁ ଗଳୁଛି ପାଣି । ଆଉ ସଦର ମହକୁମା ମୁଖ୍ୟ ସ୍ଥାନରେ ରହିଛି ବେଙ୍ଗଲୀ ପ୍ରାଥମିକ ବିଦ୍ୟାଳୟ ।ଏଠି ମଧ୍ୟ ଅନ୍ୟ ସ୍କୁଲ ପରି ରହିଛି ସମଦଶା, ଯାହାକୁ ନେଇ ବିପଦ ସଂକୁଳ ଅବସ୍ଥାରେ ଉପାୟ ନପାଇ ପାଠ ପଢୁଛନ୍ତି କୁନି କୁନି ଛାତ୍ରଛାତ୍ରୀ । ରିପୋର୍ଟ ଅନୁଯାୟୀ ଜିଲ୍ଲାର ମାଲକାନଗିରି ବ୍ଲକରେ ୬ଟି ବିଦ୍ୟାଳୟ ଗୃହ ଶୋଚନୀୟ ହୋଇପଡିଥିବା ବେଳେ ମାଥିଲି ବ୍ଲକରେ ୮ଟି ବିଦ୍ୟାଳୟ,ଖଇରପୁଟ ବ୍ଲକରେ ୬ଟି ବିଦ୍ୟାଳୟ, କୋରକୋଣ୍ଡା ବ୍ଲକରେ ୭ଟି ବିଦ୍ୟାଳୟ,କାଲିମେଲା ବ୍ଲକରେ ୭ଟି ବିଦ୍ୟାଳୟ, ଚିତ୍ରକୋଣ୍ଡା ବ୍ଲକରେ ୭ଟି ବିଦ୍ୟାଳୟ ଏବଂ ପଡ଼ିଆ ବ୍ଲକରେ ୮ଟି ବିଦ୍ୟାଳୟ ଏବେ ବିପଦସଂକୁଳ ଅବସ୍ଥାରେ ପଡି ରହିଛି ବୋଲି ବିଭାଗ କହୁଛି ।କିନ୍ତୁ ଜିଲ୍ଲାରେ ଶତାଧିକ ଏଭଳି ବିଦ୍ୟାଳୟ ଗୃହଗୁଡିକ ରହିଛି ଯାହା ସଂପୂର୍ଣ୍ଣ ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି । କୌଣସି ମୁହୂର୍ତ୍ତରେ କିଛି ବି ଘଟିବାର ଆଶଂକାକୁ ଏଡାଇ ଦିଆଯାଇନପାରେ । ଏନେଇ ଆମେ ଜିଲ୍ଲା ଶିକ୍ଷାଧିକାରୀ ବିଶ୍ୱନାଥ ସାହୁଙ୍କୁ ଏ ସଂପର୍କରେ ପଚାରିବାରୁ ସେ ଉତ୍ତରରେ ଆମେ ଉପରିସ୍ଥ ଅଧିକାରୀଙ୍କୁ ଜଣାଇ ଦେଇଛୁ । ଧୀରେଧୀରେ ସମସ୍ତ ସମାଧାନ ପାଇଁ ପ୍ରୟାସ କରାଯିବ ବୋଲି କହିଛନ୍ତି । ଜିଲ୍ଲା ସଦର ମହକୁମାରେ ଶିକ୍ଷା ବ୍ୟବସ୍ଥାର ଏଭଳି ଚିତ୍ର ଯଦି । ତେବେ ଉପାନ୍ତ ଅଂଚଳରେ କିଭଳି ଚାଲିଥିବା ପାଠ ପଢା ସହଜରେ ଅନୁମେୟ ।

# ବଳରାମପୁର ନିଚୁନକୁଣ୍ଡ ପୋଖରୀରୁ ଏକ ମୃତ ଦେହ ଉଦ୍ଧାର

ଲଙ୍ଗଳେଶ୍ୱର,୩୧/୧୦ (ନିପ୍ର) ବାଲେଶ୍ୱର ଜିଲ୍ଲା ବାଲିଆପାଳ ଥାନ ଅଧୀନସ୍ଥ ବଳରାମପୁର ପଞ୍ଚାୟତର ଓଡ଼ିଶା ଆଦର୍ଶ ବିଦ୍ୟାଳୟର ପଛ ପଟରେ ଥିବା ନିଚୁନକୁଣ୍ଡ ପୋଖରିରୁ ବୁଧବାର ସନ୍ଧ୍ୟାରେ ବାଲିଆପାଳ ପୋଲିସ ଏକ ମୃତ ଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର କୁ ପଠାଇଛି । ମୃତ ଯୁବକ ଜଣକ ହେଲେ ବଳରାମପୁର ପଞ୍ଚାୟତ ଅନ୍ତର୍ଗତ କାଳନ୍ଧା ଗ୍ରାମ ଧାନ ମାରାଣ୍ଡିର ପୁଅ ରେଣ୍ଟା ମାରାଣ୍ଡି (୩୫) । ରେଣ୍ଟା ମଙ୍ଗଳବର ସନ୍ଧ୍ୟା ରେ ବାଳିଚାତ୍ରା ଗ୍ରମରେ ହେଉଥିବା ରାବଣ ପୋଡ଼ି ଦେଖିବକୁ ଯାଇ ଘରକୁ ଫେରିନଥିଲେ ମାତ୍ର ଅଜି ସନ୍ଧ୍ୟା ରେ ପୋଖରୀ ରେ ଭାସୁଥିବାର ଦେଖି ଗାଁ ଲୋକେ ପୋଲିସ କୁ ଖବର ଦେଇଥିଲେ । ଘଟଣାର ଖବର ପାଇ ବାଲିଆପାଳ ଥାନା ଆଇ ଆଇ ସି ବ୍ରହ୍ମାନନ୍ଦ ସ୍ୱାଇଁ ଘଟଣା ସ୍ଥଳରେ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଛନ୍ତି । ଏ ବାବଦରେ ବାଲିଆପାଳ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି ।

# ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ପକ୍ଷରୁ ନଭେମ୍ବର ମାସ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରର କାର୍ଯ୍ୟସୂଚୀ ପ୍ରକାଶ

ବାରିପଦା, ୦୧/୧୧ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ଅନୁକୁଲ୍ୟରେ, ଜିଲ୍ଲାପାଳ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ତତ୍ତ୍ୱାବଧାନରେ ଅକ୍ଟୋବର ମାସରେ ଅନୁଷ୍ଠିତ ହେବାକୁ ଥିବା ମିଳିତ ଜନ ଶୁଣାଣି ଶିବିର ପାଇଁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଦ୍ୱାରା ନିର୍ଦ୍ଧାରିତ ହୋଇଥିବା କାର୍ଯ୍ୟସୂଚୀ ପ୍ରକାଶ ପାଇଛି । ଅକ୍ଟୋବର ମାସର ପ୍ରଥମ ସୋମବାର ୪ ତାରିଖ ସଦର ମହକୁମା ଉପଖଣ୍ଡ ବାରିପଦାର ୧୦ଟି ବ୍ଲକର ଜନସାଧାରଣଙ୍କ ପାଇଁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଉପରୋକ୍ତ ଶିବିର ଅନୁଷ୍ଠିତ ହେବ । ସେହିପରି ଅକ୍ଟୋବର ମାସ ଦ୍ୱିତୀୟ ସୋମବାର ୧୧ ତାରିଖ ବାମନଘାଟି ଉପଖଣ୍ଡର ୭ଟି ବ୍ଲକର ଜନସାଧାରଣଙ୍କ ପାଇଁ ବାମନଘାଟି ଉପଜିଲ୍ଲାପାଳଙ୍କ ରାଇରଙ୍ଗପୁର କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ସେହିପରି, ତୃତୀୟ ସୋମବାର ଅର୍ଥାତ ୧୮ ତାରିଖ ପଞ୍ଚପିଢ଼ ଉପଖଣ୍ଡର ୫ଟି ବ୍ଲକର ଜନସାଧାରଣଙ୍କ ପାଇଁ କରଞ୍ଜିଆ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ମାସର ଚତୁର୍ଥ ସୋମବାର ୨୫ ତାରିଖ କପ୍ତିପଦା ଉପଖଣ୍ଡର ୪ଟି ବ୍ଲକର ଜନସାଧାରଣଙ୍କ ପାଇଁ ଉଦଳା ସ୍ଥିତ ଉପଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜନ ଶୁଣାଣି ଶିବିର ଅନୁଷ୍ଠିତ ହେବ। ବାରିପଦା ଠାରେ ଅନୁଷ୍ଠିତ ହେବାକୁ ଥିବା ଜନ ଅଭିଯୋଗ ଶୁଣାଣି ଶିବିରରେ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ଓ ଲାଇନ ବିଭାଗ ଅଧିକାରୀ ଏବଂ ବାରିପଦା ଉପଖଣ୍ଡ ଅନ୍ତର୍ଗତ ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ତହସିଲଦାର ମାନଙ୍କ ଉପସ୍ଥିତିରେ ଏବଂ ଜିଲ୍ଲାର ଅନ୍ୟ ଉପଖଣ୍ଡ ମାନଙ୍କରେ ଅନୁଷ୍ଠିତ ହେବାକୁ ଥିବା ଉପଖଣ୍ଡ ସ୍ତରୀୟ ଜନ ଶୁଣାଣି ଶିବିର ରେ ସମ୍ପୃକ୍ତ ଉପଖଣ୍ଡର ଉପଖଣ୍ଡ ସ୍ତରୀୟ ଅଧିକାରୀଙ୍କ ସମେତ ସମ୍ପୃକ୍ତ ଉପଖଣ୍ଡ ଅନ୍ତର୍ଗତ ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର ଓ ଲାଇନ ବିଭାଗ ଅଧିକାରୀ ମାନଙ୍କ ଉପସ୍ଥିତିରେ ସାଧାରଣ ଜନତାଙ୍କ ଆପତ୍ତି ଅଭିଯୋଗ ପତ୍ର ଗୁଡିକର ଶୁଣାଣି କରି ସମାଧାନ ନିମନ୍ତେ ଆବଶ୍ୟକୀୟ ପଦକ୍ଷେପ ନିଆଯିବ ।

ଉକ୍ତ ଧାର୍ଯ୍ୟ ତାରିଖ ଓ ସ୍ଥାନରେ ଅନୁଷ୍ଠିତ ହେବାକୁ ଥିବା ଜନ ଅଭିଯୋଗ ଶୁଣାଣି ଶିବିର କାର୍ଯ୍ୟକ୍ରମରେ ସମ୍ପୃକ୍ତ ଉପଖଣ୍ଡ ଅଂଚଳର ଜନସାଧାରଣ ନିଜର ବ୍ୟକ୍ତିଗତ ଓ ସାମୁହିକ ସମସ୍ୟା ସମ୍ପର୍କିତ ଅଭିଯୋଗ ଉପସ୍ଥିତ ରହି ଜଣାଇ ପାରିବେ ବୋଲି ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶ୍ରୀ ଅବିନାଶ ପାଣି ଜଣାଇଛନ୍ତି ।

# ଟେମରୁପାଲ୍ଲୀ ପଞ୍ଚାୟତରେ ସିସି ରାସ୍ତା କାମରେ ଦୁର୍ନୀତିର ଗନ୍ଧ

ମାଲକାନଗିରି, ୦୧/୧୧ (ନି.ପ୍ର): ମାଥିଲି ବ୍ଲକର ଟେମରୁପାଲ୍ଲୀ ପଞ୍ଚାୟତରେ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟରେ ଦୁର୍ନୀତିର ଗନ୍ଧ ବାରି ହେଉଛି । ଏହି ପଞ୍ଚାୟତ ଅନ୍ତର୍ଗତ ପେଦାଗୁଡା ଗ୍ରାମରେ ହୋଇଥିବା ସିସି ରାସ୍ତାରେ ଟଂକା ଖର୍ଚ୍ଚ କରାଯାଇଛି ସିନା ତାହା ଅତି ନିମ୍ନମାନର ବୋଲି ସ୍ଥାନୀୟ ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଗତ ପାଞ୍ଚ ଛଅ ମାସ ତଳେ ନିର୍ମାଣ ହୋଇଥିବା ଏହି ସିସି ରାସ୍ତାରୁ ଏବେ ସିମେଣ୍ଟ ଏବଂ ଚିପସ୍ ଉଠିବାକୁ ଲାଗିଲାଣି ।ଗୋଟିଏ ବର୍ଷାରେ ଏହି ରାସ୍ତା ସଂପୂର୍ଣ୍ଣ କଦର୍ଯ୍ୟ ହୋଇଯାଇଛି ।ଯାହାକୁ ନେଇ ଗ୍ରାମବାସୀ ଅସଂତୋଷ ପ୍ରକାଶ କରିଛନ୍ତି । ଏହି ପଞ୍ଚାୟତର ପିଇଓଙ୍କ ସହ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ କୌଣସି ପ୍ରତିକ୍ରିୟା ଦେଇନାହାନ୍ତି । ତେବେ ଟେମରୁପାଲୀ ଦୁର୍ଗମ ଅଂଚଳରେ ରହିବା ସହ ନକ୍ସଲ ପ୍ରବଣ ଭାବେ ବେଶ ପରିଚିତ ଥିଲା ।ଏବେ କିନ୍ତୁ ପରିସ୍ଥିତି ସୁଧୁରିଥିବା ବେଳେ ମଧ୍ୟ ଦୁର୍ନୀତି ସୁଧୁରି ନାହିଁ । କେବଳ ସିସି ରାସ୍ତା ନୁହେଁ,ଏହି ପଞ୍ଚାୟତରେ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟରେ ମଧ୍ୟ ଦୁର୍ନୀତିର ଗନ୍ଧ ବାରି ହୋଇପଡୁଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି । ବ୍ଲକ ପ୍ରଶାସନ ଏଦିଗରେ ତଦନ୍ତ କରି ବିହିତ କାର୍ଯ୍ୟାନୁଷ୍ଠାନ ନେବାକୁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି । ଜଣେ ଜଣେ ପିଇଓ ଦୁଇ ଦୁଇଟି ପଞ୍ଚାୟତକୁ ହାତରେ ରଖିଥିବାରୁ ଗୋଟିଏ ବି ପଞ୍ଚାୟତକୁ ଠିକ ରୂପେ ଦେଖିପାରୁନଥିବା ଅଭିଯୋଗ ହୋଇଛି ।ପୁଣି ଦୀର୍ଘ ଦିନ ଧରି ପିଇଓ ଏବଂ ଜିଆରଏସ କାର୍ଯ୍ୟାଳୟରେ ଅନୁପସ୍ଥିତ ରହୁଥିବାରୁ ସ୍ଥାନୀୟ ଲୋକେ ନିଜର ଅତ୍ୟାବଶକୀୟ କାମ ପାଇଁ ଆସି ଫେରୁଥିବା ମଧ୍ୟ ଅଭିଯୋଗ କରିଛନ୍ତି । ପିଇଓ ଫୋନ ଉଠାଉନଥିବାରୁ କୌଣସି କାମ ଠିକ ଭାବେ ହୋଇପାରୁନଥିବା ସ୍ଥାନୀୟ ଲୋକେ କହିଛନ୍ତି । ତେଣୁ ବ୍ଲକ ପ୍ରଶାସନ ଏଦିଗରେ ପିଇଓମାନଙ୍କୁ ତାଗଦ କରିବା ସହ କେବଳ ଗୋଟିଏ ଗୋଟିଏ ପଞ୍ଚାୟତ ଦେବାକୁ ଦାବି କରିଛନ୍ତି ।

# ସିଦ୍ଧେଶ୍ୱରୀ ଧର୍ମ ସଂସଦର ବାର୍ଷିକ ଉତ୍ସବ

ସମ୍ବଲପୁର, ୦୧/୧୧ (ନି.ପ୍ର): ସମ୍ବଲପୁର ସିଦ୍ଧେଶ୍ୱରୀ ଧର୍ମ ସଂସଦ, ସମ୍ବଲପୁରର ୪୯ତମ ବାର୍ଷିକ ଉତ୍ସବ ଆଜି ଅନୁଷ୍ଠିତ ହୋଇଛି । ଗୋପୀନାଥ ଷଡ଼ଙ୍ଗୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ କବି ଜୟକୃଷ୍ଣ ବେହେରା ମୁଖ୍ୟ ଅତିଥି, ଧର୍ମ ପ୍ରାଣ ଶିବ ନାରାୟଣ ପାଣିଗ୍ରାହୀ ମୁଖ୍ୟବକ୍ତା ଏବଂ ଦିବ୍ୟ ଜୀବନ ସଂଘର ଉପସଭାପତି ଶଙ୍କର୍ଷଣ ଆଚାର୍ଯ୍ୟ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ । ଏହି ଅବସରରେ ଶକ୍ତି ତତ୍ତ୍ୱ ସମ୍ପର୍କରେ ଆଲୋଚନା ହୋଇଥିଲା । ସମ୍ପାଦକୀୟ ବିବରଣୀ ପାଠ କରି ସମ୍ପାଦକ ସୁଶାନ୍ତ କୁମାର ପଣ୍ଡା ଗତ ୪୯ ବର୍ଷ ଧରି ଚାଲି ଆସିଥିବା ସିଦ୍ଧେଶ୍ୱରୀ ଧର୍ମ ସଂସଦର ଜୟଯାତ୍ରା ସମ୍ପର୍କରେ ଆଲୋଚନା କରିଥିଲେ । ଗାଳ୍ପିକ ତଥା ଔପନାସିକ ଜନ୍ମେଜୟ ବାବୁ ମଧ୍ୟ ଆଲୋଚନାରେ ଭାଗ ନେଇଥିଲେ । ଏହି ଅବସରରେ କବିତା ପାଠୋତ୍ସବ ଆୟୋଜିତ ହୋଇଥିଲା । ଅମୀୟ ପାଣି ଧନ୍ୟବାଦ ଅର୍ପଣ କରିବା ପରେ ଶାନ୍ତି ପାଠ ସହ କାର୍ଯ୍ୟକ୍ରମ ସମାପ୍ତ ହୋଇଥିଲା ।

# ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ଶ୍ରାଦ୍ଧ ବାର୍ଷିକୀ ଅନୁଷ୍ଠିତ



ବାଲେଶ୍ୱର, ୦୧/୧୧ (ନି.ପ୍ର): ବାଲେଶ୍ୱର ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟ ଠାରେ ଭାରତର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଙ୍କ ଶ୍ରାଦ୍ଧ ବାର୍ଷିକ ଅନୁଷ୍ଠିତ ହୋଇଯାଇଛି । ଏହି ଶ୍ରାଦ୍ଧ ବାର୍ଷିକୀ ବାଲେଶ୍ୱର ଜିଲ୍ଲା କଂଗ୍ରେସ ପୂର୍ବତନ ଗଣମାଧ୍ୟମ ଓ ଯୋଗାଯାଗ ବିଭାଗ ଜିଲ୍ଲା ଅଧ୍ୟକ୍ଷ ତଥା ପିସିସି ସଭ୍ୟ ବିକାଶ କୁମାର ଦାସ ଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି ।ପିସିସି ପୂର୍ବତନ ସାଧାରଣ ସମ୍ପାଦିକା ଅର୍ଚ୍ଚନା ନନ୍ଦୀ,ପୂର୍ବତନ ଜିଲ୍ଲା ମହିଳା କଂଗ୍ରେସ ସଭାପତି ବାସନ୍ତୀ ନାୟକ,ପ୍ରତିମା ପଣ୍ଡା,କହ୍ନେଇ ବେହେରା,ସୁରେଶ ଜେନା,ପୂର୍ବତନ ଜିଲ୍ଲା ପ୍ରଚାର କମିଟି ଅଧ୍ୟକ୍ଷ ତୁଷାର କାନ୍ତି ତପସ୍ୱୀ,ପୂର୍ବତନ ଜିଲ୍ଲା ସାଧାରଣ ସମ୍ପାଦକ ଦେବଦତ୍ତ ଦାସ,ରାଜୀବ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଦେଇଥିଲେ ।

# ମତଦାନ ସଚେତନତା ପାଇଁ ଉଦଳାରେ ‘ପଥ ଉତ୍ସବ’

ଉଦଳା , ୦୧/୧୧ (ନି.ପ୍ର): ସମଗ୍ର ପୃଥିବୀରେ ଭାରତ ସର୍ବ ବୃହତମ ଗଣତନ୍ତ୍ରର ରାଷ୍ଟ୍ର ଭାବରେ ନିଜର ପରିଚୟ ସୃଷ୍ଟି କରିବା ସହିତ ଅନ୍ୟ ଦେଶ ମାନଙ୍କ ପାଇଁ ଉଦାହରଣ ପାଲଟିଛି । ତେବେ ଦେଶରେ ଗଣତନ୍ତ୍ରକୁ ବଂଚାଇ ରଖିବାକୁ ହେଲେ ଭୋଟ ଦାନ ଅପରିହାର୍ଯ୍ୟ । ଏ ସମ୍ପର୍କରେ ସାଧାରଣ ଲୋକଙ୍କୁ ସଚେତନ କରାଇବା ଉଦେଶ୍ୟରେ ବିଭିନ୍ନ ମହାବିଦ୍ୟାଳୟର ଛାତ୍ର ଛାତ୍ରୀଙ୍କୁ ନେଇ ଉଦଳା ଠାରେ ପାରମ୍ପାରିକ ଦଳଗତ ନୃତ୍ୟ, ଚିତ୍ରାଙ୍କନ, ରଙ୍ଗୋଲି ଆଦି ପ୍ରତିଯୋଗିତା ସହ ଶୋଭାଯାତ୍ରା ଓ ମତଦାନ ସମ୍ବନ୍ଧୀୟ ନାଟକ ପରିବେଶିତ ହୋଇ ଯାଇଛି । ପ୍ରଭାତରେ ଉପଜିଲ୍ଲାପାଳ ସୁଶାନ୍ତ କୁମାର ବାରିକ ପତାକା ଦେଖାଇ ଶୋଭାଯାତ୍ରାକୁ ଉଦ୍‌ଘାଟନ କରିବା ପରେ ମହାବିଦ୍ୟାଳୟ ମାନଙ୍କରୁ ଆସିଥିବା ଜାତୀୟ ସେବା ଯୋଜନା, ଜାତୀୟ ସମର ଶିକ୍ଷାର୍ଥି ବାହିନୀ, ସ୍କାଉଟ ଏଣ୍ଡ ଗାଇଡ୍, ରେଡ୍‌କ୍ରସର ଛାତ୍ର ଛାତ୍ରୀ ମାନେ ହାତରେ ପ୍ରଚାର ପତ୍ର ଧରି ଭୋଟଦାନ ସମ୍ପର୍କିତ ସ୍ଲୋଗାନ ମାନ ଦେଇ ଶୋଭାଯାତ୍ରାରେ ଉଦଳା ବଜାର ପରିକ୍ରମା କରି ଶେଷରେ ଉଦଳା ମହାବିଦ୍ୟାଳୟରେ ପହଂଚିଥିଲେ । ଏହି କାର୍ଯ୍ୟକ୍ରମରେ ସମନ୍ୱିତ ଆଦିବାସି ଉନ୍ନୟ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ନରେନ୍ଦ୍ର ଖମାରି, ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ସାର୍ଥକ ରାୟ, ଉଦଳା ଗୋଷୀ ଉନ୍ନୟନ ଅଧିକାରୀ ତୃପ୍ତି ବରାଇ, ଉଦଳା ତହସିଲଦାର ସୁପ୍ରଭା ଦାସ, କପ୍ତିପଦା ତହସିଲଦାର ନନ୍ଦିତା କୁଜୁର, ବିଜ୍ଞାପିତ ଅଂଚଳ ପରିଷଦର ନିର୍ବାହୀ ଅଧିକାରୀ ହେମନ୍ତ ସିଂ, ସହକାରୀ ଜିଲ୍ଲାପାଳ ସୁବ୍ରତ ଘୋଷ, ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଲିପି ପୁଷ୍ପା



ଦାସ ପ୍ରମୁଖ ଯୋଗ ଦେଇ ଗଣତନ୍ତ୍ର ଶାସନକୁ କିପରି ସମସ୍ତେ ଭଲାପାଇବା ସହିତ ପୃଥିବୀରୁ ଧିରେ ଧିରେ ଏକଛତ୍ରବାଦ ଶାସନ ବିଦାୟ ନେଉଛି ବିସ୍ତୃତ ବର୍ଣ୍ଣନା କରିଥିଲେ । ଗଣତନ୍ତ୍ର ଶାସନକୁ ବଂଚାଇରଖିବାକୁ ହେଲେ ଭୋଟ ଦାନର ଆବଶ୍ୟକତା କିପରି ଜରୁରି ଅଟେ ସେ ବିଷୟରେ ଅବଗତ କରାଇଥିଲେ । ଏହାପରେ ପୁରସ୍କାର ବିତରଣ ପର୍ବ ଆରମ୍ଭ ହୋଇଥିଲା । ଶେଷରେ ନାଟକ ପରିବେଷିତ ହେବା ସହିତ କାର୍ଯ୍ୟକ୍ରମର ଯବନିକା ପଡ଼ିଥିଲା । ପ୍ରଶାସନିକ ଅଧିକାରୀ ଓ ପୋଲିସ କର୍ମଚାରୀ ମିଳିମିଶି ଯେପରି ଗଣତନ୍ତ୍ର ଶାସନକୁ ମଜଭୁତ କରିବା ପାଇଁ ତତ୍ପର ହୋଇ ଉଠିଥିଲେ, ଏହା ଆମ ପୋଡ଼ଶି ଦେଶ ପାକିସ୍ଥାନ, ଚୀନ, ମିଆଁମାର, ନେପାଳ, ଭୁଟାନ, ବାଂଲାଦେଶ ପ୍ରଭୃତି ଦେଶରେ ଆଦୌ ଦେଖିବାକୁ ମିଳେ ନାହିଁ ବୋଲି ସାଧାରଣରେ ଚର୍ଚ୍ଚା ହେଉଥିବାର ଶୁଣିବାକୁ ମିଳିଥିଲା । ଯେଉଁଥିପାଇଁ ଆମେ ନିଜକୁ ଭାରତାସୀ ବୋଲି କହି ଗର୍ବ ଅନୁଭବ କରୁ ବୋଲି ବହୁ ଲୋକ ବ୍ୟକ୍ତ କରିଥିବାର ଶୁଣାଯାଇଥିଲା ।

# ରାଉରକେଲା ଇସ୍ପାତ କାରଖାନାରେ ରାଷ୍ଟ୍ରୀୟ ଏକତା ଦିବସ ଉପଲକ୍ଷେ ସଂକଳ୍ପ ଗ୍ରହଣ ଉତ୍ସବ ଆୟୋଜିତ



ରାଉରକେଲା, ୦୧/୧୧ (ନି.ପ୍ର): ରାଉରକେଲା ଇସ୍ପାତ କାରଖାନା ଅବଶିଷ୍ଟ ଦେଶବାସୀଙ୍କ ସହ ରାଷ୍ଟ୍ରୀୟ ଏକତା ଦିବସ ପାଳନରେ ସାମିଲ ହୋଇଥିଲା । ଏହି ଅବସରରେ କାରଖାନାର ବିଭିନ୍ନ ବିଭାଗରେ ରାଷ୍ଟ୍ରୀୟ ଏକତା ଦିବସର ଶପଥ ଗ୍ରହଣ ଉତ୍ସବମାନ ଅନୁଷ୍ଠିତ ହୋଇଥିଲା ।

ଆରଏସପିର ଭାରପ୍ରାପ୍ତ ନିର୍ଦ୍ଦେଶକ ଶ୍ରୀ ଅତନୁ ଭୌମିକଙ୍କ ନେତୃତ୍ୱରେ ଡିଆଇସିଙ୍କ ସଚିବାଳୟ ସ୍ଥିତ ‘ମନ୍ଥନ’ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ଶପଥ ଗ୍ରହଣ ସମାରୋହରେ ଅନେକ ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀ ଓଡିଆ, ହିନ୍ଦୀ ଏବଂ ଇଂରାଜୀରେ ରାଷ୍ଟ୍ରୀୟ ଏକତା ଦିବସର ଶପଥ ଗ୍ରହଣ କରିଥିଲେ ।

ଉକ୍ତ ଦିନ କାରଖାନାର ମାନବ ସମ୍ବଳ ଓ ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ତରୁଣ ମିଶ୍ର, ଖଣି ଓ କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ଆଲୋକ ବର୍ମା, ବିତ୍ତ ଓ ଲେଖା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ଏ କେ ବେହୁରିଆ, ଚିକିତ୍ସା ଓ ସ୍ୱାସ୍ଥ୍ୟ ସେବା ବିଭାଗରର ସିଏମଓ ଇନ ଚାର୍ଜ ଡାକ୍ତର ଜୟନ୍ତ କୁମାର ଆଚାର ?ୟ, ସାମଗ୍ରୀ ପରିଚାଳନା ବିଭାଗର ସିଜିଏମ ଇନ ଚାର୍ଜ ଶ୍ରୀ ଅନିଲ କୁମାର ନିଜ ନିଜ କାର୍ଯ୍ୟାଳୟରେ ଅନୁଷ୍ଠିତ ଶପଥ ଗ୍ରହଣ ଉତ୍ସବରେ ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କ ସହିତ ରାଷ୍ଟ୍ରୀୟ ଏକତା ଦିବସ ଶପଥ ଗ୍ରହଣ କରିଥିଲେ । ଏତଦ୍ ବ୍ୟତିତ କାରଖାନାର ବିଭିନ୍ନ କାର୍ଯ୍ୟାଳୟରେ ଆୟୋଜିତ ଅନୁରୂପ କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ କର୍ମଚାରୀ ଶପଥ ଗ୍ରହଣ କରିଥିଲେ ।

# ଦାନଗଦୀରେ ଅଭାବନୀୟ ଘଟଣା: ମାଟି ଅତଡ଼ା ଖସି ଝିଅ ମୃତ, ବାପା ଗୁରୁତର

ଦାନଗଦୀ, ୦୧/୧୧ (ନି.ପ୍ର): ରେଙ୍ଗାଲି କେନାଲ ମାଟି ଅତଡ଼ା ଖସି ଝିଅ ମୃତ ଓ ବାପା ଗୁରୁତର । କଳିଙ୍ଗ ନଗର ଥାନା ଅନ୍ତର୍ଗତ ନଡିଆଭଙ୍ଗା ପଞ୍ଚାୟତର ବାମ ପାର୍ଶ୍ୱ ରେଙ୍ଗାଲି କେନାଲର କାର୍ଯ୍ୟ ଚାଲୁଥିବା ବେଳେ ଆଜି ସକାଳ ସମୟରେ ଅତର୍କିତ ମାଟି ଅତଡ଼ା ଖସି ବାପା ଓ ଝିଅ ପୋତି ହୋଇଯାଇଥିଲେ । ସ୍ଥାନୀୟ ଲୋକଙ୍କ ଠାରୁ ଖବରପାଇଁ ସଙ୍ଗେ ସଙ୍ଗେ ଦମକଳ ବାହିନୀ ଓ ସ୍ଥାନୀୟ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ପ୍ରଥମେ ବାପାଙ୍କୁ ଉଦ୍ଧାର କରି ସୁକିନ୍ଦା ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଥିବା ବେଳେ ଝିଅ ବର୍ତ୍ତମାନ ମାଟି ଅତଡ଼ା ଭିତରୁ ବାହାରିଲା ପରେ ମୃତ୍ୟୁ ହୋଇଯାଇଛି । ସକାଳୁ ଶୌଚ ହେବା ପାଇଁ ବାପା ଓ ଝିଅ ଯାଉଥିବା ବେଳେ ହଠାତ ମାଟି ଅତଡ଼ା ଖସିଥିଲା । ବାପାଙ୍କୁ ଉଦ୍ଧାର କରାଯାଇ ସୁକିନ୍ଦା ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଯାଇଥିବା ବେଳେ ଝିଅ ମାଟି ଅତଡ଼ା ଭିତରୁ ବାହାରିଲା ପରେ ତାର ମୃତ୍ୟୁ ହୋଇଯାଇଛି । ବାପ ଝିଅ ଦୁଇ ଜଣ ହେଲେ ନଡ଼ିଆ ଭଙ୍ଗା ପଞ୍ଚାୟତର ବାଉଁଶନଳୀ ଗ୍ରାମର ଈଶ୍ୱର ମୁଣ୍ଡା ଓ ତାଙ୍କ ଝିଅ ଗୀତା ମୁଣ୍ଡା (୮) । ସୂଚନା ଅନୁଯାୟୀ, ସକାଳୁ ଶୌଚ ହେବା ପାଇଁ ବାପା ଓ ଝିଅ ଯାଉଥିବା ବେଳେ ହଠାତ ମାଟି ଅତଡ଼ା ଖସି ଯାଇଥିଲା । ରେଙ୍ଗାଲି କେନାଲ କାମ କରୁଥିବା ରାଇଟ ଟ୍ରାଙ୍ଗେଲ କମ୍ପାନିର ମନମୁଖୀ କାର୍ଯ୍ୟ ପାଇଁ ଗାଁକୁ ଲାଗିଥିବା ରାସ୍ତା ଖୋଳା ଯାଇଥିଲା, ଯାହା ଫଳରେ ଅକାଳରେ ଜଣେ ଶିଶୁର ଜୀବନ ଚାଲିଯାଇଛି ।

# ଭାରତବର୍ଷର ପ୍ରଥମ କେନ୍ଦ୍ରୀୟ ଶ୍ରମିକ ସଂଗଠନ ଏଆଇଟିୟୁସିର ୧୦୫ତମ ପ୍ରତିଷ୍ଠା ଦିବସ ପାଳିତ

ବାଲେଶ୍ୱର, ୦୧/୧୧ (ନି.ପ୍ର): ଭାରତବର୍ଷର ପ୍ରଥମ କେନ୍ଦ୍ରୀୟ ଶ୍ରମିକ ସଂଗଠନ ଅଲ୍ ଇଣ୍ଡିଆ ଟ୍ରେଡ୍ ୟୁନିୟନ୍ କଂଗ୍ରେସ୍ (ଏଆଇଟିୟୁସି)ର ୧୦୫ତମ ପ୍ରତିଷ୍ଠା ଦିବସ ବାଲେଶ୍ୱର ଜିଲ୍ଲା କମିଟି ପକ୍ଷରୁ ପାଳିତ ହୋଇଯାଇଛି । ରାଜ୍ୟ କମିଟିର ବରିଷ୍ଠ ଉପସଭାପତି ଗୌରାଙ୍ଗ ପାଣିଗ୍ରାହୀ ଲାଲ୍ ପତାକା ଉତ୍ତୋଳନ କରିଥିଲେ ଓ ସଭାରେ ଅଧ୍ୟକ୍ଷତା କରିଥିଲେ । ପରାଧିନ ଭାରତବର୍ଷରେ ଗତ ୧୯୨୦ ମସିହା ଆଜିର ଦିନରେ ଏଆଇଟିୟୁସି ପ୍ରତିଷ୍ଠାପରେ ନିଜ ପେଟପାଟଣାର ଦାବିସହ ସ୍ୱାଧୀନତା ଆନ୍ଦୋଳନରେ ଶ୍ରମିକ ଶ୍ରେଣୀର ଗୌରବମୟ ସଂଗ୍ରାମର ଇତିହାସ ସଂପର୍କରେ ସୂଚନା ଦେଇ ଶ୍ରୀ ପାଣିଗ୍ରାହୀ ଉପସ୍ଥିତମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ । ଦୀର୍ଘବର୍ଷ ପୂର୍ବରୁ ଶ୍ରମିକମାନେ ହାସଲ କରିଥିବା ୪୪ଟି ଶ୍ରମ



ଆଇନ୍‌କୁ ବର୍ତ୍ତମାନର କେନ୍ଦ୍ର ସରକାର କର୍ପୋରେଟ୍ ହାଉସ୍‌ର ପୁଞ୍ଜିପତି ମାଲିକମାନଙ୍କ ସପକ୍ଷରେ ସଂଶୋଧନ କରୁଥିବାରୁ ବହୁ ବକ୍ତା ସଭାରେ ଉଦ୍‌ବେଗ ପ୍ରକାଶ କରି ଐକ୍ୟବଦ୍ଧ ଆନ୍ଦୋଳନ ପାଇଁ ଆହ୍ୱାନ ଦେଇଥିଲେ । ଏଆଇଟିୟୁସିର ଜିଲ୍ଲା ସଂପାଦକ ଶ୍ୟାମସୁନ୍ଦର ଜେନା, ଆଇନ ପରାମର୍ଶଦାତା ନିରଞ୍ଜନ ପରିଡ଼ା, ସହସଂପାଦକ ଶରତ ଚନ୍ଦ୍ର ଦଳାଇ, ବିଦ୍ୟୁତ୍ କର୍ମଚାରୀଙ୍କ ନେତା ଭରତ ଚନ୍ଦ୍ର ସେଠୀ, ନାରୀନେତ୍ରୀ ବନ୍ଦନା ବିଶ୍ୱାସ, ଶଶଧର ପରିଡ଼ା, ପଦ୍ମଲୋଚନ ଦତ୍ତ ଓ ଆଲୋକ ଦାସ ପ୍ରମୁଖ ସେମାନଙ୍କ ବକ୍ତବ୍ୟରେ ଶ୍ରମିକମାନଙ୍କୁ ଜାତି, ଧର୍ମ ଓ ଆଞ୍ଚଳିକତା ଭିତ୍ତିରେ ବିଭେଦଗ୍ରସ୍ତ କରିବାକୁ ହେଉଥିବା ଉଦ୍ୟମ ପ୍ରତି ସତର୍କ ରହିବାକୁ ସୂଚନା ଦେଇଥିଲେ । ଏହି ସଭାରେ ଏଆଇଟିୟୁସିର ସର୍ବମାନ୍ୟ କେନ୍ଦ୍ରୀୟ ନେତା ତଥା ପୂର୍ବତନ ସାଂସଦ ସ୍ୱର୍ଗତ ଗୁରୁଦାସ ଦାସଗୁପ୍ତାଙ୍କ ସ୍ମୃତି ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ପ୍ରଦାନ କରାଯାଇଥିଲା । ଶେଷରେ ଜିଲ୍ଲା କମିଟିର କୋଷାଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ପାତ୍ର ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

## ଓଡ଼ିଶା ପ୍ରଶାସନିକ ସେବାରେ ବାଲିଆପାଳର ଗୌରଗୋପାଳ



ଲଙ୍ଗଳେଶ୍ୱର , ୦୧/୧୧ (ନି.ପ୍ର): ସଦ୍ୟ ପ୍ରକାଶିତ ଓଡ଼ିଶା ପ୍ରଶାସନିକ ସେବା (ଓସିଏସ) ୨୦୨୨ ପରୀକ୍ଷା ରେ ବାଲିଆପାଳ ବ୍ଲକ ଅନ୍ତର୍ଗତ ନୂଆଗାଁ ପଞ୍ଚାୟତର ନୂଆଗାଁ ଗ୍ରାମର ଗୌରଗୋପାଳ ବେହେରା ୩୧୮ ରେଙ୍କ ରଖି ସୌଭାଗ୍ୟ ଅର୍ଜନ କରିଛନ୍ତି।ସେ ବାଲିଆପାଳ ଅଞ୍ଚଳର ବିଶିଷ୍ଟ ଶିକ୍ଷାବିତ ସ୍ୱର୍ଗତ ନିତ୍ୟାନନ୍ଦ ବେହେରା ଓ ଶ୍ରୀମତୀ ସରସ୍ୱତୀ ବେହେରା ଙ୍କ ପୁତୁରା ତଥା ନୂଆଗାଁର ପୂର୍ବତନ ସରପଞ୍ଚ ଗୋବିନ୍ଦ ବେହେରା ଓ ମାତା ହିରାମଣି ବେହେରା ଙ୍କ ସାନ ପୁଅ ଗୌରଗୋପାଳ। ଏହି କୃତକାର୍ଯ୍ୟ ପାଇଁ ସେ ଭଗବାନ ଗୁରୁଜନଙ୍କ ଆର୍ଶୀବାଦରୁ ପାଇଛନ୍ତି ବୋଲି କହିଛନ୍ତି।

# ମୟୂରଭଞ୍ଜ ଜିଲ୍ଲା ସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳିତ



ବାରିପଦା, ୦୧/୧୧ (ନି.ପ୍ର): ସମଗ୍ର ରାଜ୍ୟରେ ଦୁର୍ନୀତି ନିବାରଣ ସପ୍ତାହ ଅକ୍ଟୋବର ୨୮ ତାରିଖରେ ଆରମ୍ଭ ହୋଇଥିବା ବେଳେ ମୟୂରଭଞ୍ଜ ଜିଲ୍ଲା ସ୍ତରୀୟ ଦୁର୍ନୀତି ନିବାରଣ ସପ୍ତାହ ଶୁକ୍ରବାର ଦିନ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ପାଳିତ ହୋଇଯାଇଛି । ଏହି ଆୟୋଜିତ ସାଧାରଣ ସଭାରେ ଜିଲ୍ଲାପରିଷଦ ଅଧକ୍ଷା ଶ୍ରୀମତୀ ଭାରତୀ ହାଁସଦା, ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ବାରିପଦା ପୌରପାଳିକା, ନଗରପାଳ ଶ୍ରୀ କୃଷ୍ଣାନନ୍ଦ ମହାନ୍ତି ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ। ନିର୍ଦ୍ଧରିତ କାର୍ଯ୍ୟସୂଚୀ ଅନୁସାରେ, ଏହି ସାଧାରଣ ସଭା ପୂର୍ବରୁ ଛାତ୍ର ଛାତ୍ରୀ ଏବଂ ସ୍ୱୟଂ ସହାୟକ ମହିଳା ଗୋଷ୍ଠୀଙ୍କୁ ନେଇ ଏକ ଜନସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରୁ ଅମ୍ବିକା ମନ୍ଦିର ପର୍ଯ୍ୟନ୍ତ ହୋଇଥିବା ଏହି ରାଲିରେ ୨୦୦ରୁ ଉର୍ଦ୍ଧ୍ୱ ଛାତ୍ର ଛାତ୍ରୀ ଏବଂ ସ୍ୱୟଂ ସହାୟକ ମହିଳା ସଦସ୍ୟ ଅଂଶ ଗ୍ରହଣ କରି ଦୁର୍ନୀତି ବିରୋଧୀ ସଚେତନତା ସ୍ଲୋଗାନ ଦେଇ ଶୋଭାଯାତ୍ରା କରିଥିଲେ। ଆୟୋଜିତ ସଭାରେ ଜିଲ୍ଲାପାଳ ଶ୍ରୀ ହେମକାନ୍ତ ସୟ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଶ୍ରୀ ବରୁଣ ଗୁଣ୍ଟୁପଲ୍ଲୀ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ବିଭୁତି ଭୂଷଣ ନାୟକ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ (ବାରିପଦା ଭିଜିଲାନ୍ସ ୟୁନିଟ) ଶ୍ରୀ ହରେକୃଷ୍ଣ ମାଝୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଏହି ପାଳନୀୟ କାର୍ଯ୍ୟକ୍ରମରୁ ସାଫଲ୍ୟ ମଣ୍ଡିତ କରିଥିଲେ। କାର୍ଯ୍ୟକ୍ରମରେ, ଜିଲ୍ଲାପରିଷଦ ଅଧକ୍ଷା ଶ୍ରୀମତୀ ହାଁସଦା, ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ ଉଦବୋଧନ ଦେଇଥିବା ବେଳେ ନଗରପାଳ ଶ୍ରୀ ମହାନ୍ତି ଦୁର୍ନୀତିକୁ କିପରି ତୃଣମୂଳ ସ୍ତରରେ ରୋକା ଯାଇପାରିବ, ସେ ବିଷୟରେ ଆଲୋକପାତ କରିଥିଲେ। ଜିଲ୍ଲା ପ୍ରଶାସନର ଦୁର୍ନୀତି ନିବାରଣ ବିଭାଗ ପକ୍ଷରୁ ଓ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଉପ-ବିଭାଗ ସଂଯୋଜନାରେ ସ୍କୁଲ ଏବଂ କଲେଜ ସ୍ତରରେ ବିଭିନ୍ନ ପ୍ରତିଯୋଗିତା ମାନ ଆୟୋଜନ ହୋଇଥିଲା ସେଥିରେ କୃତକାର୍ଯ୍ୟ ଲାଭ କରିଥିବା ଛାତ୍ର ଛାତ୍ରୀଙ୍କୁ ଆଜିର ଏହି ସାଧରଣ ସଭାରେ ପୁରସ୍କୃତ କରାଯାଇଥିଲା ଏହି ସଭାକୁ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀ ଅବିନାଶ ପାଣି ସଂଚାଳନ କରିଥିବା ବେଳେ ଭିଜିଲାନ୍ସ ନିରୀକ୍ଷକ ଶ୍ରୀ ବିକାଶ ସ୍ୱାଇଁ ଧନ୍ୟବାଦ୍ କରିଥିଲେ। ଆଜିର ଏହି କାର୍ଯ୍ୟକ୍ରମରେ ବାରିପଦା ଭିଜିଲାନ୍ସ ୟୁନିଟର ଲଳିତ ରାଉତ , ବ୍ରଜ ପଟ୍ଟନାୟକ, ପ୍ରଶାନ୍ତ ଦଣ୍ଡପାଟ, ଜୟନ୍ତ ପୃଷ୍ଟିଙ୍କ ସମେତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ କର୍ମଚାରୀଗଣ ଏବଂ ଗଣମାଧମ ପ୍ରତିନିଧି ମାନେ ଉପସ୍ଥିତ ଥିଲେ। ସୂଚନା ଥାଉକି, ଚଳିତ ବର୍ଷ ଅକ୍ଟୋବର ୨୮ ତାରିଖ ଠାରୁ ନଭେମ୍ବର ୩ ତାରିଖ ପର୍ଯ୍ୟନ୍ତ ସମଗ୍ର ଦେଶରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ କରାଯାଉଛି । ଏହି ଅବସରରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଭିଡ଼ିଓ କନଫେରେନ୍ସ ମାଧମରେ ରାଜ୍ୟବାସୀଙ୍କୁ ଦୁର୍ନୀତି ନିବାରଣ ଶପଥ ପାଠ କରାଇଥିଲେ । ସତ୍ୟନିଷ୍ଠ ସଂସ୍କୃତି ହିଁ ରାଷ୍ଟ୍ର ସମୃଦ୍ଧିର ଭିତ୍ତିଭୂମି " ପ୍ରସଙ୍ଗ ଆଧାରରେ ମୟୂରଭଞ୍ଜରେ ସମସ୍ତ ବିଭାଗୀୟ, ଉପବିଭାଗୀୟ, କାର୍ଯ୍ୟାଳୟ ମୁଖ୍ୟ, ସରକାରୀ ମୁଖ୍ୟ ଓ ମୁଖ୍ୟ କାର୍ଯ୍ୟାଳୟ, ଓ ଅନ୍ୟାନ୍ୟ ସଂସ୍ଥାମାନଙ୍କରେ କାର୍ଯ୍ୟାରତ ସମସ୍ତ ଅଧିକାରୀଙ୍କୁ ଓ ଗଣମାଧମର ପ୍ରତିନିଧି ମାନଙ୍କୁ ଜିଲ୍ଲାପାଳ ସାଧୁତାର ଶପଥ ପାଠ କରାଇଥିଲେ।

# ସାଂସଦ ପ୍ରତାପ ଷଡ଼ଙ୍ଗୀଙ୍କ ଅଚାନକ ନୀଳଗିରି ହସ୍ପିଟାଲ ପରିଦର୍ଶନ: ଅନିୟମିତତା ନେଇ ଖପ୍ପା ହେବା ସହ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ



ନୀଳଗିରି, ୦୧/୧୧ (ନି.ପ୍ର): ଶୁକ୍ରବାର ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଅଚାନକ ନୀଳଗିରି ହସ୍ପିଟାଲ ପରିଦର୍ଶନ କରିଛନ୍ତି। ପରିଦର୍ଶନ ସମୟରେ ଦୀର୍ଘଦିନ ହେବ ଛୁଟିରେ ଥିବା ହସ୍ପିଟାଲ ମ୍ୟାନେଜରଙ୍କ ଛୁଟିଦରଖାସ୍ତରେ ଅନିୟମିତତା ହୋଇଥିବା ପ୍ରମାଣ ପାଇବାସହ ଅନେକ କର୍ମଚାରୀ ବିନା ଦରଖାସ୍ତରେ ଅନୁପସ୍ଥିତ ଥିବାର ପ୍ରମାଣ ପାଇଥିଲେ। ସାଂସଦ ଷଡ଼ଙ୍ଗୀ ଉପସ୍ଥାପନା ଖାତା ତଦାରଖ କରି ଏଥିରେ ଅନିୟମିତତା ହୋଇଥିବା ଜାଣିବାକୁ ପାଇ, ଏହାର ଉଚ୍ଚସ୍ତରୀୟ ତଦନ୍ତପାଇଁ ଏସ.ଡି.ଏମ.ଓ ଏବଂ ସି.ଡି.ଏମ.ଓ ଙ୍କୁ ତୁରନ୍ତ ନିର୍ଦ୍ଦେଶ ଦେଇଥିଲେ । ମାନ୍ୟବର ସାଂସଦଙ୍କ ଉଦ୍ୟମରୁ ଦୀର୍ଘମାସ ହେବ ବନ୍ଦହୋଇ ଅପରେସନ ଗୃହ ଖୋଲିଥିଲେ ମଧ, ଏ ପର୍ଯ୍ୟନ୍ତ ଗୋଟାଏ ବି ଅପରେସନ ହୋଇ ନ ଥିବା ଜାଣିବାପରେ ସେ ଭୀଷଣ ବିରକ୍ତ ହେବାସହ ତୁରନ୍ତ ଅପରେସନ କିପରି ହେବ ଓ କେଉଁଦିନ ମାନଙ୍କରେ ହେବ ତାହାର ସୂଚନା ଫଳକ ବିଭିନ୍ନ ସ୍ଥାନରେ ଲଗାଇବାକୁ ନିର୍ଦ୍ଦେଶ ଦେଇଥିଲେ। ଡାକ୍ତର ମାନଙ୍କର ଉପସ୍ଥାନ ଖାତାଉପରେ ନଜର ପଡିଯିବାରୁ ସବୁ ଡାକ୍ତରମାନଙ୍କ ଉପସ୍ଥାନ ତଦାରଖ କରିବାରୁ ଅନେକ ଡାକ୍ତର ସଠିକ୍ ସମୟରେ ହସ୍ପିଟାଲ ଆସୁନଥିବା ଏବଂ କିଛି ଡାକ୍ତର ଅଭ୍ୟାସଗତ ଭାବେ ବିନା ଉପସ୍ଥିତିରେ ବର୍ଷବର୍ଷ ଧରି ଦରମା ନେଉଥିବା ଜାଣିବାକୁ ପାଇଥିଲେ।ଏତଦବ୍ୟତୀତ ଓଟି ପାଖରେ ଦୀର୍ଘଦିନ ହେବ ପାଇଖାନାରୁ ପାଣି ନିର୍ଗତ ହୋଇ ଅତ୍ୟନ୍ତ ଦୁର୍ଗନ୍ଧ ହେଉଥିବା କିଛି ରୋଗୀ ଓ ସେମାନଙ୍କ ସମ୍ପର୍କୀୟମାନେ ଅଭିଯୋଗ କରିବାରୁ ତୁରନ୍ତ ମାନ୍ୟବର ସାଂସଦ ଶ୍ରୀ ଷଡଙ୍ଗୀ ବିଭାଗୀୟ କର୍ତତୃପକ୍ଷଙ୍କୁ ଏହାର ମରାମତି ପାଇଁ କଡ଼ା ନିର୍ଦ୍ଦେଶ ଦେଇଥିଲେ। ଏତଦବ୍ୟତୀତ ସାଂସଦ ଶ୍ରୀ ଷଡ଼ଙ୍ଗୀ ବରହମପୁର ସିଏଚସିରେ ଆୟୁଷ ଓପିଡି ଅନେକ ଦିନହେବ ବନ୍ଦଥିବାରୁ, ରୋଗୀମାନେ ସଠିକ ଚିକିତ୍ସା ପାଇପାରୁ ନାହାଁନ୍ତି। ସେଠାରେ ଥିବା ଆୟୁଷ ଡାକ୍ତରଙ୍କୁ ଡେପୁଟେସନରେ ଅନ୍ୟତ୍ର ବଦଳି କରାଯାଇ ଓପିଡି ସମ୍ପୂର୍ଣ୍ଣ ରୂପେ ବନ୍ଦ କରାଯାଇଛି ବୋଲି ଜାଣିବା ପରେ, ମାନ୍ୟବର ସାଂସଦ ଗଭୀର ଦୁଃଖ ପ୍ରକାଶ କରିବା ସହ ମୁଖ୍ୟ ଚିକିତ୍ସାଅଧିକାରୀଙ୍କ ସହ କଥାହୋଇ,ଦିନେ ଦୁଇଦିନ ମଧ୍ୟରେ ଓପିଡି ଖୋଲିବାକୁ କଡ଼ା ନିର୍ଦ୍ଦେଶ ଦେଇଥିଲେ। ନୀଳଗିରି ଡାକ୍ତରଖାନା ଉପଖଣ୍ଡର ଏକ ପ୍ରମୁଖ ଚିକିତ୍ସାଳୟ ହୋଇଥିବାରୁ, ଏ ପର୍ଯ୍ୟନ୍ତ କର୍ମଚାରୀଙ୍କ ପାଇଁ ବାଇଓମେଟ୍ରିକର ବ୍ୟବସ୍ଥା ହୋଇ ପାରିନଥିବା ଜାଣିବାକୁ ପାଇଥିଲେ। ଏସଡିଏମଓଙ୍କୁ ସାଂସଦ ଏବିଷୟରେ ପଚାରିବାରୁ ସେ କୌଣସି ସନ୍ତୋଷ ଜନକ ଉତ୍ତର ଦେଇପାରିନଥିଲେ। ତେବେ ଏତେସବୁ ସମସ୍ୟା ପରେ ଆଗାମୀ ଦିନରେ କିପରି ଏହି ସୁବିଧା ଉପଲବ୍ଧ ହେବ ମାନ୍ୟବର ସାଂସଦ ଧ୍ୟାନ ଦେବେ ବୋଲିକହିଥିଲେ। ଏହା ବ୍ୟତୀତ ନୀଳଗିରି ଡାକ୍ତରଖାନାରେ ରୋଗୀ ମାନଙ୍କର ରେଜିଷ୍ଟ୍ରସନ କରୁଥିବା ଠିକା କର୍ମଚାରୀଙ୍କ ଦରମା ଦୀର୍ଘଦିନ ଧରି ପାଉନଥିବାରୁ ସାଂସଦଙ୍କୁ ସେମାନେ ଅବଗତ କରାଇଥିଲେ। ସାଂସଦ ଡି ପି ଏମ ବାଲେଶ୍ୱରଙ୍କୁ ଏହାର ତୁରନ୍ତ ସମାଧାନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ।ଆଜିର ସାଂସଦଙ୍କ ଗସ୍ତ ସମୟରେ ସାଂସଦଙ୍କ ସହିତ ତାଙ୍କର ବ୍ୟକ୍ତିଗତ ସହାୟକ ଚନ୍ଦ୍ରବିନ୍ଦୁ ଦାସ, ସାଂସଦ ଙ୍କ ନୀଳଗିରି ହସ୍ପିଟାଲ ପ୍ରତିନିଧି ପ୍ରକାଶ ମହାପାତ୍ର, ସୂର୍ଯ୍ୟକାନ୍ତ ବିଶ୍ୱାଳ, ଦେବାଶିଷ ଆଚାର୍ଯ୍ୟ, ବଳରାମ ବିଶ୍ୱାଳ, ପଙ୍କଜ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।




# ଜିଲ୍ଲାସ୍ତରୀୟ ଆନ୍ତର୍ଜାତୀୟ ବାଳିକା ଦିବସ ପାଳିତ



ଖୋର୍ଦ୍ଧା, ୦୧/୧୧ (ନି.ପ୍ର): ଖୋର୍ଦ୍ଧା ଜିଲ୍ଲା ସମଗ୍ର ଶିକ୍ଷା ଆନୁକୁଲ୍ୟରେ ସମଗ୍ର ଶିକ୍ଷା ଖୋର୍ଦ୍ଧା ର ସମ୍ମିଳନୀ କକ୍ଷ ରେ ଜିଲ୍ଲାସ୍ତରୀୟ ଆନ୍ତର୍ଜାତୀୟ ବାଳିକା ଦିବସ ଅଦ୍ୟ ତା ୩୦-୧୦-୨ ୪ରିଖ ବୁଧବାର ଦିନ ପାଳିତ ହୋଇଯାଇଛି। ଜିଲ୍ଲାର ୧୧ଟି ବ୍ଲକରେ ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତା ର କୃତୀ ଛାତ୍ରୀ ମାନେ ଏହି ଜିଲ୍ଲା ସ୍ତରୀୟ ଉତ୍ସବରେ ଅଂଶ ଗ୍ରହଣ କରିଥିଲେ। ଛାତ୍ରୀମାନଙ୍କୁ କାଉନସେଲିଂ ପାଇଁ ଆଇନା ଅନୁଷ୍ଠାନ, ଭୁବନେଶ୍ୱର ରୁ ଆଲିଶ କିଣ୍ଡୋ ଏବଂ ବ୍ରେକ୍ ଥ୍ରୋ ଅନୁଷ୍ଠାନର ଅଫସାନା ବେଗମ ଉପସ୍ଥିତ ରହି ଦିଗ୍ଦର୍ଶନ ଦେଇଥିଲେ। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଡ ଅମ୍ରିତା ପ୍ରିତିନନ୍ଦା ଯୋଗ ଦେଇ ସମସ୍ତ ପ୍ରତିଯୋଗୀଙ୍କୁ ପୁରସ୍କାର ସହିତ ମାନପତ୍ରପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ରୂପେ ଜିଲ୍ଲା ବାଳିକା ଶିକ୍ଷା ସଂଯୋଜିକା ଡ ପ୍ରଣିତା ସାବତ, ଖୋର୍ଦ୍ଧା ବ୍ଲକ ର ଶିକ୍ଷୟତ୍ରୀ ଡ ମମିତା ସାହୁ, ଶିକ୍ଷକ ଅଗାଧୁ ସେଠୀ ଓ ମୃତ୍ୟୁଞ୍ଜୟ ମହାପାତ୍ର କାର୍ଯକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ଦୀର୍ଘ ବର୍ଷ ପରେ ପୁଣି ଓଡ଼ିଶା...

ଏହା ଭିତରେ ସେମାନେ ମଧ ପରସ୍ପର ଭିତରେ ଏମଓୟୁ କରି କେନ୍ଦୁଝର ଜିଲ୍ଲାରେ ଷ୍ଟିଲ ପ୍ଲାଣ୍ଟ କରିବେ ବୋଲି ମେନସନ୍ କରିଛନ୍ତି ।ଏଥିସହ ନିଶ୍ଚିତ ଭାବେ ଏ ଷ୍ଟିଲ ପ୍ଲାଣ୍ଟ ହେବ ବୋଲି ଦୃଢ଼ୋକ୍ତି ବାଢିଛନ୍ତି ମୁଖ୍ୟମନ୍ତ୍ରୀ। ହେଲେ ଖଣିଖାଦାନ ଭରା କେନ୍ଦୁଝର ଜିଲ୍ଲାର ନିର୍ଦ୍ଦିଷ୍ଟ ଭାବେ କେଉଁଠି ହେବ ମେଗା ପ୍ଲାଣ୍ଟ। ବିଶେଷ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ଏଥିପାଇଁ ଦୁଇଟି ଯାଗା ଚିହ୍ନଟ ହୋଇଛି। ଗୋଟିଏ ହେଲା ପୂର୍ବରୁ ଷ୍ଟିଲ ପ୍ଲାଣ୍ଟ ପାଇଁ ଆର୍ସେଲର ମିତ୍ତଲକୁ ପାଟଣା ବ୍ଲକରେ ଦିଆଯାଇଥିବା ୧୯୫୬ ଏକରର ଜମି। ଏବଂ ଅନ୍ୟଟି ବାଂଶପାଳ ବ୍ଲକର ତରମାକାନ୍ତ ସ୍ଥିତ ଓଡ଼ିଶା ଟି ପ୍ଲାଣ୍ଟେସନ୍ ଲିମିଟେଡ୍ -ଓଟିପିଏଲର ଉଜୁଡ଼ିଯାଇଥିବା ଚା ବଗିଚାର ୨୫ ଶହ ଏକର ଜାଗା। ଚା ବଗିଚା ବନ୍ଦ ହେବା ପରେ ଏବେ ଏହି ଜମି ସରକାରଙ୍କ ଅଧିନରେ ରହିଛି। ତେଣୁ ଏଭିତରୁ ଯେକୌଣସି ଗୋଟିକୁ ବାଛିବା ପାଇଁ ଖୁବ୍ ?ଶୀଘ୍ର ଉଭୟ କମ୍ପାନିର ଏକ ଉଚ୍ଚସ୍ତରୀୟ ଟିମ୍ ଓଡ଼ିଶା ଆସୁଛି। ଉଭୟ କମ୍ପାନି ମଧ୍ୟରେ ବୁଝାମଣା ମୁତାବକ ପ୍ରାରମ୍ଭିକ ଭାବେ ପ୍ରସ୍ତାବିତ ଷ୍ଟିଲ ପ୍ଲାଣ୍ଟର ବାର୍ଷିକ ଉତ୍ପାଦନ କ୍ଷମତା ୫ ନିୟୁତ ଟନ୍ ରହିବ। ପରବର୍ତ୍ତୀ ସମୟରେ ଏହାକୁ ବଢ଼ାଯାଇପାରେ। ତେବେ ଏନେଇ କେତେ ପୁଞ୍ଜିନିବେଶ ହେବ ତାହା ୨୦୨୫ ଜାନୁଆରୀରେ ହେବାକୁ ଥିବା ଉତ୍କର୍ଷ ଓଡ଼ିଶା କନକ୍ଲେଭରେ ଘୋଷଣା ହେବ ବୋଲି କୁହାଯାଉଛି। ହେଲେ ଜିଲ୍ଲାର ଯେଉଁଠି ବି ହେଉ, ମେଗା ଷ୍ଟିଲ୍ ପ୍ଲାଣ୍ଟ ବସିବା ଖବରରେ ବେଶ୍ ଉତ୍ସାହିତ ଜିଲ୍ଲାବାସୀ। ଓଡ଼ିଶାରେ ମେଗା ଷ୍ଟିଲ ପ୍ଲାଣ୍ଟର ସ୍ୱପ୍ନ ଦେଖାଇ ୨୦୦୫ ରେ ଦକ୍ଷିଣ କୋରିଆ କମ୍ପାନି ପୋସ୍କୋ ସହ ଏମ୍ଓୟୁ କରିଥିଲେ ତତ୍କାଳୀନ ବିଜେଡି ସରକାର। ସେ ସମୟରେ ଦେଶର ସର୍ବବୃହତ ବିଦେଶୀ ପୁଞ୍ଜିନିବେଶ ଭାବେ ୫୨ ହଜାର କୋଟି ଟଙ୍କା ନିବେଶରେ ୧୨ ନିୟୁତ ଟନ୍ କ୍ଷମତା ବିଶିଷ୍ଟ ଏହି ଷ୍ଟିଲ ପ୍ଲାଣ୍ଟ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଥିଲା। ଏଥିପାଇଁ ପୋସ୍କୋକୁ ପାରାଦୀପ ଅଞ୍ଚଳରେ ୨୯ ଶହ ୫୮ ଏକର ଜମି ବି ହସ୍ତାନ୍ତର ସରିଥିଲା। ହେଲେ ଜମି ଅଧିଗ୍ରହଣକୁ ନେଇ ୧୨ ବର୍ଷ ଧରି ବାରମ୍ବାର ବିରୋଧ , ସଂଘର୍ଷ, ରକ୍ତପାତ ସହ ପ୍ଲାଣ୍ଟ ପାଇଁ ଆବଶ୍ୟକ କଞ୍ଚାମାଲ୍ ଲୁହାପଥର ଖଣି ନମିଳିବା ଭଳି କାରଣରୁ ୨୦୧୭ ମାର୍ଚ୍ଚରେ ଓଡ଼ିଶାକୁ ବାଏ ବାଏ କରି ଦେଇଥିଲା ପୋସ୍କୋ। ଚୁରି ହୋଇଯାଇଥିଲା ସରକାରଙ୍କ ବୃହତ ଶିଳ୍ପ ସ୍ୱପ୍ନ। ହେଲେ କ୍ଷମତାକୁ ଆସିବାର ମାତ୍ର ୪ ମାସ ପରେ ପୁଣି ପୋସ୍କୋକୁ ଓଡ଼ିଶା ମୁହାଁ କରିବାରେ ସଫଳ ହୋଇଛି ବିଜେପି ସରକାର। ଏପଟେ ଶିଳ୍ପ ସଂଘ କହିଛି- ପୋସ୍କୋ ଓଡ଼ିଶା ଛାଡ଼ିବା ପରେ ସାରା ବିଶ୍ୱରେ ଓଡ଼ିଶାରେ ପୁଞ୍ଜିନିବେଶର ଅନକୂଳ ପରିବେଶ ନଥିବା ନେଇ ଯେଉଁ ବଦନାମ୍ ରହିଥିଲା, ଜେଏସଡବଲ୍ୟୁ ହାତ ଧରି ପୋସ୍କୋ ପୁଣି ଫେରୁଥିବା ସୂଚନା, ସେଇ ଧାରଣାକୁ ବଦଳାଇବ। ଆଗକୁ ମାଇନିଂ ଓ ମେଟାଲ କ୍ଷେତ୍ରରେ ଓଡ଼ିଶାକୁ ବିଦେଶୀ ପୁଞ୍ଜିନିବେଶର ବାଟ ଫିଟିବ। ମେଗା ଷ୍ଟିଲ ପ୍ଲାଣ୍ଟ ସହ ପୋସ୍କୋ ଫେରୁଥିବା ଖବର ଉତ୍ସାହ ସୃଷ୍ଟି କରିଥିଲା ବେଳେ ନୂଆ ସରକାର ଏହାକୁ କିଭଳି ବାସ୍ତବତାର ରୂପ ଦେଉଛନ୍ତି ଏବେ ତା ଉପରେ ନଜର।

### ବାଦ୍ ପଡ଼ିଥିବା 'ସୁଭଦ୍ରା' ହିତାଧିକାରୀଙ୍କ...

ଯୋଗ୍ୟ ମହିଳାଙ୍କ ଖାତାକୁ ଯିବ ଟଙ୍କା । ସୁଭଦ୍ରା ଟଙ୍କା ପାଇଁ ଅପେକ୍ଷା କରିଥିବା ହିତାଧିକାରୀଙ୍କ ପାଇଁ ଖୁସି ଖବର। ଖୁବଶୀଘ୍ର ମିଳିବ ପ୍ରଥମ ପର୍ଯ୍ୟାୟର ତୃତୀୟ କିସ୍ତି। ଯେକୌଣସି ସମୟରେ ଘୋଷଣା ହୋଇପାରେ ତାରିଖ। ଖୋଦ୍ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଏନେଇ ସ୍ପଷ୍ଟ କରିଛନ୍ତି। ସେପଟେ ଯୋଜନାରୁ ବାଦ ପଡିଥିବା ମହିଳାଙ୍କ ପାଇଁ ନୂଆ ଗାଇଡଲାଇନ ଆଣୁଛନ୍ତି ସରକାର। ବାଦ୍ ପଡିଥିବା ୨ଲକ୍ଷ ୬୭ ହଜାର ହିତାଧିକାରୀଙ୍କ ପାଇଁ ପ୍ରସ୍ତୁତ ହେଉଛି ମୋଡାଲିଟି । ଅଯୋଗ୍ୟ ହିତାଧିକାରୀ କେମିତି ଯୋଜନାରେ ସାମିଲ ହେବେ ସେନେଇ ଚିନ୍ତା କରୁଛନ୍ତି ସରକାର । କେଉଁ ଆଧାରରେ, କେମିତି ସେମାନଙ୍କର ଭେରିଫାଏ କରାଯିବ, ଚୂଡାନ୍ତ ରୂପରେଖ ପ୍ରସ୍ତୁତ ହେବା ପରେ ଗାଇଡଲାଇନ ଜାରି ହେବ ବୋଲି କହିଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା । ସେପଟେ ସରକାର ଅଙ୍ଗନବାଡି କର୍ମୀଙ୍କୁ ସୁଭଦ୍ରା ଯୋଜନାରେ ସାମିଲ କରିଥିବାରୁ ଗ୍ରାମାଞ୍ଚଳରେ ମହିଳା ଓ ଶିଶୁଙ୍କ ପାଇଁ କାମ କରୁଥିବା ଅଙ୍ଗନବାଡି କର୍ମୀମାନେ ସରକାରଙ୍କୁ ଧନ୍ୟବାଦ ଜଣାଇଛନ୍ତି । ସେପେଟେମ୍ବର ୧୭ରେ ରାଜ୍ୟ ସରକାର ପ୍ରଧାନମନ୍ତ୍ରୀ ମୋଦିଙ୍କ ହାତରେ ସୁଭଦ୍ରା ଯୋଜନାର ଶୁଭାରମ୍ଭ କରିଥିଲେ । ପ୍ରଥମ ପର୍ଯ୍ୟାୟରେ ୨୫ ଲକ୍ଷ ମହିଳାଙ୍କ ଖାତାକୁ ଯାଇଥିଲା ୫ ହଜାର ଲେଖାଏଁ ଟଙ୍କା। ଦୁର୍ଗାପୂଜା ପୂର୍ବରୁ ଡିବିଟି ମାଧମରେ ୩୫ ଲକ୍ଷ ଯୋଗ୍ୟ ମିହିଳାଙ୍କ ଖାତାକୁ ଯାଇଥିଲା ଦ୍ୱିତୀୟ କିସ୍ତି । ଏବେ ସୁଦ୍ଧା ୧ କୋଟିରୁ ଅଧିକ ମହିଳା ଆବେଦନ କରିଥିବା ବେଳେ ୬୦ ଲକ୍ଷ ଟଙ୍କା ପାଇ ସାରିଲେଣି।

### ଅଦିନିଆ ସ୍ନାନଯାତ୍ରା ...

ଏନେଇ ଗତ ୨୦୨୧ ଅଗଷ୍ଟ ମାସରେ ଇସ୍କନ ପକ୍ଷରୁ ଚିଠି ଲେଖି ଗଜପତି ମହାରାଜାଙ୍କୁ ଅବଗତ ବି କରାଯାଇଥିଲା। ହେଲେ ଏହା ସତ୍ତ୍ୱେ ବି ଇସ୍କନ ପକ୍ଷରୁ ପୁଣି କିଭଳି ଏଭଳି ଆସ୍ପର୍ଦ୍ଧା କରାଯାଉଛି । ତେବେ ଇସ୍କନ ପକ୍ଷରୁ ହୋଇଥିବା ସଂକଳ୍ପକୁ ତାଙ୍କର ଆମେରିକାରେ ଥିବା ଶାଖା ଖାତିର କରୁନାହାନ୍ତି କି ବୋଲି ପ୍ରଶ୍ନ ଉଠିଛି । ଶ୍ରୀଜଗନ୍ନାଥଙ୍କ ମୂଳପୀଠର ବିଧିବିଧାନକୁ ଭୃକ୍ଷେପ ନକରି ବାରମ୍ବାର ଇସ୍କନର ଏଭଳି ଅଦିନିଆ ରଥଯାତ୍ରା ଆୟୋଜନର ଅନେକ ଦୃଷ୍ଟାନ୍ତ ରହିଛି। ୨୦୨୦ ଜାନୁଆରୀ ମାସରେ ସବୁ ବିରୋଧ, ପ୍ରତିବାଦକୁ ପରୱା ନକରି ଆଶାଢ଼ ଶୁକ୍ଳ ଦ୍ୱିତୀୟା ତିଥି ବଦଳରେ ଶ୍ରୀପଞ୍ଚମୀରେ ମୁମ୍ବାଇରେ ରଥଯାତ୍ରାର ଆୟୋଜନ କରିଥିଲା ଇସ୍କନ ସଂସ୍ଥା। ଏହା ପୂର୍ବରୁ ୨୦୦୭ ଅକ୍ଟୋବରେ ୬ ତାରିଖରେ ଲୁଧିୟାନା, ୨୦୦୭ ଡିସେମ୍ବର ୨୩ତାରିଖରେ ଦିଲ୍ଲୀରେ ବି ଅଦିନରେ ଇସ୍କନ ପକ୍ଷରୁ ରଥଯାତ୍ରା କରାଯାଇଥିଲା।

### ବିଜେଡି ଛାଡ଼ିଥିବା ...

ସେହିପରି ସୁନନ୍ଦା କହିଥିଲେ ଯେ ପ୍ରଣବ ପ୍ରକାଶ ଦାସ (ବବି) ତାଙ୍କୁ ଟିକେଟ ଦେବାର ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଶେଷ ମୁହୂର୍ତ୍ତରେ ସେ ତାଙ୍କ ଟିକେଟ କାଟି ଦେଇଥିଲେ। ସୂଚନାଯୋଗ୍ୟ, ସୁନନ୍ଦା ଦାସ ୨୦୧୯ରୁ ୨୦୨୪ ପର୍ଯ୍ୟନ୍ତ ବରୀର ବିଧାୟକ ରହିଥିଲେ। ତେବେ ୨୦୨୪ ନିର୍ବାଚନରେ ତାଙ୍କୁ ବିଜେଡି ଟିକେଟ ଦେଇ ନଥିଲା। ତାଙ୍କ ବଦଳରେ ବିଜେପି ଛାଡ଼ି ଆସିଥିବା ବିଶ୍ୱରଞ୍ଜନ ମଲ୍ଲିକଙ୍କୁ ଟିକେଟ ଦେଇଥିଲା ବିଜେଡି। ସେ ବିଜୟୀ ମଧ ହୋଇଛନ୍ତି।

### ଉଦୟନାରାୟଣ ଦାସଙ୍କ ...

ତଥା ପ୍ରଖ୍ୟାତ ସ୍ୱାଧୀନତା ସଂଗ୍ରାମୀ ରବିନ୍ଦ୍ର ମୋହନ ଦାସଙ୍କ ସୁକନ୍ୟା ଶ୍ରୀମତୀ ଯଶୋଧରା ଦାସ। ପୁସ୍ତକର ପ୍ରକାଶକ ତଥା ସୁବର୍ଣ୍ଣଶ୍ରୀ ପ୍ରକାଶିନୀର ପ୍ରତିଷ୍ଠାତା ଡ. କାଳୀପଦ ପଣ୍ଡା ୩୪୪ ପୃଷ୍ଠା ସମ୍ବଳିତ ଏହି ଐତିହାସିକ ଉପନ୍ୟାସର କଥାବସ୍ତୁ ଏତେ ମର୍ମପର୍ଶୀ ଓ ଶିକ୍ଷଣୀୟ ଯେ ତାହା ପାଠକଙ୍କୁ ମୁଗ୍ଧ କରିବ ବୋଲି କହିଥିଲେ। ଉତ୍ସବରେ ବରେଣ୍ୟ ଅତିଥି ଭାବେ ଡା. ଚୌଧୁରୀ ସତ୍ୟବ୍ରତ ନନ୍ଦ, ପ୍ରାଧାପକ ଶତ୍ରୁଘ୍ନ ମଲ୍ଲିକ ଏବଂ ଆଲୋଚକ ଭାବେ ଡ. ରାଧାରଂଜନ ପଟ୍ଟନାୟକ, କବି ଅଭୟ ଦାସ, ପ୍ରସନ୍ନ ପାତ, ତପନ କୁମାର ବିଶ୍ୱାଳ, ଭାରତୀ ପଣ୍ଡା, ସିମନ ଦାସ ମହାପାତ୍ର ପ୍ରମୁଖ ଔପନ୍ୟାସିକ ଉଦୟନାରାଣ ଦାସଙ୍କ ଲେଖକୀୟ ଜୀବନ ଏବଂ ତାଙ୍କ ଉପନ୍ୟାସ ସଂପର୍କରେ ନିଜନିଜର ବକ୍ତବ୍ୟ ରଖିଥିଲେ। କବି ମଧୁସୂଦନ ମିଶ୍ର ଉତ୍ସବକୁ ସଞ୍ଚାଳନ କରିଥିବାବେଳେ ଦେଶାତ୍ମବୋଧକ ସଙ୍ଗୀତକୁ ଭଜନଗାନ କରିଥିଲେ ଦେବୀରାଣୀ ଦାସ, ପ୍ରାଚୀ ମିଶ୍ର, ଦେବଯାନୀ ଦାସ। ଉତ୍ସବରେ ଶ୍ରୀଜଙ୍ଗ ଗ୍ରାମର ଅନେକ ବିଶିଷ୍ଟ ବ୍ୟକ୍ତିଙ୍କ ସମେତ ସହରର ବହୁ ସାହିତ୍ୟିକ ତଥା ବୁଦ୍ଧିଜୀବୀ ଉପସ୍ଥିତ ରହିଥିଲେ।

### ରତ୍ନଭଣ୍ଡାରରେ କୌଣସି ...

ସେ ଆହୁରି କହିଛନ୍ତି ଯେ ପ୍ରାଥମିକ ଆଲୋଚନାରୁ ଜଣାପଡ଼ିଛି ଯେ ରତ୍ନଭଣ୍ଡାରରେ କୌଣସି ସୁଡ଼ଙ୍ଗ ବା ଗୁପ୍ତ କୋଠରୀ ନାହିଁ। ସୂଚନାଯୋଗ୍ୟ, କିଛି ଦିନ ତଳେ ରତ୍ନଭଣ୍ଡାର ତଦାରଖ କମିଟି ଅଧ୍ୟକ୍ଷ ଜଷ୍ଟିସ ବିଶ୍ୱନାଥ ରଥ କହିଥିଲେ, ଗଣତିମଣତି ଏସଓପି ପ୍ରସ୍ତୁତି ସରିଛି। ଏଏସଆଇ ମରାମତି କରି ସାର୍ଟିଫିକେଟ୍ ଦେବା ପରେ ଗଣତିମଣତି ହେବ। ଏସଓପି ଗୋପନୀୟ। ଏଣୁ ଏହାକୁ ପ୍ରକାଶ କରାଯାଇ ପାରିବ ନାହିଁ। ଠାକୁରଙ୍କ ଯେତିକି ସମ୍ପତ୍ତି ଅଛି, ତାହା ସୁରକ୍ଷିତ ରହିବା ଦରକାର ବୋଲି ମଧ ଜଷ୍ଟିସ୍ ରଥ କହିଥିଲେ।

# ଘରୋଇ କଳିରୁ ନାବାଳିକାର ଆତ୍ମହତ୍ୟା : ପୋଲିସର ତଦନ୍ତ

ଧର୍ମଶାଳା, ୦୧/୧୧ (ନି.ପ୍ର):ଘରୋଇ କଳି ହେଲା କାଳ । ପାରିବାରିକ କଳହକୁ ନେଇ ବେକରେ ଲୁଗାରେ ଫାଶି ଲଗାଇ ନାବାଳିକାର ଆତ୍ମହତ୍ୟା । ଏଭଳି ଘଟଣା ଘଟିଛି ଯାଜପୁର ଜିଲା ବ୍ରହ୍ମବରଦା ଥାନା ଅନ୍ତର୍ଗତ ବଡଚଅପୋଇ ଗ୍ରାମରେ। ସେ ଗ୍ରାମର ମଙ୍ଗୁଳି ବେହେରାଙ୍କ ନାବାଳିକା ଝିଅ ବୋଲି ଜଣାପଡିଛି । ଖବର ପାଇ ବ୍ରହ୍ମବରଦା ପୋଲିସ ବଡଚଅପୋଇ ଗ୍ରାମରେ ପଂହଚି ମୃତଦେହକୁ ଜବତ କରି ଶବ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଘଟଣାର ତଦନ୍ତ ଜାରି ରଖିଛି । ସୂଚନା ମୁତାବକ, ରସୁଲପୁର ବ୍ଲକ ବ୍ରହ୍ମବରଦା ଥାନା ଅନ୍ତର୍ଗତ ବଡଚଅପୋଇ ଗ୍ରାମର ମଙ୍ଗୁଳି ବେହେରାଙ୍କ ଝିଅ ଓ ବଡବାପା ପୁଅଙ୍କ ସହ ଗୁରୁବାର ଦିନ ସକାଳ ସମୟରେ ଝଗଡା ହୋଇଥିଲା । ଏହି ଝଗଡା ଉଗ୍ର ରୂପ ନେଇଥିଲା । ଏନେଇ ପରିବାର ପକ୍ଷରୁ ନାବାଳିକାକୁ ତାଗିଦ କରାଯାଇଥିଲା । ଫଳରେ ଖରା ବେଳ ସମୟରେ ନାବାଳିକା ଜଣକ ଖାଇ ସାରି ଘର ଭିତରେ କବାଟ କିଳି ଦେଇ ଶୋଇ ପଡିଥିଲେ । ପରେ ଲୁଗାରେ ବେକରେ ଫାଶି ଲଗାଇ ଦେଇଥିଲେ । କବାଟ ଖୋଲିବା ବିଳମ୍ବ ହେବାରୁ ପରିବାର ଲୋକେ କବାଟ ବାଡେଇବା ସହ ଝିଅକୁ ଉଠିବାକୁ ଡାକି ଥିଲେ । ତେବେ କବାଟ ନ ଖୋଲିବାରୁ ଘର ଭିତରେ ବେକରେ ଫାଶି ଲଗାଇ ଦେଇଥିବା ଜାଣିବାକୁ ପାଇଲେ । ଏନେଇ ବ୍ରହ୍ମବରଦା ଥାନାରେ ପରିବାର ଲୋକେ ଜଣାଇବା ପରେ ପୋଲିସ ଘଟଣାସ୍ଥଳରେ ପଂହଚି ମୃତଦେହକୁ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି ।

ଧ୍ୱନି ପ୍ରତିଧ୍ୱନି
ପୃଷ୍ଠା

# ଏଡ଼ାତାଳରେ ମା' ଶ୍ୟାମାକାଳୀ ପୂଜା



ବାସୁଦେବପୁର, ୦୧/୧୧ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ଏଡତାଳ ପଞ୍ଚାୟତର ହାଟ ପଡିଆ ଠାରେ ମାଆ ଶ୍ୟାମା କାଳୀ ପୂଜା ଅନୁଷ୍ଠିତ ହୋଇ ଯାଇଛି। ଦୀର୍ଘ ୫୬ ବର୍ଷ ଧରି ଏହି ପୂଜା ଆଗେଇ ଚାଲିଛି କ୍ଷ ୧୯୬୮ ମସିହାରେ ଏହି କାଳୀ ପୂଜା ଆରମ୍ଭ ହୋଇ ଥିଲା । ଏହି ପୂଜା କମିଟି ରେ ସଭାପତି ଅଛନ୍ତି ଅଭିମନ୍ୟୁ ପଲେଇ ଓ ସମ୍ପାଦକ ଅଛନ୍ତି ମୁକ୍ତିକାନ୍ତ ନାୟକ । କୋଷାଧ୍ୟକ୍ଷ ଅଛନ୍ତି କାଶୀନାଥ ନାୟକ । ଅତୀତ ରେ ମନମୋହନ ପଲାଇ ଙ୍କ ଉଦ୍ୟମରେ ଓ ଗ୍ରାମବାସୀ ମାନଙ୍କ ସହଯୋଗ ରେ ପୂଜା ହେଉଥିଲା। ଗଙ୍ଗାଧର ବେହେରା, କପିଳାସ ଜେନା ଓ ଅନେକ ଗ୍ରାମ ବାସୀ ଙ୍କ ସହଯୋଗ ରହିଛି ଏହି ଅନୁଷ୍ଠାନ ପାଇଁ । ପୂର୍ବତନ ବିଧାୟକ ବିଷ୍ଣୁ ବ୍ରତ ରାଉତରାୟ ଙ୍କ ହାତ ପାଣ୍ଠିରୁ ଆର୍ଥିକ ସହଯୋଗ ମିଳିଥିଲା ଓ ଏଥି ପାଇଁ ଏ ଅନୁଷ୍ଠାନ ପକା କାନ୍ଥ ରେ ମଣ୍ଡପ ତିଆରି ହୋଇଛି । ବର୍ତ୍ତମାନ ର ସରପଞ୍ଚ ଜୟଶ୍ରୀ ପଲାଇ, ପ୍ରତିନିଧି ଅମରେନ୍ଦ୍ର ପଲାଇ ଓ ଅନେକ ସଦସ୍ୟ ଓ ଗ୍ରାମବାସୀ ଙ୍କ ସହଯୋଗ ପାଇଁ ଏହି ଶ୍ୟାମା କାଳୀ ପୂଜା କମିଟି ଅନୁଷ୍ଠାନ ଆଗେଇ ଚାଲିଛି । ମାଆ ପୂଜା ପାଉଛନ୍ତି । ଅନେକ ଜନ ସାଧାରଣ ଆସି ଠାକୁର ଦେଖିବା ସହିତ ମନ ଆନନ୍ଦରେ ଆଧାତ୍ମିକ ପରିବେଶରେ ଏକତ୍ର ହୋଇ ଥିବାରୁ ଅନୁଷ୍ଠାନ ପକ୍ଷରୁ ସମସ୍ତ ଙ୍କୁ ଅଭିନନ୍ଦନ ଜଣା ଯାଇଛି ।

# କୁଶିଦାରେ ବସୁଧା ଯୋଜନାରେ ଜଳ ଯୋଗାଣ ଅବ୍ୟବସ୍ଥା



ବସ୍ତା, ୦୧/୧୧ (ନି.ପ୍ର): ବସ୍ତା ବ୍ଲକର କୁଶିଦା ଗାଁରେ ବସୁଧା ଯୋଜନାରେ ପାନୀୟ ଜଳ ଯୋଗାଣରେ ନାନା ଅବ୍ୟବସ୍ଥା ଦେଖା ଦେଇଛି। ସୂଚନାରୁ ପ୍ରକାଶ ଯେ ଏହି ଗାଁରେ ବସୁଧା ଯୋଜନାରେ ଦୁଇ ବର୍ଷ ତଳେ ପାଣି ଟାଙ୍କି ନିର୍ମିତ ହୋଇଥିଲା। ଟାଙ୍କିରୁ ବାର ଓ ଷୋହଳ ନମ୍ବର ୱାର୍ଡରେ କିଛି ପରିବାର ପାଣି ପାଉଥିବା ବେଳେ ଷୋହଳ ଓ ଶତର ନମ୍ବର ୱାର୍ଡ ନିକଟବର୍ତ୍ତୀ ପ୍ରାଥମିକ ସ୍କୁଲ ପାଖରେ ୨୬ ପରିବାର ଏହି ପ୍ରକଳ୍ପ ରୁ ପିଇବା ପାଣି ପାଇବାରୁ ବଞ୍ଚିତ ହେଉଛନ୍ତି ବୋଲି ସୃଷ୍ଟି ଧର ସାମନ୍ତ, ମନୋହର ସାମନ୍ତ, ଅଜୟ କୁମାର ମୁକା ପ୍ରମୁଖ ଅନେକ ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଏହି ସମସ୍ୟା ନେଇ ଗ୍ରାମବାସୀ ଶୁକ୍ରବାର ବିଡ଼ିଓଙ୍କୁ ଦାବି ପତ୍ର ଦେଇଛନ୍ତି। ତେବେ ବିଡ଼ିଓ ସମସ୍ୟାର ସମାଧାନ ହେବ ବୋଲି କହିଛନ୍ତି।

# ବାଉଁଶଗଡିଆ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

ଖଇରା, ୦୧/୧୧ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ବାଉଁଶଗଡିଆ ୩ନମ୍ବର ୱାର୍ଡସ୍ଥିତ ମିନଷ୍ଟାଡିୟମରେ ଗୁରୁବାର ଦିନ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇ ଯାଇଛି । ଶିବଶକ୍ତି ୟୁଥ କ୍ଲବ ଆନୁକୂଲ୍ୟରେ ଆୟୋଜିତ ଉକ୍ତ ଟୁର୍ନାମେଣ୍ଟରେ ବାଲେଶ୍ୱର,ମୟୁରଭଞ୍ଜ ଏବଂ କେନ୍ଦୁଝର ଜିଲାରୁ ମୋଟ ୬୪ଦଳ ଭାଗ ନେଇଥିବା ବେଳେ ଆସନ୍ତା ୩ତାରିଖ ରବିବାରଦିନ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ । କୁପାରୀ ହରେକୃଷ୍ଣ ମହତାବ ମହାବିଦ୍ୟାଳୟର ଅଧ୍ୟାପକ ଗୋପିନାଥ ପାତ୍ର ଏହାକୁ ଉଦ୍‌ଘାଟନ କରିଥିଲେ । ସରପଞ୍ଚ ବିଚିତ୍ର ପାତ୍ର ମଞ୍ଚ ପରିଚାଳନା କରିଥିଲେ। ଦୈତାରୀ ପଣ୍ଡା, ଶଶିକାନ୍ତ ଦାସ,କୁମାର ବାପି ପ୍ରମୁଖ ଉପସ୍ଥିତ ଥିଲେ । ରେଫେରୀ ଭାବେ ଜୁରିଆ ସିଂ ଓ ଦୀପକ ସିଂ ମ୍ୟାଚ ପରିଚାଳନା କରିଥିଲେ ।



# ପର୍ଯ୍ୟଟକଙ୍କ ପାଇଁ ଖୋଲିଲା କୁଳଡିହା ଅଭୟାରଣ୍ୟ: ଉପଜିଲ୍ଲାପାଳ ଫିତାକାଟି କଲେ ଶୁଭ ଉଦ୍ଘାଟନ



ନୀଳଗିରି, ୦୧/୧୧ (ନି.ପ୍ର): ଓଡ଼ିଶା ମାନଚିତ୍ରରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ଉତ୍ତର ଓଡ଼ିଶାର ପ୍ରସିଦ୍ଧ ପ୍ରାକୃତିକ ବନଭୂମି କୁଳଡ଼ିହା ଅଭୟାରଣ୍ୟର ଅପରୂପ ସୌନ୍ଦର୍ଯ୍ୟ ପ୍ରକୃତିପ୍ରେମୀମାନଙ୍କୁ ଆକର୍ଷିତ କରିଥାଏ। ୨୭୨.୭୫ ବର୍ଗ କି.ମି ପରିବ୍ୟାପ୍ତ ଅଭୟାରଣ୍ୟରେ ପ୍ରାୟ ୨୫୦ ପ୍ରଜାତିର ବିଭିନ୍ନ ଦେଶୀ ଓ ବିଦେଶାଗତ ପକ୍ଷୀଙ୍କ ସହିତ ହାତୀ, ବାଘ, ଭାଲୁ, ହରିଣ, କୁଟାରା, ସମ୍ବର, ବାରହା, ଠେକୁଆ, ମୟୂର, ବଜ୍ରକାପ୍ତା ଆଦି ବହୁ ପ୍ରଜାତିର ବନ୍ୟପ୍ରାଣୀ ଦେଖାଯାଆନ୍ତି। ଏପରି ମନଲୋଭା ପ୍ରାକୃତିକ ପରିବେଶ ସହିତ ପଶୁପକ୍ଷୀ ଓ ବନ୍ୟଜନ୍ତୁ ମାନଙ୍କୁ ଅତିନିକଟରୁ ଦେଖିବାର ସୁଯୋଗ ପାଇଥାନ୍ତି। ପ୍ରତିବର୍ଷ ଭଳି ଚଳିତବର୍ଷ ନଭେମ୍ବର ୧ ତାରିଖରେ ଅଭୟାରଣ୍ୟ ଖୋଲିଥିବା ବେଳେ ବାଲିଆନାଳ ସ୍ଥିତ ମୁଖ୍ୟ ପ୍ରବେଶପଥ ଠାରେ ନୀଳଗିରି ଉପଜିଲ୍ଲାପାଳ ଶୁଭଶ୍ରୀ ରଥ ପୂର୍ବାହ୍ନ ଘ୧୦ଟିକା ୧୫ ମିନିଟ୍ ସମୟରେ ଫିତାକାଟି ଆନୁଷ୍ଠାନିକ ଉଦଘାଟନ କରିବାପରେ ପର୍ଯ୍ୟଟକ ମାନଙ୍କ ପାଇଁ ବନବିଭାଗ ଫାଟକ ଖୋଲିଥିଲା। ଉକ୍ତ ଉଦଘାଟନ ସମୟରେ କୁଳଡିହା ରେଞ୍ଜର ପ୍ରବୀର କୁମାର ମୁର୍ମୁ,ବାଲେଶ୍ୱର ବନ୍ୟପ୍ରାଣୀ ଡିଭିଜନର ଏ.ସି.ଏଫ୍ ରାମଚନ୍ଦ୍ର ମୁର୍ମୁ, କୁଳଡିହା ଗାଇଡ ତଥା ପରିବେଶବିତ ମନୋରଞ୍ଜନ ଦାସଙ୍କ ସମେତ ବନବିଭାଗର ପ୍ରାୟ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ବନବିଭାଗ ପକ୍ଷରୁ ଉପସ୍ଥିତ ଅତିଥି,ପର୍ଯ୍ୟଟକ, ଗଣମାଧ୍ୟମ ପ୍ରତିନିଧି ମାନଙ୍କୁ ଫୁଲଚନ୍ଦନ ଦେଇ ସ୍ୱାଗତ କରିବା ସହିତ ମିଠା ଖୁଆଇ ଆପ୍ୟାୟିତ କରିଥିଲେ।ପରେ ପରେ ଗୋହିରାଭୋଳ ସ୍ଥିତ ନେଚରସ୍ କ୍ୟାମ୍ପକୁ ସମସ୍ତେ ଯାଇଥିଲେ। ଯେଉଁ ଠାରେ ପର୍ଯ୍ୟଟକଙ୍କ ପାଇଁ ରହିବା ଓ ଖାଇବାର ସମସ୍ତ ବନ୍ଦୋବସ୍ତ ବନବିଭାଗ ପକ୍ଷରୁ କରାଯାଇଥିବା ଦେଖାଯାଇଛି। କୁଲଡ଼ିହା ସଂଲଗ୍ନ ସାତଘାଟି ଡ୍ୟାମ, ରିସିଆ, ପୁରୁଣାପାଣି, ଯୋଡ଼ଚୁଆ, ମୁଖ ଚତୁରୀ, କଳମଚତୁରୀର ବିସ୍ତୀର୍ଣ୍ଣ ଅଞ୍ଚଳ ରେ ୨୫୦ ରୁ ଉର୍ଦ୍ଧ୍ୱ ପ୍ରଜାତି ର ଦେଶୀ ବିଦେଶୀପକ୍ଷୀଙ୍କ ସମାଗମ ଦେଖିବାକୁ ମିଳିଥାଏ। ଗୋହୀରାଭୋଳ ଠାରେ ରିଷିଆ ପ୍ରକୃତିନିବାସ ଖୋଲାଯାଇଛି। ଏଠାରେ ରହିବା ପାଇଁ,ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଛି।ଉକ୍ତ ନେଚର୍ସ କ୍ୟାମ୍ପ ରେ ରାତ୍ରୀ ଯାପନ କରି, ପର୍ଯ୍ୟଟକ ମାନେ ବୁଲିବା ସମୟରେ,୪ ଟି କୃତ୍ରିମ ସଲ୍ଟପିଟ୍,୫ ଟି ୱାଚ ଟାୱାର ରୁ ଅଭୟାରଣ୍ୟର ପଶୁପକ୍ଷୀଙ୍କୁ ଦେଖିବା ସହିତ ନୈସର୍ଗିକ ପ୍ରକୃତିର ଶୋଭା ପର୍ଯ୍ୟଟକ ଉପଭୋଗ କରିବାର ସୌଭାଗ୍ୟ ପାଇପାରିବେ।

# ଜଳକା ନଦୀରେ ବୁଡ଼ି ଯାଇ ଯୁବକଙ୍କ ମୃତ୍ୟୁ

ବସ୍ତା, ୦୧/୧୧ (ନି.ପ୍ର): ଜଳକା ନଦୀରେ ବୁଡ଼ି ଯାଇ ଜନୈକ ଯୁବକଙ୍କ ମୃତ୍ୟୁ ଘଟିଛି। ସୂଚନାରୁ ପ୍ରକାଶ ଯେ ଗୁରୁବାର ବସ୍ତା ଥାନା ଅର୍ନ୍ତଗତ ବାସୁ ଚକୁରାଇ ଗାଁର ମଙ୍ଗଳ ମାଝୀଙ୍କ ପୁଅ ଚୈତନ୍ୟ (୪୫ ବର୍ଷ)ଶୌଚ ପାଇଁ ନଦୀ କୁ ଯାଇଥିବା ବେଳେ ପାଣିରେ ବୁଡି ଯାଇ ପ୍ରାଣ ହରାଇଛନ୍ତି। ଚୈତନ୍ୟକୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ଡାକ୍ତରଖାନା ନିଆଯାଇଥିଲେ ହେଁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ବସ୍ତା ପୁଲିସ କେଶ ନଂ ୪୧/ ୨୦୨୪ରେଏକ ଅପମୃତ୍ୟୁ ରୁଜୁ କରି ତଦନ୍ତ ଜାରି ରଖିଛି।

# ବାଲେଶ୍ୱର ଲୋକ ମହୋତ୍ସବ ୨୯ ରୁ ଡିସେମ୍ବର ୬



ବାଲେଶ୍ୱର, ୦୧/୧୧ (ନି.ପ୍ର): ବାଲେଶ୍ୱର ଲୋକ ମହୋତ୍ସବ ଆସନ୍ତା ନଭେମ୍ବର ୨୯ ରୁ ଆରମ୍ଭ ହେବ। ଆଇଟିଆଇ ପଡିଆ ପରିସରରେ ଆଠଦିନ ଧରି ଏହା ଚାଲିବ । ଏହି ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।ଖୋର୍ଦ୍ଧା ର ପାଇକ ଆଖଡ଼ା, ପୁରୀର ଗୋଟିପୁଅ ନୃତ୍ୟ ଏବଂ ଓଡ଼ିଆ ଚଳଚ୍ଚିତ୍ର ଜଗତର ସୁନାମଧନ୍ୟ କଳାକାର ମାନଙ୍କ ଦ୍ୱାରା ପ୍ରତ୍ୟେକଦିନ ସଂଧ୍ୟା ରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏବଂ ଜିଲ୍ଲା ସମେତ ରାଜ୍ୟ ଏବଂ ରାଜ୍ୟ ବାହାରରୁ ବିଭନ୍ନ ସ୍ଥାନ ରୁ ୩୦୦ ରୁ ଉର୍ଦ୍ଧ୍ୱ ଝଶ୍ୱବକ୍ଷକ୍ଷ ପଡ଼ିବ ଓ ପ୍ରତ୍ୟେକ ଦିନ ସଂଧ୍ୟା ରେ ବହୁ ମାନ୍ୟଗଣ୍ୟ ଅତିଥି ଯୋଗଦାନ କରିବେ। ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ସହ ନଭେମ୍ବର ୨୯ ରୁ ଆରମ୍ଭ ହେଇ ଡିସେମ୍ବର ୬ ରେ ଉଦଯାପନୀ ହେବ ବୋଲି ଶୁକ୍ରବାର ଉଦୈଗ ଭବନ ଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଆୟୋଜନ ସଂସ୍ଥା ର କର୍ମକର୍ତ୍ତା ମାନେ ସୂଚନା ଦେଇଥିଲେ। ଏହି ସାମ୍ବାଦିକ ସମ୍ମିଳନୀରେ ବାଲେଶ୍ୱର ଲୋକ ମହୋତ୍ସବ ର ଅଧ୍ୟକ୍ଷ ବିଶ୍ୱଜିତ ପରମାଣିକ, ଉପାଧ୍ୟକ୍ଷ ଜିତେନ୍ଦ୍ର ଦାସ , ବିକାଶ କୁମାର ପାଢ଼ୀ,ଶ୍ରୀମନ୍ତ ମାଝୀ, ସଭାପତି ଅସୀତ କୁମାର ଦାସ , କାର୍ଯ୍ୟକାରୀ ସଭାପତି ଶ୍ରୀମାନ ଶ୍ରୀଚନ୍ଦନ,ଉପ ସଭାପତି ସିମନ ଦାସ ମହାପାତ୍ର, ସୌଭାଗ୍ୟ ମାନସ ନାୟକ , ସାଧାରଣ ସମ୍ପାଦକ ସଞ୍ଜୟ ସାମନ୍ତ, ସମ୍ପାଦକ ସତ୍ୟ ପ୍ରକାଶ ପତୀ , ହେମନ୍ତ ମହାନ୍ତି,ସଲୀମ ସୁବାଷ ,ସହ ସମ୍ପାଦକ ଓମ୍ ପ୍ରକାଶ ମହାପାତ୍ର, କୋଷାଧ୍ୟକ୍ଷ ନିଶିତ କୁମାର ବାରିକ , କାର୍ଯ୍ୟକାରୀ ସମ୍ପାଦକ ସମ୍ବିଦ ବିଶ୍ୱାଳ , ହ୍ରିତିକ ନାୟକ , କଲଚୁରାଲ ସମ୍ପାଦକ ସୈମୟ ରଞ୍ଜନ ପାଣିଗ୍ରାହୀ, ଝାଡେଶ୍ୱର ଜେନା , ରଙ୍ଗରମଙ୍କଶ୍ୱସଙ୍ଗର ଗରଜ୍ଞଭରକ୍ୱ ସଞ୍ଜିବ କୁମାର ଦାସ , ଜୟରାମ ଦାସ , ତୁଷାର କାନ୍ତି ତଫସୀ , ତାପସ ପାଣିଗ୍ରାହୀ,ସୌମ୍ୟ ରଞ୍ଜନ ଯାଦବ , ଗୌର ମଲ୍ଲିକ, ମନୋଜ କୁମାର ରାଉଳ, ନିରଞ୍ଜନ ମହାନ୍ତି , ସାଗର ଅଗ୍ରୱାଲ ,ରାଜକିଶୋର ମିଶ୍ର, ସବ୍ୟସାଚୀ ପାଣୀ , ସୁଧାଂଶୁ ବାରିକ , ଦେବଜ୍ୟୈତି ଦାସ ମହାପାତ୍ର,ରାଜେଶ ମହାକୁଡ଼, ରବିନ୍ଦ୍ର ମହାକୁଡ଼,ଉପଦେଷ୍ଟା ବିପ୍ଲବ କୁମାର ମହାନ୍ତି , ବିକ୍ରମ ପଣ୍ଡା, ମାନସ ଦାସ ପଟ୍ଟନାୟକ,ଶାନ୍ତନୁ ଦାସ , ଭାଗବତ ସାହୁ, ବିଭୂପଦ ଦାସ, ମୌସମ ସିଂ,ମନୋଜ ଜେନା,ପ୍ରକାଶ ନାୟକ ,ସୂର୍ଯ୍ୟକାନ୍ତ କର ପ୍ରମୁଖ ଉପସ୍ଥିତ ଥିଲେ।

# ଆନ୍ତଃ ମହାବିଦ୍ୟାଳୟ ସ୍ତରୀୟ ମହିଳା କବାଡି କ୍ରୀଡା ପ୍ରତିଯୋଗିତା: ପିପିଲିକୁ ହରାଇ ବଳଙ୍ଗା ଚାମ୍ପିୟନ




ବାଲକାଟୀ , ୦୧/୧୧ (ନି.ପ୍ର): ଆଜି ଉତ୍କଳ ବିଶ୍ୱବିଦ୍ୟାଳୟ ଅଧିନସ୍ଥ ଆନ୍ତଃ ମହାବିଦ୍ୟାଳୟ ସ୍ତରୀୟ ମହିଳା କବାଡି ପ୍ରତିଯୋଗିତା ବାଲକାଟୀ କଲେଜ ପଡିଆରେ ଅନୁଷ୍ଠିତ ହୋଇଯାଇଛି । ଏହି ଟୁର୍ନାମେଣ୍ଟରେ ପିପିଲିକୁ ୨୯-୨୭ ପଏଣ୍ଟରେ ହରାଇ ବଳଙ୍ଗା ଚାମ୍ପିୟନ ହୋଇଛି । ଟୁର୍ନାମେଣ୍ଟିରେ ଖୋର୍ଦ୍ଧା, ପୁରୀ,କଟକ ଜିଲ୍ଲାର ମୋଟ ଆଠଟି ଦଳ ଭାଗ ନେଇଥିଲେ । ବିଶ୍ୱବିଦ୍ୟାଳୟ କ୍ରୀଡା ପରିଷଦ ଆନୁକୂଲ୍ୟରେ ଆୟୋଜିତ ଓ ପ୍ରତାପ ଶାସନ ଡିଗ୍ରୀ କଲେଜ ଦ୍ୱାରା ପରିଚାଳିତ ଏହି ଟୁର୍ନାମେଣ୍ଟକୁ ବିଶିଷ୍ଟ ଶିକ୍ଷାବିତ ତଥା ପ୍ରସିଦ୍ଧ ସିନେ ବ୍ୟକ୍ତିତ୍ୱ ଡଃ ରଜନୀ ରଞ୍ଜନ ଦାଶ ମୁଖ୍ୟଅତିଥି ଭାବେ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦଘାଟନ କରିଥିଲେ । କାର୍ଯ୍ୟକ୍ରମରେ କାର୍ଯକାରୀ ଅଧକ୍ଷ ଚନ୍ଦ୍ରଧ୍ୱଜ ନନ୍ଦ ସଭାପତି ଭାବେ ସଭା ପରିଚାଳନା କରିଥିଲେ । ଟୁର୍ନାମେଣ୍ଟରେ ବାଙ୍କୀ କଲେଜ, ବିଜେବି କଲେଜ, ବଳଙ୍ଗା କଲେଜ, ପିପିଲି କଲେଜ, କଣାସ ଗାଦିବ୍ରହ୍ମ, ନିମାପଡା କଲେଜ, ଏ ସି ଏ ଏସ କଲେଜ ପୁରୀ, ଷ୍ଟୁଆର୍ଟ କଲେଜ କଟକ ଆଦି ଯୋଗ ଦେଇଥିଲେ । ଉତ୍କଳ ବିଶ୍ୱବିଦ୍ୟାଳୟ ତରଫରୁ ପର୍ଯ୍ୟବେକ୍ଷକ ଭାବେ ଡଃ ପ୍ରବୀର କୁମାର ମହାନ୍ତି ଓ ନୀଳକଣ୍ଠ ମିଶ୍ର ପ୍ରମୁଖ ଟିମ ଉପସ୍ଥିତ ରହି ଖେଳଳୀ ଚୟନ କରିଥିଲେ । ବାଲକାଟୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ତରଫରୁ ଆଶୁ ଚିକିତ୍ସା ଯୋଗେଇ ଦେଇଥିଲେ । ଖେଳକୁ ତ୍ରିନାଥ ସାମନ୍ତରାୟ ଓ ତାଙ୍କ ଟିମ ରେଫରୀ ଭାବେ ଯୋଗଦେଇ ଖେଳ ପରିଚାଳନା କରିଥିଲେ । ଟୁର୍ନାମେଣ୍ଟକୁ କଲେଜର ସମସ୍ତ. କର୍ମଚାରୀ ଓ ଛାତ୍ରଛାତ୍ରୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

# ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ ଫଡନାଭିସଙ୍କ ସୁରକ୍ଷା ବୃଦ୍ଧି

ମୁମ୍ବାଇ,୦୧/୧୧: ମହାରାଷ୍ଟ୍ର ପୋଲିସର ଅପରାଧିକ ତଦନ୍ତ ବିଭାଗର ଗୁପ୍ତଚର ରିପୋର୍ଟ ପରେ ହଠାତ୍ ଉପମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସ୍‌ଙ୍କ ସୁରକ୍ଷା ଅଚାନକ ବୃଦ୍ଧି ପାଇଛି। ମୁମ୍ବାଇ ଏବଂ ନାଗପୁରରେ ଫଡନାଭିସ୍‌ଙ୍କ ବାସଭବନରେ ଫୋର୍ସ-ୱାନ୍ କର୍ମଚାରୀ ନିୟୋଜିତ ହୋଇଛନ୍ତି। ମୁମ୍ବାଇ ପୋଲିସ ସୂତ୍ର ଅନୁଯାୟୀ କ୍ରାଇମବ୍ରାଂଚ ତଦନ୍ତ ବିଭାଗ ଫଡନାଭିସଙ୍କ ଜୀବନ ପ୍ରତି ବିପଦ ଥିବା ନେଇ ଗୁପ୍ତଚର ଆଧାରରେ ଗୃହ ବିଭାଗକୁ ସୂଚନା ଦେଇଛି। ଏହା ପରେ ସରକାର ଫଡନାଭିସର ସୁରକ୍ଷା ପାଇଁ ୧୦ ରୁ ୧୨ ଅତିରିକ୍ତ ଫୋର୍ସ-ୱାନ କମାଣ୍ଡୋ ନିୟୋଜିତ କରିଛନ୍ତି। ଏହି କମାଣ୍ଡୋମାନଙ୍କୁ ଫଡନାଭିସର ନାଗପୁର ଏବଂ ମୁମ୍ବାଇ ନିବାସ ବାହାରେ ନିୟୋଜିତ କରାଯାଇଛି ।

# ବାଲିଆପାଳର ସୂତାକଳରେ ଥିବା କାଳୀ ମନ୍ଦିରରେ କାଳୀପୂଜା ସମ୍ପନ୍ନ

ବାଲିଆପାଳ, ୦୧/୧୧ (ନି.ପ୍ର): ବାଲିଆପାଳ ସ୍ଥିତ ଶ୍ରୀ ଗୋପୀନାଥ ସ୍ପିନିଙ୍ଗ ମିଲରେ ଥିବା କାଳୀମନ୍ଦିରରେ କାଳୀ ପୂଜା ପ୍ରତିବର୍ଷ ପରି ଏବର୍ଷ ମଧ ଅନୁଷ୍ଠିତ ହୋଇଯାଇଛି।ପୂଜାରେ କାଳୀମନ୍ଦିର କମିଟି ତଥା ସୂତାକଳର ପୂର୍ବତନ ପରିଚାଳନା ନିର୍ଦ୍ଦେଶକ ଭରତ ମହାନ୍ତି ପୂଜାରେ ସଂକଳ୍ପ ହୋଇଥିଲେ।କମିଟିର ଅନ୍ୟ ପ୍ରତିନିଧି ବିପିନ ପରିଡା ( ଅଧୁନା ମିଲର ପ୍ରତିନିଧି ), ମୃତ୍ୟୁଞ୍ଜୟ ନାୟକ, ପିତାମ୍ବର ଦାସ, ରାମଚନ୍ଦ୍ର ରାଉତ,ରାଜ କିଶୋର ଦାସ ବିଜେପି ନେତା ରବୀନ୍ଦ୍ର ଅଣ୍ଡିଆ ପ୍ରମୁଖ ପୂଜାରେ ସଂକଳ୍ପ ହୋଇ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ମଧୁପୁରା ସରପଞ୍ଚ ପ୍ରତିନିଧି ଲମ୍ବୋଦର ମାହାନା, ସନ୍ୟାସୀ ବେହେରା, ଅଧାପକ ଡ଼ଃ ସୁକାନ୍ତ ଗିରି ଓ ଚନ୍ଦନ ଜେନା ପୂଜାରେ ଉପସ୍ଥିତ ଥିଲେ ଲେ।ମନ୍ଦିରରେ ସକାଳ ୯ଟାରେ ସଂପୂର୍ଣ୍ଣ ଚଣ୍ଡୀ ପଢା ଯାଇଥିଲା ଓ ବିଶ୍ୱ ଶାନ୍ତି ଯଜ୍ଞ ହୋଇଥିଲା।ମନ୍ଦିରର ସ୍ଥାୟୀ ପୂଜକ ସୁଦର୍ଶନ ମହାପାତ୍ର ଓ ଅରୁଣ ମହାପାତ୍ର ପୂଜକ ରୂପେ ବରଣ ହୋଇଥିଲେ।ଏହି ପୂଜାକୁ କମିଟିର ଅନ୍ୟ ସଦସ୍ୟ ପଦ୍ମଲୋଚନ ଜେନା, ଦୀନବନ୍ଧୁ ଜେନା, ଗୌରମୋହନ ସାହୁ, ନବକୁମାର ସାହୁ ପପରିଚାଳନା କରିଥିଲେ।



# ବର୍ତ୍ତନା ସମ୍ପାଦକଙ୍କ ନିଯୁକ୍ତି ଉପରେ ରହିତାଦେଶ

ଖଇରା, ୦୧/୧୧ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ବର୍ତ୍ତନା ସେବା ସମବାୟ ସମିତି ର ନିଲମ୍ବିତ ସମ୍ପାଦକ ନିତ୍ୟାନନ୍ଦ ନାୟକଙ୍କ ପୁନଃନିଯୁକ୍ତି ଉପରେ ହାଇକୋର୍ଟ ରହିତାଦେଶ ଜାରି କରିଛନ୍ତି। ପରିଚାଳନା ବୋର୍ଡ ସଭାପତି ନିରଞ୍ଜନ ମହାପାତ୍ରଙ୍କ ତରଫରୁ କରାଯାଇଥିବା ଜନସ୍ୱାର୍ଥ ମାମଲା(ନମ୍ବର ୨୬୦୪୪)ର ବିଚାରକରି ବିଚାରପତି ଏସ୍‌କେ ପାଣିଗ୍ରାହୀ ଶୁଣାଇଥିବା ମଧ୍ୟବର୍ତ୍ତୀକାଳୀନ ରାୟରେ ପରବର୍ତ୍ତୀ ନିଷ୍ପତ୍ତି ପର୍ଯ୍ୟନ୍ତ ନିଯୁକ୍ତି ବନ୍ଦ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି । ନିଲମ୍ବିତ ସମ୍ପାଦକ ବର୍ତ୍ତନା ସମିତି କାର୍ଯ୍ୟାଳୟରୁ ସମସ୍ତ ରେକର୍ଡପତ୍ର ନିଜ ଅଧୀନକୁ ନେଇଯିବା ଅଭିଯୋଗରେ ତାଙ୍କୁ ବୋର୍ଡ ଅକ୍ଟୋବର ୨ତାରିଖରେ ବୋର୍ଡ ବରଖାସ୍ତ କରିଥିଲେ । ସେପଟେ ବାଲେଶ୍ୱର ସହକାରୀ ନିବନ୍ଧକଙ୍କ ଅର୍ଡର ନମ୍ବର ୨୩୨୫ ତା୩।୧୦।୨୪ରିଖରେ ତାଙ୍କୁ ସମ୍ପାଦକ ଭାବେ ପୁନଃନିଯୁକ୍ତ କରାଯାଇଥିଲା। ଏହା ବିରୋଧରେ ବୋର୍ଡ ସଭାପତି ଉଚ୍ଚ ଅଦାଲତରେ ଆଶ୍ରୟ ନେଇଥିଲେ ।

# ଅଟଳବିହାରୀ ମହାବିଦ୍ୟାଳୟର ଆତ୍ମ ପ୍ରଶିକ୍ଷଣ ଶିବିର

ବାସୁଦେବପୁର, ୦୧/୧୧ (ନି.ପ୍ର): ବାସୁଦେବପୁର ଅଟଳ ବିହାରୀ ମହାବିଦ୍ୟାଳୟର ଯୁକ୍ତ ତିନି ଶ୍ରେଣୀର ୨୦୨୩ ୨୪ ବ୍ୟାଚ ର ବାଳିକା ମାନଙ୍କର ଆତ୍ମ ପ୍ରଶିକ୍ଷଣ ଶିବିର ଉଦଯାପିତ ହୋଇଯାଇଛି । ଉଦଯାପନୀ ଦିବସରେ ମହାବିଦ୍ୟାଳୟର ଅଧ୍ୟକ୍ଷ ବିଷ୍ଣୁ ମୋହନ ସ୍ୱାଇଁ ସଭାପତିତ୍ୱ କରିଥିଲେ । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ମହାବିଦ୍ୟାଳୟର ପରିଚାଳନା କମିଟି ସଭାପତି ବନମାଳୀ କୁଅଁର । ଶ୍ରୀ କୁଅଁର ଛାତ୍ରୀ ମାନଙ୍କୁ ଆତ୍ମ ପ୍ରଶିକ୍ଷଣ ଶିବିର ସଂମ୍ପର୍କରେ ମୂଲ୍ୟବାନ ବକ୍ତବ୍ୟ ପ୍ରଦାନ କରିଥିଲେ । ରସାୟନ ବିଜ୍ଞାନ ବିଭାଗର ପ୍ରାଧାପିକା ସ୍ୱର୍ଣ୍ଣ ଲତା ନାୟକ, ସଂସ୍କୃତ ବିଭାଗ ମୁଖ୍ୟ ଅଧାପକ ବିଜୟ କୁମାର ଅଗସ୍ତି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ ଏବଂ ଛାତ୍ରୀ ମାନଙ୍କର ଭବିଷ୍ୟତ ଉଜ୍ୱଳ କାମନା କରିଥିଲେ । ଆତ୍ମ ପ୍ରଶିକ୍ଷଣ ଶିବିର ର ସଂଯୋଜିକା ଶ୍ରୀମତୀ ସୁଜାତା ମହାପାତ୍ର ସଭା କାର୍ଯ୍ୟ ପରିଚାଳନା କରିଥିଲେ । ଆତ୍ମ ପ୍ରଶିକ୍ଷଣ ଶିବିରର ସହଯୋଗୀ ଅଧାପିକା ସୋଫିଆ ଶୁଭ ଦର୍ଶନୀ ପ୍ରଧାନ ସମସ୍ତ ଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଶିବିର ରେ ମହାବିଦ୍ୟାଳୟ ର ୨୦୦ ରୁ ଉର୍ଦ୍ଧ୍ୱ ଛାତ୍ରୀ ଯୋଗ ଦେଇଥିଲେ ଏବଂ ଆତ୍ମ ରକ୍ଷା ସମ୍ପର୍କ ରେ ତାଲିମ ନେଇଥିଲେ।

# କବାଡି ଟୁର୍ଣ୍ଣାମେଣ୍ଟ୍ ଉଦ୍‌ଯାପିତ: ବାଲିଆପାଳ ଚମ୍ପିଆନ

ଲଙ୍ଗଳେଶ୍ୱର, ୦୧/୧୧ (ନି.ପ୍ର): ବାଲିଆପାଳ ବ୍ଲକ ଅଧିନସ୍ଥ ନୂଆଗାଁ-କଟରାମହଲ ମାର୍କେଟ୍ ପଡିଆ ଠାରେ ୨୬ତମ ସାର୍ବଜନୀନ ଦୁର୍ଗା ପୂଜା ଉପଲକ୍ଷେ ସ୍ୱର୍ଗତଃ ଦିବାକର ପାତ୍ର ସ୍ମାରକୀ କବାଡି ଟୁର୍ଣ୍ଣାମେଣ୍ଟ ବୁଧବାର ଉଦଯାପିତ ହୋଇଯାଇଛି ।ଟୁର୍ଣାମେଣ୍ଟ ରେ ୮ଟି ଦଳ ଅଂଶଗ୍ରହଣ କରିଥିଲେ । ଫାଇନାଲ ଖେଳରେ ଭୋଗରାଇ ଦଳକୁ ହରାଇ ବାଲିଆପାଳ ଦଳ ଚମ୍ପିଆନ ହୋଇଥିଲେ । ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ମାନ୍ୟବର ବସ୍ତା ବିଧାୟିକା ଶ୍ରୀମତୀ ସୁବାସିନୀ ଜେନା ଯୋଗଦେଇ ଉଭୟ ଦଳର ଖେଳାଳିଙ୍କୁ ଉତ୍ସାହିତ କରିବା ସହ ବିଜେତା ଏବଂ ଉପବିଜେତା ଦଳକୁ ଟ୍ରଫି ପ୍ରଦାନ କରିଥିଲେ । ମୁଖ୍ୟ ଅତିଥି ଶ୍ରୀମତୀ ଜେନା ଗ୍ରାମାଞ୍ଚଳରେ ଏହିଭଳି କ୍ରୀଡ଼ା ଆୟୋଜକ କରିଥିବାରୁ ଆୟୋଜକଙ୍କୁ ଭୂୟସୀ ପ୍ରଶଂସା କରିଥିଲେ । ଉଦଯାପନୀ ଉତ୍ସବରେ ସମାଜସେବୀ ଚକ୍ରଧର ଗିରି ସଭାପତିତ୍ୱ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ଭାବେ ପୂଜା କମିଟିର ମାଲିକ ଏବଂ ଉଦ୍ୟୋକ୍ତା ସଚ୍ଚିନ୍ଦ୍ର ପାତ୍ର,ହାଟ କମିଟିର ମାଲିକ ବରେନ୍ଦ୍ର ରାଉତ, କୋଷାଧ୍ୟକ୍ଷ ରଂଜନ ବେହେରା,ଖେଳ ସଂଯୋଜକ ଅଞ୍ଜନ ଦେବନାଥ , ବରିଷ୍ଠ ନେତା ଅଜୟ କୁମାର ସାମଲ,ପରିଚାଳନା କମିଟି ସଦସ୍ୟ ପୂର୍ବତନ ସରପଞ୍ଚ ମନ୍ମଥ ଗିରି,ବିଦ୍ୟାଧର ଦଳେଇ,ପ୍ରଦୀପ ଦାସ,ନବୀନ ଦଳାଇ,ପ୍ରଶାନ୍ତ ଦାସ, ମନ୍ମଥ ଚକ୍ରବର୍ତ୍ତୀ,ଅନୀଲ ଦେବନାଥ,ସନ୍ୟାସୀ ବେହେରା, କମଳ ଲୋଚନ ବେହେରା, ଲକ୍ଷ୍ମୀକାନ୍ତ ଗିରି, ପ୍ରଶାନ୍ତ ବିଶ୍ୱାଳ, ବିକର୍ତ୍ତନ ପରିଡା, ପ୍ରାଣକୃଷ୍ଣ ବିଶ୍ୱାଳ, ତପନ ପାତ୍ର, ବିମଳ ରାଉତ, ପଦ୍ମ ଲୋଚନ ସ୍ୱାଇଁ, ଅଭିମନ୍ୟୁ ଦଳାଇ, ବିଜୟ ଦେହୁରୀ, ତପନ ପ୍ରଧାନ ପ୍ରମୁଖ କମିଟିର ବହୁ ସଦସ୍ୟ ଯୋଗ ଦେଇଥିଲେ । ଫାଇନାଲ ଖେଳକୁ ଖେଳ ଶିକ୍ଷକ କାର୍ତ୍ତିକ ଭଞ୍ଜ ଏବଂ ହେମନ୍ତ ପରିଡା ପରିଚାଳନା କରିଥିଲେ । ସ୍ୱର୍ଗତଃ ପାତ୍ରଙ୍କ ପୁଅ ଶଚୀନ୍ଦ୍ର ପାତ୍ର କବାଡି ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ସମସ୍ତ ଦାୟିତ୍ୱ ତୁଲାଇଥିଲେ ।



❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo